- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

♦VOLUME- 44 ♦ISSUE-33 ♦MONDAY ♦27 JULY 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୩୩ ♦ସୋମବାର ♦୨୭ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ଅଭିଯାନ

# ମୀରାବାଈ ଆଣିଲେ ପ୍ରଥମ ସ୍ୱର୍ଣ୍ଣ

■ **ଗ୍ଲାସଗୋ, ୨୬।୭ (ଏଜେନ୍ସି):** ମହାନ ଭାରୋତ୍ତୋଳିକା ମୀରାବାଈ ଚାନୁ ସ୍କଟଲାଣ୍ଡ ରାଜଧାନୀ ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪୮ କିଗ୍ରା ଓଜନବର୍ଗରେ ମୀରାବାଈ ଏହି ସଫଳତା ପାଇଥିଲେ। ଏଥିରେ ମୀରାବାଈ ମୋଟ୍ ୧୯୦ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯେଉଁଥିରେ ସେ ସ୍ନାଚରେ ରେକର୍ଡ ୮୫ କ୍ରିଗା ଓ କ୍ଲିନ ଆଣ୍ଡ ଜର୍କରେ ୧୦୫ କିଗ୍ରା ଭାର ସଫଳତାର ସହ ଉଠାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୧ ବର୍ଷୀୟା ମୀରାବାଈଙ୍କ ଏହା ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା ଥିଲା। ଏଥିପୂର୍ବରୁ ୨୦୧୮ ଗୋଲ୍ଡକୋଷ୍ଟ ଓ ୨୦୨୨ ବର୍ମିହାମ ସଂସ୍କରଣରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ମୀରାବାଈ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୪) ସହ ମୋଟ୍ ୪ଟି ପଦକ ବିଜୟୀ ହୋଇଛନ୍ତି। ମୀରାବାଈଙ୍କ ସ୍ୱର୍ଣ୍ଣିମ ସଫଳତା ସହ ଭାରତ ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ତାଲିକାରେ ୭ମ ସ୍ଥାନକୁ ଉଠିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ସାମିଲ ରହିଛି। ମୀରାବାଈଙ୍କ ପୂର୍ବରୁ ରବିବାର ଅପରାହ୍ଣରେ ରିଷିକାନ୍ତ ସିଂ ପୁରୁଷ ୬୦ କିଗ୍ରା ଭାରୋତ୍ତୋଳନରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଶୁକ୍ରବାର ରାତିରେ ପାରା ଶକ୍ତିଉତ୍ତୋଳକ ଝଣ୍ଟୁ କୁମାର କାଂସ୍ୟ ପଦକ ସଫଳତା ଆଣିଥିଲେ। ଯାହାକି ଭାରତ ପାଇଁ ପ୍ରଥମ ପଦକ ଥିଲା।

# ଅଧରପଣା ପାଇ ତୃପ୍ତ ହେଲେ ଅଶରୀରୀ



## ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

■ **ପୁରୀ, ୨୬।୭ (ସମିସ):** ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ସୋମବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୁଢ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ୧ ଘଣ୍ଟା ୪୨ ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୪୨ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭାଙ୍ଗିଥିଲା। ରବିବାର ଆଷାଢ ଶୁକ୍ଳ ଦ୍ୱାଦଶୀ ▶ପୃଷ୍ଠା-୭



## ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬


# ଚମକିଲେ ଜ୍ୟୋତିର୍ମୟୀ

■ **ମୁମ୍ବାଇ, ୨୬।୭ (ଏଜେନ୍ସି):** ପୁଣି ଜାତୀୟ ସ୍ତରରେ ଚମକିଲେ ଓଡ଼ିଆ ଝିଅ। ଦେଶର ଲୋକପ୍ରିୟ ସଙ୍ଗୀତଭିତ୍ତିକ ରିଆଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬'ର ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରତିଭାବାନ ଗାୟିକା ଜ୍ୟୋତିର୍ମୟୀ ନାୟକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦୀର୍ଘ ୧୦ ମାସର ସଙ୍ଗୀତ ଯାତ୍ରା ପରେ ଆୟୋଜିତ ଭବ୍ୟ ଫିନାଲେରେ ସେ ଦେଶର ବିଭିନ୍ନ ରାଜ୍ୟର ୫ଜଣ ପ୍ରତିଭାଶାଳୀ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜ୍ୟୋତିର୍ମୟୀ ଓଡ଼ିଶାରୁ ପ୍ରଥମ ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ବିଜୟିନୀ ହୋଇଛନ୍ତି। ଜ୍ୟୋତିର୍ମୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଗ୍ରାମର ଝିଅ। ଜ୍ୟୋତିର୍ମୟୀଙ୍କ ବିଜୟ ଓଡ଼ିଶାର ▶ପୃଷ୍ଠା-୭

## କେନ୍ଦ୍ର ସରକାରଙ୍କ ପରୀକ୍ଷା ସଂସ୍କାର

# ଗଠନ ହେଲା ଟାସ୍କଫୋର୍ସ

## ନେତୃତ୍ୱ ନେବେ ନନ୍ଦନ ନିଲେକାନି



### ପେପର ଲିକ୍ ବିରୋଧରେ କଠୋର ଆଇନ

### ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନା

### ଆଜି ଲୋକସଭାରେ ଆସିବ ସଂଶୋଧନ ବିଲ୍

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ନିଟ୍ ପରୀକ୍ଷା ବିଭ୍ରାଟ ପରିପ୍ରେକ୍ଷୀରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହିତ ଅନେକ କାର୍ଯ୍ୟାନୁଷ୍ଠାନ ପରେ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାର ଆଜି ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏହାସହିତ ପ୍ରଶ୍ନପତ୍ର ଲିକ୍ ବିରୋଧରେ କଠୋର ଆଇନ ପାଇଁ ଆସନ୍ତାକାଲି ଲୋକସଭାରେ ଏକ ସଂଶୋଧନ ବିଲ ଆଗତ କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ପ୍ରଶ୍ନପତ୍ର ଲିକ୍‌ରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି।

ଭାରତର ପରୀକ୍ଷା ପରିଚାଳନା ପଦ୍ଧତିକୁ ଅଧିକ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଯେଉଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଛନ୍ତି, ତାହାର ନେତୃତ୍ୱ ନେବେ ଇନଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି। ▶ପୃଷ୍ଠା-୭

## ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପ୍ରସ୍ତୁତି

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଦେଶରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ଷମା ପ୍ରାର୍ଥନା ଏବଂ ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଜୁଲାଇ ୨୦ରେ ଦିଲ୍ଲୀରେ ହୋଇଥିବା ପୁଲିସର "ବର୍ବର ଆକ୍ରମଣ' ପାଇଁ ଜବାବ ମାଗିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପେଲେଟ୍ ଗନ୍ ଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ ଗୃହମନ୍ତ୍ରୀ ଅନୁମତି ଦେଇଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀ ସାହିଲ ଲୋଚାବ ନାମକ ଜଣେ ୧୯ ବର୍ଷୀୟ ଛାତ୍ରଙ୍କୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରି ପେଲେଟ୍ ଗନ୍ ମାଡ଼ରେ ତାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ନଷ୍ଟ ହେବାକୁ ଥିବା ବିଷୟରେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରତା ନେଇ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଲୋକସଭାରେ ସରକାରଙ୍କୁ ଘେରିବାକୁ ଯୋଜନା କରିଥିବା ସୂଚନା ମିଳିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡଗେ କହିଛନ୍ତି ଯେ, ଏବେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ମାଗିବା ପାଳି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ତଥା ପେଲେଟ୍ ଗନ୍ ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ▶ପୃଷ୍ଠା-୭

## ଅବପାତ ଘନୀଭୂତ

# ଆହୁରି ୪୮ ଘଣ୍ଟା ବର୍ଷା

■ **ଭୁବନେଶ୍ୱର, ୨୬।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପନେଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ

### ଆଜି ୩ ଜିଲ୍ଲାରେ ସ୍କୁଲ ଛୁଟି

ଆହୁରି ଦୁଇ ଦିନ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପରିକି କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ▶ପୃଷ୍ଠା-୭

# ବଜ୍ରପାତ ନେଲା ୩ ଚାଷୀଙ୍କ ଜୀବନ

■ **କାମାକ୍ଷାନଗର/ରାଜବରହମପୁର, ୨୬।୭ (ସମିସ):** ରବିବାର ଅପରାହ୍ଣରେ ବଜ୍ରପାତରେ ୩ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳର ବିଲ କାମ ବେଳେ ବଜ୍ରପାତରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର ଜିଲ୍ଲ ନୀଳଗିରି ବ୍ଲକ୍ ଅଞ୍ଚଳର ଜଣେ ଚାଷୀଙ୍କ ଜୀବନ ଯାଇଛି।

ସୂଚନା ଅନୁସାରେ କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ସନ୍ତୋଷ ଦେହୁରୀ ଓ ତାଙ୍କ ପୁଅ ସତ୍ୟନାରାୟଣ ରବିବାର ଅପରାହ୍ଣରେ ଧାନ ରୋଇବାକୁ ବିଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ବିଲ ▶ପୃଷ୍ଠା-୭

# ସିଜେପି ପରେ ଇଜେପି

### ୧୦୦% ପେଟ୍ରୋଲ ଚୟନ ବିକଳ୍ପ ଦାବି

### କାର ଉପରେ ଇଥାନଲ୍ ଇନ୍ଧନର ପରୀକ୍ଷା ନିରୀକ୍ଷା ନ ହେଉ

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ନିଟ୍ ପରୀକ୍ଷା ପତ୍ର ଲିକ୍ ପରେ ଏବେ ଗାଡ଼ିର ଇନ୍ଧନ ଟାଙ୍କିକୁ ନେଇ ଚିନ୍ତିତ ଦେଶର ସାଧାରଣ ଜନତା। ଲୋକଙ୍କ ଏହି ସମସ୍ୟାକୁ ନଜରରେ ରଖି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପଦାଙ୍କ ଅନୁସରଣ କରି, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ 'ଇ-୨୦ ଜନତା ପାର୍ଟି' (ଇଜେପି) ନାମକ ଏକ ନୂତନ ଗ୍ରୁପ ଉଭା ହୋଇଛି। ଏହା ଏବେ ସରକାରଙ୍କ ନିକଟରେ ଇଥାନଲ୍-ମିଶ୍ରିତ ପେଟ୍ରୋଲ ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ବିକଳ୍ପ ଦାବି କରୁଛି। ଇ-୨୦ ପେଟ୍ରୋଲକୁ ନେଇ ସାରା ଦେଶରେ ବିବାଦ ମଧ୍ୟରେ ଏହି ନୂଆ ସୋସିଆଲ ମିଡିଆ ଗ୍ରୁପ ସୃଷ୍ଟି ହୋଇଛି। କାରଣ ବର୍ତ୍ତମାନ ଦେଶରେ ଅନେକ ବ୍ୟବହାରକାରୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ଗାଡ଼ି ମାଇଲେଜ୍ ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି।

ଇଜେପିର ଦାବି ହେଉଛି, ଲୋକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଇ-୨୦ ଇଥାନଲ୍ ମିଶ୍ରଣ ଇନ୍ଧନ ବ୍ୟବହାର ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ବିକଳ୍ପ ଦିଆଯିବା ▶ପୃଷ୍ଠା-୭

# ଚାଉଳ ପୋକମରା ଔଷଧ ଗନ୍ଧରେ ୨ ଶିଶୁ ମୃତ

### ମା' ଅସୁସ୍ଥ

■ **ଭାପୁର, ୨୬।୭ (ସମିସ):** ଚାଉଳରେ ପୋକ ନ ହେବା ପାଇଁ ପୋକମରା ଔଷଧ ଦିଆଯାଇଥିଲା। ସେହି ଗନ୍ଧରେ ଗୋଟିଏ ପରିବାରର ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ମଧ୍ୟ ଅସୁସ୍ଥ ହୋଇପଡ଼ିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମରେ ଶନିବାର ଘଟିଛି ଏହି ଅଘଟଣ। ଗ୍ରାମର ଯଦୁ ସାହୁଙ୍କ ସ୍ତ୍ରୀ ରୁବି ସାହୁ ଚାଉଳ ପୋକ ମାରିବା ପାଇଁ ପୋକମରା ଔଷଧ ଆଣି ଘରେ ରଖିଥିଲେ। ପୋକମରା ଔଷଧକୁ କଣାକରି ଘରେ ରଖି କବାଟ ଝରକା ଦେଇ ଏସି ଲଗାଇ ଦୁଇ ପୁଅ ଝିଅଙ୍କୁ ଧରି ଶୁକ୍ରବାର ରାତିରେ ରୁବି ଶୋଇଯାଇଥିଲେ। ପୋକମରା ଔଷଧ ଗନ୍ଧରେ ରୁବିଙ୍କର ବାନ୍ତି ହେବାପରେ ଦୁଇବର୍ଷର ପୁଅ ▶ପୃଷ୍ଠା-୭

## ଉତ୍ପାଦନ ହେବ ୧୦୪୦ ନିୟୁତ ୟୁନିଟ୍ ବିଜୁଳି, ଖର୍ଚ୍ଚହେବ ୧୦୮୩ ନିୟୁତ ୟୁନିଟ୍

# କାହା ସ୍ୱାର୍ଥରେ ବ୍ୟୟହେବ ୪ ହଜାର କୋଟି ?

### ବିବାଦୀୟ କମ୍ପାନୀ ସହ ଚୁକ୍ତିକୁ ନେଇ ଅଡୁଆରେ ସରକାର

### ବୁଝାମଣାକୁ ନେଇ ପ୍ରଶ୍ନ ଉଠାଇଲେ ଶକ୍ତି ସମୀକ୍ଷକ ଓ ବିରୋଧୀ

■ **ଭୁବନେଶ୍ୱର, ୨୬।୭ (ସମିସ):** ସ୍ୱଚ୍ଛ ଓ ସବୁଜ ବିଦ୍ୟୁତ ଉତ୍ପାଦନ ପାଇଁ ଶୁକ୍ରବାର ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚପିସି) ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରା ଷ୍ଟ୍ରକଚର ଲିମିଟେଡ୍ (ଏମଇଆଇଏଲ ) ସହିତ ଆନୁଷ୍ଠାନିକ ଭାବେ ଏକ ଚୁକ୍ତିନାମା ପତ୍ର (ଲେଟର ଅଫ ଇଣ୍ଟେଣ୍ଟ) ସ୍ୱାକ୍ଷର କରିଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ (ପିଏସପି) କରିବା ପାଇଁ ଉକ୍ତ ଚୁକ୍ତିନାମାଟି ସ୍ୱାକ୍ଷର ହୋଇଛି। ପ୍ରକଳ୍ପଟିକୁ ନିର୍ମାଣ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ୩୧୬୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥରେ ଅପର ଇନ୍ଦ୍ରାବତୀ ପିଏସପିରେ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ ୪ଟି ଜେନେରେଟର ସ୍ଥାପନ ହେବ ବୋଲି କୁହାଯାଇଛି। ମାତ୍ର ସରକାରଙ୍କ ଏହି ଚୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିରୋଧୀ ରାଜନୈତିକ ଦଳ। ଅନ୍ୟ ରାଜ୍ୟରେ ବିବାଦୀୟ ଓ ଖିଲାପୀ ସଂସ୍ଥା ସହ ବୁଝାମଣା କରିବାକୁ ସରକାର କାହିଁକି ଆଗ୍ରହ ପ୍ରକାଶ କଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗରେ ଓଏଚପିସି ଦାଖଲ କରିଥିବା ସତ୍ୟପାଠ ଅନୁସାରେ ପ୍ରକଳ୍ପରୁ ବାର୍ଷିକ ୧ ହଜାର ୪୦ ନିୟୁତ ୟୁନିଟ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ଥିବାବେଳେ ସେଥିପାଇଁ ୧ ହଜାର ୨୮୩ ନିୟୁତ ୟୁନିଟ ବ୍ୟବହାର ହେବ। ଅର୍ଥାତ ପ୍ରକଳ୍ପରୁ ଯେତିକି ବିଦ୍ୟୁତ ଉତ୍ପାଦନ ହେବ ତାହା ଠାରୁ ଅଧିକ ୨୪୩ ନିୟୁତ ୟୁନିଟ ପ୍ରକଳ୍ପରେ ଖର୍ଚ୍ଚ ହେବ। ▶ପୃଷ୍ଠା-୭




# ଅଖିଳେଶଙ୍କୁ ମେଣ୍ଟ ପାଇଁ ପ୍ରସ୍ତାବ ଦେଲେ ଓୱେସୀ

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସୀ ସମାଜବାଦୀ ପାର୍ଟି (ଏସ୍‌ପି) ସଭାପତି ଅଖିଳେଶ ଯାଦବଙ୍କୁ ମେଣ୍ଟର ପ୍ରସ୍ତାବ ଦେଇଛନ୍ତି। ମୋରାଦାବାଦର ଏକ ସଭାରେ ଭାଷଣ ଦେଇ ସେ କହିଛନ୍ତି, ବିଜେପିକୁ ପୁଣିଥରେ କ୍ଷମତାକୁ ଆସିବାରୁ ରୋକିବା ପାଇଁ ସେ ସମାଜବାଦୀ ପାର୍ଟି ସହ ମିଶି କାମ କରିବାକୁ ପ୍ରସ୍ତୁତ। ଓୱେସୀ କହିଛନ୍ତି, 'ମୁଁ ପୂର୍ବରୁ ମଧ୍ୟ କହିଛି ଏବଂ ପୁଣି କହୁଛି, ଉତ୍ତରପ୍ରଦେଶରେ ବିଜେପି ପୁଣି ସରକାର ଗଠନ କରୁ ବୋଲି ଆମେ ଚାହୁଁନାହୁଁ। ମୁଁ ହାତ ମିଳାଇବାକୁ ପ୍ରସ୍ତୁତ, ମେଣ୍ଟ କରିବାକୁ ପ୍ରସ୍ତୁତ। ଏବେ ଆଲୋଚନା କରନ୍ତୁ, କିନ୍ତୁ ନିର୍ବାଚନ ସରିବା ପରେ ଯେପରି କାନ୍ଦିବେ ନାହିଁ।' ବିଜେପି ପକ୍ଷରୁ ଲାଗୁଥିବା 'ବି-ଟିମ୍' ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି, ଏଆଇଏମ୍‌ଆଇଏମ୍‌ର ସଂଗ୍ରାମ କୌଣସି ଧର୍ମ ବିରୋଧରେ ନୁହେଁ, ବରଂ ସମ୍ମାନ, ଅଧିକାର ଓ ନ୍ୟାୟ ପାଇଁ। ଅଖିଳେଶ ଯାଦବଙ୍କ ସହ ବସି ଅଧିକାର ଓ ନ୍ୟାୟର ପ୍ରସଙ୍ଗରେ ଆଲୋଚନା କରିବାକୁ ସେ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି। ତେବେ ଏଆଇଏମ୍‌ଆଇଏମ୍ ସହ ମେଣ୍ଟ କରିବା ନେଇ ସମାଜବାଦୀ ପାର୍ଟି କୌଣସି ପ୍ରତିକ୍ରିୟା ଦେଇନାହିଁ। ଉଭୟ ଦଳ ସମାନ ଭୋଟ୍ ବ୍ୟାଙ୍କକୁ ଲକ୍ଷ୍ୟ କରୁଥିବାରୁ ଏହି ପ୍ରସ୍ତାବ ଉପରେ ଏସ୍‌ପି କିପରି ନିଷ୍ପତ୍ତି ନେବ, ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।



# ଆଉ ନିର୍ବାଚନ ଲଢ଼ିବେନି ସିଦ୍ଧରମୈୟା

ବେଙ୍ଗାଲୁରୁ,୨୬।୭(ଏଜେନ୍ସି): କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧରମୈୟା ୨୦୨୮ ମସିହାରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ବୟସାଧିକ୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ରାଜନୀତିରେ ବୃଦ୍ଧି ପାଉଥିବା ଦୁର୍ନୀତିକୁ କାରଣ ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ୭୯ ବର୍ଷୀୟ ଏହି ନେତା ଜଣାଇଛନ୍ତି ଯେ, ଆଗାମୀ ନିର୍ବାଚନ ସମୟକୁ ତାଙ୍କୁ ୮୧-୮୨ ବର୍ଷ ହୋଇଥିବ। ଶରୀର ପୂର୍ବ ଭଳି ସହାୟତା ଦେଉନଥିବାରୁ ଏବଂ ଆଜିକାଲିର ନିର୍ବାଚନୀ ରାଜନୀତି ଅତ୍ୟନ୍ତ କଲୁଷିତ ହୋଇଯାଇଥିବାରୁ ସେ କୌଣସି ନିର୍ବାଚନୀ ପଦବୀ ପାଇଁ ଲଢ଼ିବେ ନାହିଁ। ତେବେ ସେ ପ୍ରତ୍ୟକ୍ଷ ନିର୍ବାଚନରୁ ଓହରି ଗଲେ ମଧ୍ୟ ସକ୍ରିୟ ରାଜନୀତିରେ ରହି ଜନସାଧାରଣଙ୍କ ସେବା ଓ ସେମାନଙ୍କ ସ୍ୱର ହୋଇ କାର୍ଯ୍ୟ କରିବା ଜାରି ରଖିବେ।



# ପଞ୍ଜାବ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେପି

ଚଣ୍ଡିଗଡ଼,୨୬।୭(ଏଜେନ୍ସି): କେନ୍ଦ୍ରୀ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ପଞ୍ଜାବରେ ପେପର ଲିକ୍ ପ୍ରସଙ୍ଗକୁ ନେଇ ରାଜନୀତି ତୀବ୍ର ହୋଇଛି। ବିଜେପି ପଞ୍ଜାବର ଶିକ୍ଷାମନ୍ତ୍ରୀ ହରଜୋତ ସିଂହ ବୈନ୍ସଙ୍କ ଇସ୍ତଫା ଦାବି କରିଥିବାବେଳେ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଓ ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ୱାରିଂ ପଞ୍ଜାବରେ ପିଏସ୍‌ଇବି ପରୀକ୍ଷା, ପିଏସ୍‌ଟିଇଟି, ନାଏବ ତହସିଲଦାର ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷାରେ ପେପର ଲିକ୍ ଏବଂ ଅନିୟମିତତା ଘଟିଥିବା ଅଭିଯୋଗ କରି ଶିକ୍ଷାମନ୍ତ୍ରୀଙ୍କ ନୈତିକ ଦାୟିତ୍ୱରେ ଇସ୍ତଫା ଦାବି କରିଛନ୍ତି। ଏହାର ଜବାବରେ ଭଗବନ୍ତ ମାନ କହିଛନ୍ତି, ଗତ ସାଢେ ଚାରି ବର୍ଷରେ ପଞ୍ଜାବରେ ଗୋଟିଏ ବି ପେପର ଲିକ୍ ହୋଇନାହିଁ। କେବଳ ଦୁଇଟି ସ୍ଥାନରେ ନକଲ ଉଦ୍ୟମ ଧରାପଡ଼ିଥିଲା ଏବଂ ୧୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ କହିଛନ୍ତି, ପେପର ଲିକ୍ ନେଇ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ ଓ ଭୁଲ୍ ପ୍ରଚାର। ଆମ୍ ଆଦମୀ ପାର୍ଟି ମଧ୍ୟ ବିଜେପି ଓ କଂଗ୍ରେସ ଉପରେ ମିଥ୍ୟା ଅଭିଯୋଗ କରି ଲୋକଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରୁଥିବା ଅଭିଯୋଗ ଆଣିଛି।

# ନିର୍ବାଚନ ଲଢ଼ିବା ବୟସ ୨୧ କରିବାକୁ ତେଲଙ୍ଗାନାର ପ୍ରସ୍ତାବ

ହାଇଦରାବାଦ,୨୬।୭(ଏଜେନ୍ସି): ଲୋକସଭା ଓ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ସର୍ବନିମ୍ନ ବୟସ ସୀମାକୁ ୨୫ ବର୍ଷରୁ ୨୧ ବର୍ଷକୁ ହ୍ରାସ କରିବା ପ୍ରସ୍ତାବ ଆଣିବାକୁ ତେଲଙ୍ଗାନା ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ଅଗଷ୍ଟ ପ୍ରଥମ ସପ୍ତାହରେ ବିଧାନସଭା ଓ ବିଧାନ ପରିଷଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଏହି ପ୍ରସ୍ତାବ ପାରିତ କରାଯିବ। ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ ହାଇଦରାବାଦରେ ଆୟୋଜିତ ଏକ କ୍ୟାଣ୍ଡେଲ୍ ରାଲିରେ ଯୋଗଦେଇ ରେବନ୍ତ ରେଡ୍ଡୀ କହିଛନ୍ତି, ଦେଶର ପ୍ରାୟ ୩୦ ପ୍ରତିଶତ ଜନସଂଖ୍ୟା ଯୁବବର୍ଗ ହୋଇଥିଲେ ମଧ୍ୟ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ୧ ପ୍ରତିଶତରୁ କମ୍। ସେ କହିଛନ୍ତି, ୨୧ ବର୍ଷ ବୟସର ଯୁବକମାନେ ଆଇଏଏସ୍, ଆଇପିଏସ୍, ମେୟର ଓ ଜିଲ୍ଲା ପରିଷଦ ସଭାପତି ହୋଇପାରୁଥିବାବେଳେ ବିଧାୟକ କିମ୍ବା ସାଂସଦ ହେବାର ସୁଯୋଗ ମଧ୍ୟ ପାଇବା ଉଚିତ୍। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ।



# ଇନ୍‌ଷ୍ଟା ବଦଳାଇଲା ଆନ୍ଦୋଳନର ଧାରା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):

ଦୀର୍ଘଦିନ ଧରି ଦେଶର ଯୁବପିଢ଼ିକୁ ସାମାଜିକ ଗଣମାଧ୍ୟମ ଓ ମୋବାଇଲ୍ ଫୋନ୍‌ରେ ବ୍ୟସ୍ତ ରହୁଥିବା ଏକ ଅସଚେତନ ଗୋଷ୍ଠୀ ଭାବେ ଦେଖାଯାଉଥିଲା। କିନ୍ତୁ ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଯନ୍ତରମନ୍ତରରେ ହୋଇଥିବା ଆନ୍ଦୋଳନ ।।ସେହି ଦୃଷ୍ଟିକୋଣକୁ ବଦଳାଇଛି। ବିନା ରାଜନୀତି ଏବଂ ବିନା ସଂଗଠନରେ ସମାଜରେ ସଂସ୍କାର ଲାଗି ଇନଷ୍ଟାଗ୍ରାମ ସାମାଜିକ ଗଣମାଧ୍ୟମ କିପରି ଅସ୍ତ୍ର ରୂପେ ବ୍ୟବହାର ହୋଇପାରିବ, ତାହାର ଉଦାହରଣ ସୃଷ୍ଟି କରିଛି ଯନ୍ତର ମନ୍ତର ଆନ୍ଦୋଳନ। ବେକାର ଯୁବଗୋଷ୍ଠୀକୁ ପ୍ରଧାନ ବିଚାରପତି ଅସରପା ସହ ତୁଳନା କରିବା ପରେ ଆମେରିକାରେ ରହୁଥିବା ଭାରତୀୟ ଯୁବକ ଅଭିଜିତ ଦିପକେ ଏହାକୁ ତାଙ୍କର ଇନଷ୍ଟାଗ୍ରାମରେ ବ୍ୟଙ୍ଗାତ୍ମକ ଭାବେ ପୋଷ୍ଟ କରିଥିଲେ। ଦେଶର ବେକାର ଓ ଅଳସୁଆ ଯୁବ ଗୋଷ୍ଠୀକୁ ନେଇ ବ୍ୟଙ୍ଗାତ୍ମକ ଭାବେ କକ୍ରୋଚ ଜନତା ପାର୍ଟି ଗଠନ କଥା କହିଥିଲେ। ତାଙ୍କର ଏହି ବ୍ୟଙ୍ଗ ଭାରତୀୟ ଯୁବପିଢ଼ିକୁ ଏମିତି ଛୁଇଁଲା ଯେ ଇନଷ୍ଟାରେ ଯେମିତି ବିସ୍ଫୋରଣ ହେବାକୁ ଲାଗିଲା। ଚାହୁଁଚାହୁଁ କକ୍ରୋଚ ପାର୍ଟିର ଇନଷ୍ଟା ପେଜରେ ଫଲୋଅର ସଂଖ୍ୟା ୨୨ ନିୟୁତ ଟପିଗଲା। ଦୀର୍ଘ ଦିନ ଧରି ନିଜ ମନ ଭିତରେ ଚାପି ରଖିଥିବା ଅସନ୍ତୋଷକୁ ଯୁବ ଗୋଷ୍ଠୀ ମେମେ, ବ୍ୟଙ୍ଗ ଏବଂ ରିଲ୍ସ ଜରିଆରେ ପ୍ରକାଶ କରିବାକୁ ଲାଗିଲେ। କକ୍ରୋଚ୍ ପାର୍ଟିର ଇନଷ୍ଟା ପେଜ୍ ହଟାଇବା ଲାଗି ଉଦ୍ୟମ ଏହାକୁ ଆହୁରି ଲୋକପ୍ରିୟ କରିଥିଲା। ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ ଲାଗି ଆନ୍ଦୋଳନ ଉଦ୍ଦେଶ୍ୟରେ ଅଭିଜିତ୍ ଜୁନ୍ ୬ ତାରିଖରେ ଦିଲ୍ଲୀରେ ପଦାର୍ପଣ କରିବା ସମୟରେ ସେ ଭାବିନଥିଲେ ଯେ ତାଙ୍କର ଏହି ଛୋଟ ବ୍ୟଙ୍ଗରୁ ଏତେ ବଡ଼ ଆନ୍ଦୋଳନ ହେବ। ସରକାର ମଧ୍ୟ ବୋଧହୁଏ ଏପରି କଳ୍ପନା କରିନଥିଲେ। ଯନ୍ତର ମନ୍ତରରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ବିଶେଷ ଗଣମାଧ୍ୟମରେ ବିଶେଷ ଗୁରୁତ୍ୱ ଦିଆଯାଇନଥିଲା। ତେବେ ଇନଷ୍ଟାଗ୍ରାମ ଜରିଆରେ ଯନ୍ତର ମନ୍ତରରେ ଯୁବଗୋଷ୍ଠୀକୁ ଏକାଠି କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ପାରମ୍ପରିକ ଗଣମାଧ୍ୟମ ବଦଳରେ କକ୍ରୋଚ୍ ପାର୍ଟି ଯୁବଗୋଷ୍ଠୀକୁ ଏକାଠି ଓ ଶୃଙ୍ଖଳିତ କରିବା ଲାଗି ଇନଷ୍ଟାଗ୍ରାମର ସହାୟତା ନେଇଥିଲେ। ଇନଷ୍ଟା ଜରିଆରେ ସ୍ଲୋଗାନ ଓ ପ୍ରତିବାଦର ଯୋଜନା ପ୍ରସ୍ତୁତ କରାଯିବା ସହିତ ଆନ୍ଦୋଳନର ରୂପରେଖ ଏହି ଇନଷ୍ଟା ଜରିଆରେ କରାଯାଇଥିଲା।

ଏଥିରୁ ୬ଟି ଶିକ୍ଷା ମିଳିଲା। ପ୍ରଥମଟି ହେଲା ଯେଉଁ ସାମାଜିକ ଗଣମାଧ୍ୟମକୁ ବ୍ୟର୍ଥ ବୋଲି କୁହାଯାଉଥିଲା, ତାହାହିଁ ସଂଗଠିତ ହେବାର ମୁଖ୍ୟ ହାତିଆର ପାଲଟିଲା। ଇନଷ୍ଟାଗ୍ରାମ୍ ଭିଡିଓ, ମିମ୍ ଏବଂ ୟୁଟ୍ୟୁବ୍ ପ୍ରସାରଣ ଜରିଆରେ କୌଣସି ରାଜନୈତିକ ଦଳ ଅପେକ୍ଷା ଅଧିକ ଦ୍ରୁତ ଗତିରେ ତଥ୍ୟ ପହଞ୍ଚିପାରିଲା। କୌଣସି ବଡ଼ ନେତା ନୁହଁନ୍ତି, ବରଂ ଭବିଷ୍ୟତକୁ ନେଇ ଚିନ୍ତିତ ସାଧାରଣ ଛାତ୍ରମାନେ ଏହାର ନେତୃତ୍ୱ ନେଇଥିଲେ। ଦ୍ୱିତୀୟଟି ହେଲା ।।ଯେ ଶିକ୍ଷା ହିଁ ମୁଖ୍ୟ ପ୍ରସଙ୍ଗ ବୋଲି ଜଣାପଡ଼ିଲା। ତୃତୀୟଟି ହେଲା ଜନମତକୁ ସର୍ବଦା ଅସ୍ୱୀକାର କରି ଶାସନ ଚାଲିପାରିବ ନାହିଁ। ଚତୁର୍ଥଟି ହେଲା ବ୍ୟକ୍ତିକେନ୍ଦ୍ରିକ ନୁହେଁ, ଗୋଷ୍ଠୀଗତ ନେତୃତ୍ୱ ମଧ୍ୟ ସଫଳ ହୋଇପାରେ। ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଆନ୍ଦୋଳନ ଦ୍ୱାରା ଦେଶର ଶାସକବର୍ଗଙ୍କୁ ଶୁଣିବାକୁ ବାଧ୍ୟ କରାଯାଇପାରିବ, ତାହା ଏହି ସଂଗ୍ରାମ ପ୍ରମାଣିତ କରିଛି। ମୁଖ୍ୟସ୍ରୋତର ଗଣମାଧ୍ୟମ ଏହି ବିଦ୍ରୋହକୁ ପ୍ରଥମେ ପ୍ରାଧାନ୍ୟ ଦେଇନଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ୍ ମାଧ୍ୟମ ଜରିଆରେ ଏହି ସ୍ୱର ଦେଶବ୍ୟାପୀ ପହଞ୍ଚିପାରିଲା। ଛୋଟ ଛୋଟ ଭିଡିଓ ସନ୍ଦେଶ ଦ୍ୱାରା ମଧ୍ୟ ଦେଶର ରାଜନୈତିକ ଚିନ୍ତାଧାରାକୁ ବଦଳାଯାଇପାରିବ, ତାହା ସ୍ପଷ୍ଟ ହୋଇଯାଇଛି।

**ଜେନ୍-ଜି ଆନ୍ଦୋଳନରୁ ୬ଟି ବଡ଼ ଶିକ୍ଷା**

# ୭୨ ଘଣ୍ଟାରେ ବଦଳିଗଲା ସମୀକରଣ

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେଶର ରାଜନୈତିକ ଓ ଶିକ୍ଷା କ୍ଷେତ୍ରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶ୍ନପତ୍ର ଲିକ୍ ପରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ହେଁ କେନ୍ଦ୍ର ସରକାର ତାହାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ତାଙ୍କ ଇସ୍ତଫା ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ଏହାପରେ ଯନ୍ତରମନ୍ତର ସମେତ ଉତ୍ତରପ୍ରଦେଶ, ବିହାର, ପଞ୍ଜାବ ଓ ଅନ୍ୟରାଜ୍ୟରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।

ଜାତୀୟସ୍ତରର କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ ୨୨ ତାରିଖ ରାତିରେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ ନିଷ୍ପତ୍ତି ନିଆଯାଇଥିଲା। ସେହିଦିନ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଦୁଇ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ଓ ଜିତେନ୍ଦ୍ର ସିଂହଙ୍କ ସହ ଆର୍‌ଏସ୍‌ଏସ୍ ସରକାର୍ଯ୍ୟବାହୀ ଦତ୍ତାତ୍ରେୟ ହସବୋଲେ, ସହ ସରକାର୍ଯ୍ୟବାହୀ ଅରୁଣ କୁମାର ଓ କୃଷ୍ଣ ଗୋପାଳଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବିଜେପି କାର୍ଯ୍ୟାଳୟ ଓ ସଂଘ କାର୍ଯ୍ୟାଳୟ ପରିବର୍ତ୍ତେ ଅନ୍ୟତ୍ର ଅନୁଷ୍ଠିତ ଏହି ବୈଠକରେ ବିସ୍ତୃତ ଭାବରେ ଛାତ୍ର ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଗୋପନ ବୈଠକରେ ପ୍ରଧାନମନ୍ତ୍ରୀ ନିଜେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପ୍ରସାରିତ କରିବେ ଓ ଦ୍ୱିତୀୟଟି ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତଦନୁସାରେ ବିଳମ୍ବିତ ରାତିରେ ପ୍ରଧାନମନ୍ତ୍ରୀ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭିଡ଼ିଓ ଅପଲୋଡ଼ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ନଡ୍ଡା ଓ ଜିତେନ୍ଦ୍ର ସିଂହ ଆଲୋଚନା ପ୍ରସ୍ତାବକୁ ଗ୍ରହଣ କରି କନ୍‌ଷ୍ଟିଚ୍ୟୁସନ କ୍ଲବରେ ଦୁଇ ଛାତ୍ର ନେତାଙ୍କ ସହ ଆଲୋଚନା କରିଥିଲେ ବୋଲି କୁହାଯାଉଛି।

ଅନ୍ୟଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ କକ୍ରୋଚ୍ ପାର୍ଟି ଆନ୍ଦୋଳନ ଆରମ୍ଭ ହେବାଦିନ ଠାରୁ ଧର୍ମେନ୍ଦ୍ର ଇସ୍ତଫା ଦେବାକୁ ଚାହିଁଥିଲେ। ମାତ୍ର ସରକାର ସମସ୍ୟାର ସମାଧାନ ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରାଥମିକତା ଦେଇ ତାଙ୍କୁ ଦାୟିତ୍ୱରେ ରହିବାକୁ କହିଥିଲେ। ତେଣୁ ସରକାର ଶିକ୍ଷା ସଚିବଙ୍କୁ ବିଦା କରିବା ସହିତ ରାତାରାତି ଏନଟିଏର ୪୭ ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଏହାର କକ୍ରୋଚ୍ ପାର୍ଟି ନେତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା।

**ଦୁଇଥର ପ୍ରତ୍ୟାଖ୍ୟାନ ହୋଇଥିଲା ଧର୍ମେନ୍ଦ୍ରଙ୍କ ଇସ୍ତଫା**



ସେମାନେ ଜଣାଇଦେଇଥିଲେ ଯେ ଧର୍ମେନ୍ଦ୍ର ଇସ୍ତଫା ନଦେଲେ ସେମାନେ ପ୍ରଧାନମନ୍ତ୍ରୀଙ୍କର ଇସ୍ତଫା ଦାବି କରିବେ। ଏଥିପାଇଁ ସେମାନେ ସରକାରଙ୍କୁ ୭୨ ଘଣ୍ଟାର ସମୟ ଦେବା ସହିତ ଚେତାବନୀ ଦେଇଥିଲେ ଯେ ଏହି ସମୟ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ସେମାନେ ପୁଣି 'ସଂସଦ ଚଲୋ' ଭଳି ବୃହତ୍ ପ୍ରତିବାଦ ଯାତ୍ରା ବାହାର କରିବେ। ଏହାକୁ ନେଇ ସରକାର ଅଡୁଆରେ ପଡ଼ିଯାଇଥିଲେ।

ଗୁଇନ୍ଦା ବିଭାଗ ମଧ୍ୟ ରିପୋର୍ଟ ଦେଇଥିଲା ଯେ ଜୁଲାଇ ୨୦ କାର୍ଯ୍ୟାନୁଷ୍ଠାନ ପରେ ଆନ୍ଦୋଳନକାରୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଯନ୍ତର ମନ୍ତରରେ ଭିଡ଼ ବଢ଼ିବାରେ ଲାଗିଛି। ଏହାସହିତ ଦେଶସାରା ଆନ୍ଦୋଳନ ମଧ୍ୟ ବ୍ୟାପିବାରେ ଲାଗିଛି। ଏଭଳି ସ୍ଥଳରେ ଆନ୍ଦୋଳନକାରୀ ପୁଣି ସଂସଦ ଆଡ଼କୁ ଆସିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଗୁଇନ୍ଦା ରିପୋର୍ଟ ଏବଂ କକ୍ରୋଚ୍ ପାର୍ଟିର ଜିଦ୍ ଯୋଗୁଁ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ କରିବାକୁ ସ୍ଥିର କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁପାରିସ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧର୍ମେନ୍ଦ୍ରଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ।

# ଏହା କେବଳ ଆରମ୍ଭ ମାତ୍ର: ଅଭିଜିତ୍



ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଏବଂ ସରକାର ଅନ୍ୟ ଦାବିଗୁଡ଼ିକୁ ମାନିନେବା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ଆନ୍ଦୋଳନ ପ୍ରତ୍ୟାହୃତ କରିଛି। ଏହି ସଫଳତା ପରେ ପାର୍ଟିର ସଂସ୍ଥାପକ ତଥା ୩୦ ବର୍ଷୀୟ ଅଭିଜିତ୍ ଦୀପକେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ଜାରି କରି ସମସ୍ତ ସମର୍ଥକଙ୍କୁ ଧନ୍ୟବାଦ ଜଣାଇବା ସହ ଏହାକୁ 'କେବଳ ଆରମ୍ଭ' ବୋଲି ଆଖ୍ୟା ଦେଇଛନ୍ତି। ଆନ୍ଦୋଳନର ୩୭ ଦିନ ଅତ୍ୟନ୍ତ କଷ୍ଟକର ଥିଲା ବୋଲି ଦୀପକେ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ପରେ ଆଜି ସକାଳେ କୌଣସି ଚିନ୍ତା ନଥାଇ ଶାନ୍ତିରେ ଶୋଇ ଉଠିଥିବା କଥା ସେ କହିଛନ୍ତି। ଟାଇଫଏଡ୍‌ରେ ପୀଡ଼ିତ ଥିବା ସତ୍ତ୍ୱେ ଦୀପକେ ଯନ୍ତରମନ୍ତରରେ ଏକାଠି ହୋଇଥିବା ସମସ୍ତ ଯୁବପିଢ଼ି ଓ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ସମାଲୋଚକଙ୍କୁ ଉତ୍ତର ଦେଇ ସେ କହିଛନ୍ତି ଯେ ସମାଲୋଚନା ହିଁ ସେମାନଙ୍କୁ ଭୁଲ ସୁଧାରିବାକୁ ଏବଂ ଆନ୍ଦୋଳନକୁ ସଫଳ କରିବାରେ ସାହାଯ୍ୟ କରିଛି। ଚଳିତ ବର୍ଷ ମେ' ମାସରେ ଏକ ବ୍ୟଙ୍ଗାତ୍ମକ ପ୍ରତିକ୍ରିୟାରୁ ଆରମ୍ଭ ହୋଇଥିବା ଏହି 'କକ୍ରୋଚ୍ ଜନତା ପାର୍ଟି' କମ୍ ସମୟ ମଧ୍ୟରେ ଦେଶର ଲକ୍ଷ ଲକ୍ଷ ଜେନ୍-ଜି (ଯୁବପିଢ଼ି)ଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିପାରିଥିଲା। ସରକାରଙ୍କ ପ୍ରତିଶ୍ରୁତି ପରେ ବିକ୍ଷୋଭ ଶେଷ ହୋଇଛି। ତେବେ ସିଜେପିର ଆଗାମୀ ଯାତ୍ରା ଏତିକିରେ ସରିନାହିଁ ଏବଂ ଆଗକୁ ଏହା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦା ତଥା ସମସ୍ୟା ଉପରେ କାର୍ଯ୍ୟ କରିବ ବୋଲି ଦୀପକେ ସ୍ପଷ୍ଟ କରିଛନ୍ତି।


# ନିଟ୍ ପ୍ରତିବାଦ ମାମଲାରେ ତେଜ ପ୍ରତାପ ଗିରଫ

ପାଟନା/କୋଲକାତା, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧୀ ପ୍ରତିବାଦରେ ସମ୍ପୃକ୍ତି ଅଭିଯୋଗରେ ବିହାରର ପୂର୍ବତନ ମନ୍ତ୍ରୀ ଏବଂ ଜନଶକ୍ତି ଜନତା ଦଳ (ଜେଜେଡି) ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କୁ ପୁଲିସ ଗିରଫ କରିଛି। ଜୁଲାଇ ୨୫ ସନ୍ଧ୍ୟାରେ ପାଟନାର ଏକ ମଲ୍‌ରୁ ତାଙ୍କୁ ଗିରଫ କରାଯାଇଥିଲା, ଯେତେବେଳେ ଏଫ୍‌ଆଇଆର୍ ପରଦିନ ରୁଜୁ ହୋଇଥିଲା। ପୁଲିସ ଅଭିଯୋଗ କରିଛି ଯେ, ତେଜ ପ୍ରତାପଙ୍କ କାର୍ଯ୍ୟକଳାପ ଯୋଗୁଁ ନିଟ୍ ପ୍ରତିବାଦ ଉଗ୍ର ହୋଇ ସରକାରୀ ସମ୍ପତ୍ତିର କ୍ଷତି ଘଟିଥିଲା। ତାଙ୍କୁ ରବିବାର ଅଦାଲତରେ ହାଜର କରାଯିବା ପରେ ନ୍ୟାୟିକ ହେପାଜତକୁ ପଠାଯାଇଛି। ଜନ ସୁରାଜ ପାର୍ଟିର ସଂସ୍ଥାପକ ପ୍ରଶାନ୍ତ କିଶୋର ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ସମର୍ଥନ କରିଥିବାରୁ ତେଜ ପ୍ରତାପଙ୍କୁ ଗିରଫ କରାଯାଇଛି। ସେପଟେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପଶ୍ଚିମବଙ୍ଗରେ ପୁଲିସ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ଓ ୧୪ ଜଣଙ୍କୁ ଗିରଫ କରିଛି।

**ପ୍ରତିଶ୍ରୁତି ସତ୍ତ୍ୱେ ଗିରଫଦାରୀ, କୋଲକାତାରେ ଚଢ଼ଉ**



# ୧୩ ଦିନ ପରେ ଆକ୍ରମଣ ସ୍ଥଗିତ ରଖିଲେ ଟ୍ରମ୍ପ



ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଇରାନ ଉପରେ କ୍ରମାଗତ ୧୩ ଦିନ ଧରି ଚାଲିଥିବା ସାମରିକ ଆକ୍ରମଣକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। କୂଟନୈତିକ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ପେଣ୍ଟାଗନ୍‌ରେ ମିସାଇଲ୍ ସଂରକ୍ଷଣ ହ୍ରାସ ପାଇବା ଏହି ନିଷ୍ପତ୍ତିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଅନୁସାରେ, ସାମରିକ ଆକ୍ରମଣର ସୀମା ପହଞ୍ଚିସାରିଛି ଏବଂ ଏବେ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବା ଆମେରିକାର ମୁଖ୍ୟ ଲକ୍ଷ୍ୟ। ମଧ୍ୟପ୍ରାଚ୍ୟରେ ମୁତୟନ ଆମେରିକୀୟ ସେନା ପାଖରେ 'ପାଟ୍ରିଓଟ୍' ଆକାଶ ପ୍ରତିରକ୍ଷା ମିସାଇଲ୍‌ର ଅଭାବ ଦେଖାଦେଇଛି। ନିକଟରେ ୧,୨୦୦ରୁ ଅଧିକ ମିସାଇଲ୍ ବ୍ୟବହାର ହୋଇସାରିଥିବାରୁ ଅଧିକ ଆକ୍ରମଣ କଲେ ଯୁଦ୍ଧାସ୍ତ୍ରର ଘୋର ଅଭାବ ହେବ ବୋଲି ପେଣ୍ଟାଗନ୍ ଅଧିକାରୀମାନେ ଚେତାବନୀ ଦେଇଥିଲେ। ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ସାମରିକ ନେତାମାନେ ଯୁଦ୍ଧକୁ ବ୍ୟାପକ ନକରିବା ପାଇଁ ଟ୍ରମ୍ପଙ୍କୁ ପରାମର୍ଶ ଦେଇଥିଲେ। ହର୍ମୁଜ୍ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଓମାନର ଏକ ପ୍ରତିନିଧି ଦଳ ତେହରାନ୍‌ରେ ପହଞ୍ଚି ଆଲୋଚନା ଆରମ୍ଭ କରିଛନ୍ତି। ଯଦିଓ ବର୍ତ୍ତମାନ ପାଇଁ ଆକ୍ରମଣ ସ୍ଥଗିତ ରହିଛି, ତଥାପି ଆମେରିକା ନିଜର ସାମରିକ ବିକଳ୍ପ ସମ୍ପୂର୍ଣ୍ଣ ବନ୍ଦ କରିନାହିଁ। କୂଟନୈତିକ ଆଲୋଚନା ବିଫଳ ହେଲେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିଛି।

**ସରିଗଲା କ୍ଷେପଣାସ୍ତ୍ର ?**

# ଶତ୍ରୁ ଷଡ଼ଯନ୍ତ୍ରର ଜବାବ ଦେବାକୁ ଭାରତୀୟ ସେନା ପ୍ରସ୍ତୁତ

ଦ୍ରାସ,୨୬।୭(ଏଜେନ୍ସି):

କାର୍ଗିଲ ବିଜୟ ଦିବସର ୨୭ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶନିବାର ଲଦାଖର ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। 'ଶୌର୍ଯ୍ୟ ସନ୍ଧ୍ୟା' କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଭାରତ ବିରୋଧରେ ଅନୁପ୍ରବେଶ ଓ ପ୍ରକ୍ସି ଯୁଦ୍ଧର ଷଡ଼ଯନ୍ତ୍ର ଏବେ ବି ଜାରି ରହିଛି, କିନ୍ତୁ ଦେଶର ସଶସ୍ତ୍ର ବାହିନୀ ପ୍ରତ୍ୟେକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜନାଥ ସିଂହ କହିଛନ୍ତି, ସରକାର ସଶସ୍ତ୍ର ବାହିନୀର ଆଧୁନିକୀକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ଓ ନବସୃଜନ ମାଧ୍ୟମରେ ଭାରତୀୟ ସେନାକୁ ବିଶ୍ୱର ସର୍ବଶ୍ରେଷ୍ଠ ସେନାରେ ପରିଣତ କରିବା ଲକ୍ଷ୍ୟ ରହିଛି। ସେ କହିଛନ୍ତି, 'ଭାରତ ନବସୃଜନର ନୂଆ ନୂଆ ପଥ ଖୋଜୁଛି। ଯଦି କୌଣସି ଶତ୍ରୁ ଭାରତର ସୁରକ୍ଷାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ, ତାହାର ଉଚିତ୍ ଜବାବ ଦେବା ପାଇଁ ଆମର ସଶସ୍ତ୍ର ବାହିନୀ ସର୍ବଦା ପ୍ରସ୍ତୁତ।' ପ୍ରତିରକ୍ଷାମନ୍ତ୍ରୀ ସେନାରୁ 'ବଡ଼ା ଖାନା' ପରମ୍ପରାର ପ୍ରଶଂସା କରି କହିଛନ୍ତି, ଏହା ଅଧିକାରୀ ଓ ଯବାନଙ୍କ ମଧ୍ୟରେ ଏକତା ଓ ଦଳଗତ ଭାବନାକୁ ମଜବୁତ କରେ। ସେ ଦ୍ରାସରେ ଯବାନମାନଙ୍କ ସହ ଭୋଜନ ମଧ୍ୟ କରିଥିଲେ।



# ଚୀନରେ ବାତ୍ୟା 'ନୋଉଲ୍' ତାଣ୍ଡବ

ବେଜିଂ,୨୬।୭(ଏଜେନ୍ସି): ଚୀନର ଦକ୍ଷିଣ ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ରବିବାର ଟାଇଫୁନ୍ ତଥା ବାତ୍ୟା 'ନୋଉଲ୍' ସ୍ଥଳଭାଗ ଛୁଇଁବା ପରେ ପ୍ରବଳ ବର୍ଷା ଓ ଝଡ଼ ପବନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗାନସୁ ପ୍ରଦେଶରେ ଆକସ୍ମିକ ବନ୍ୟାରେ ଅତିକମରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦକ୍ଷିଣ ଚୀନରେ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଛି। ହୁଇଝୋଉ ସହର ନିକଟରେ ଘଣ୍ଟାପ୍ରତି ୧୬୨ କିଲୋମିଟର ବେଗର ପବନ ସହ ଟାଇଫୁନ୍ ସ୍ଥଳଭାଗ ଅତିକ୍ରମ କରିଥିଲା। ଏହା ପରେ ୪୧୦ରୁ ଅଧିକ ବିମାନ ଓ ୧୫୦ଟି ହାଇସ୍ପିଡ୍ ଟ୍ରେନ୍ ସେବା ବାତିଲ୍ କରାଯାଇଥିଲା। ହଂକଂରେ ୨୮ଟି ଅସ୍ଥାୟୀ ଆଶ୍ରୟକେନ୍ଦ୍ର ଖୋଲାଯାଇଛି। ଚୀନ ସରକାର ଗୁଆଙ୍ଗଡୋଙ୍ଗରେ ଲେଭେଲ-୪ ଜାତୀୟ ବିପର୍ଯ୍ୟୟ ରିଲିଫ୍ ବ୍ୟବସ୍ଥା ଲାଗୁ କରିଥିବାବେଳେ ଫୁଜିଆନ୍, ଜିଆଙ୍ଗସି, ହେନାନ୍, ହୁବେଇ, ହୁନାନ୍ ଓ ଗୁଆଙ୍ଗସି ପ୍ରଦେଶରେ ମଧ୍ୟ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇଛି।



**ଆକସ୍ମିକ ବନ୍ୟାରେ ୧୦ ମୃତ, ଶହ ଶହ ବିମାନ, ଟ୍ରେନ୍ ବାତିଲ୍**

# ରଡ୍ କାରଖାନାରେ ବିସ୍ଫୋରଣ; ୪ ଶ୍ରମିକ ମୃତ

ସିଲଚର,୨୬।୭(ଏଜେନ୍ସି): ଆସାମର କାଛାର ଜିଲ୍ଲାର ଏକ ରଡ୍ ନିର୍ମାଣ କାରଖାନାରେ ରବିବାର ଘଟିଥିବା ଭୟଙ୍କର ବିସ୍ଫୋରଣରେ ଅତିକମରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶ୍ରମିକ ଆହତ ହୋଇଛନ୍ତି। ଉଧାରବନ୍ଦ ଥାନା ଅନ୍ତର୍ଗତ ପାଙ୍ଗ୍ରାମ ସ୍ଥିତ କେଡେ ଗ୍ଲୋବାଲ୍ ଇନଫ୍ରାଷ୍ଟ୍ରକଚର୍ ଏଲଏଲପି କାରଖାନାରେ ପୂର୍ବାହ୍ନ ପ୍ରାୟ ୧୧.୩୦ଟାରେ ଏହି ବିସ୍ଫୋରଣ ଘଟିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣା ପରେ ପୁଲିସ, ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। କାରଖାନା ଭିତରେ ଆହୁରି ଶ୍ରମିକ ଥିବା ଆଶଙ୍କା କରାଯାଉଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅଧିକାରୀମାନେ କହିଛନ୍ତି।



## ପ୍ରଶାସନିକ ବିଳମ୍ବର କରୁଣ ପରିଣତି

# ଭତ୍ତା ପାଇବାର ଦିନକ ଆଗରୁ ଆଖି ବୁଜିଲେ ଦିବ୍ୟାଙ୍ଗ ଶିଶୁ

ଥୁଆମୂଳ ରାମପୁର,୨୬।୭(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନ ଅଡ୍ରୀ ପଞ୍ଚାୟତର ଟାଙ୍ଗରୀ ଗ୍ରାମର ଏକ ଘଟଣା ଏବେ ପ୍ରଶାସନିକ ଅବ୍ୟବସ୍ଥାକୁ ପଦାରେ ପକାଇଛି। ଉକ୍ତ ଗ୍ରାମର ଜନ୍ମରୁ ଭିନ୍ନକ୍ଷମ ଥିବା ସୁନୀଲ(୭)ଙ୍କୁ ପ୍ରାୟ ଦୁଇବର୍ଷ ପୂର୍ବରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା। ନିୟମ ଅନୁଯାୟୀ ସେ ସାମାଜିକ ସୁରକ୍ଷା ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବାରମ୍ବାର ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟ ଦୌଡ଼ିବା ପରେ ମଧ୍ୟ ତାଙ୍କୁ ଭତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ଗତ ମେ'୨୫ରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜୁଲାଇ ୨ ତାରିଖରେ ପ୍ରଶାସନ ପକ୍ଷରୁ ସୁନୀଲଙ୍କ ଭତ୍ତା ମଞ୍ଜୁର କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ, ସରକାରୀ ସହାୟତା ହାତକୁ ଆସିବା ପୂର୍ବରୁ ୩ ତାରିଖରେ ସୁନୀଲଙ୍କ ମୃତ୍ୟୁ ଘଟିଛି। ଫଳରେ ଜଣେ ଯୋଗ୍ୟ ହିତାଧିକାରୀ ଜୀବନ୍ତ ଅବସ୍ଥାରେ ସରକାରୀ ସହାୟତାର ସୁଫଳ ପାଇପାରିଲେ ନାହିଁ। ସୁନୀଲଙ୍କ ବାପା ଉଦେ ମାଝୀ ଜଣେ ଅତି ଗରିବ ଆଦିବାସୀ ପରିବାରର ହୋଇଥିବାରୁ ପୁଅର ଚିକିତ୍ସା ଓ ଦେଖାଶୁଣା କରିବାରେ ଅନେକ କଷ୍ଟ ସହିଥିଲେ। ଯଦି ସମୟରେ ଭତ୍ତା ମିଳିଥାନ୍ତା, ପରିବାରକୁ କିଛି ଆର୍ଥିକ ସହାୟତା ମିଳିପାରିଥାନ୍ତା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ଘଟଣା ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ହେଉଥିବା ବିଳମ୍ବ ଓ ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି। ଦୁର୍ଗମ ଅଞ୍ଚଳର ଅନେକ ଯୋଗ୍ୟ ଭିନ୍ନକ୍ଷମ, ବୃଦ୍ଧ ଓ ଅସହାୟ ହିତାଧିକାରୀ ବର୍ଷ ବର୍ଷ ଧରି ଭତ୍ତା ପାଇଁ ଅପେକ୍ଷା କରୁଥିବା ବେଳେ, କେତେକ କ୍ଷେତ୍ରରେ ସହାୟତା ମିଳିବା ପୂର୍ବରୁ ସେମାନଙ୍କ ଜୀବନ ଦୀପ ଲିଭିଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ପ୍ରଶାସନକୁ ଏପରି ଘଟଣାରୁ ଶିକ୍ଷା ନେଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନର ତୁରନ୍ତ ଯାଞ୍ଚ କରି ସମୟମଧ୍ୟରେ ଭତ୍ତା ପ୍ରଦାନ କରିବା ସହ ଦୁର୍ଗମ ଅଞ୍ଚଳରେ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତାକୁ ଅଧିକ ସକ୍ରିୟ କରିବାକୁ ଦାବି କରିଛନ୍ତି। ସୁନୀଲଙ୍କ ମୃତ୍ୟୁ କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ପ୍ରଶାସନିକ ବିଳମ୍ବର ଏକ କଠୋର ବାସ୍ତବତାକୁ ସାମ୍ନାକୁ ଆଣିଛି।

# ୭ ଦିନରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନ ଦେଲେ ଓଡ଼ିଶା ବନ୍ଦ

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟକୁ ପୁଣି ଫେରିଛି ପୁସ୍ତକ ତ୍ରୁଟି ପ୍ରସଙ୍ଗ। ଜେନ-ଜି ଆନ୍ଦୋଳନ ଯୋଗୁଁ କିଛି ଦିନ ହେବ ଏହି ଚର୍ଚ୍ଚିତ ପ୍ରସଙ୍ଗ ଥମିଯାଇଥିବା ବେଳେ ପୁଣି ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀ ଉଦ୍ୟମ ଆରମ୍ଭ କରିଛନ୍ତି। ଏମିତି କି ୭ ଦିନ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେଲେ ରାସ୍ତାକୁ ମଧ୍ୟ ଜେନ-ଜୀ ଆନ୍ଦୋଳନ ଆରମ୍ଭ ହେଲେ ଆନ୍ଦୋଳନର ସବୁ ଖର୍ଚ୍ଚ କଂଗ୍ରେସ ବହନ କରିବ । ଜେନ୍-ଜୀ ଆନ୍ଦୋଳନ ପରେ ବିଜେପିର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି ଏବଂ ସରକାରର ପତନ ଏବେ ସୁନିଶ୍ଚିତ। ବିଜେପି ସରକାର ଗରିବଙ୍କ ପାଇଁ ଥିବା ଯୋଜନାକୁ ବନ୍ଦ କରିଦେଇଛି ଏବଂ ଯୁବ ସମାଜକୁ ଅଣଦେଖା କରିଛି। ଯୁବକମାନେ

## ରାସ୍ତାକୁ ଓହ୍ଲାଇବ କଂଗ୍ରେସ, ଜୋରଦାର ହେବ ଆନ୍ଦୋଳନ

ଓହ୍ଲାଇବା ପାଇଁ କଂଗ୍ରେସ ଧମକ ଦେଇଛି। ଏହି ପ୍ରସଙ୍ଗରେ ଓଡ଼ିଶା ବନ୍ଦ ଡାକରା ଦିଆଯିବା ସହ ରାଜରାସ୍ତାରେ ଜୋରଦାର ଲଢ଼େଇ ହେବ ବୋଲି ଦଳ କହିଛି।

ନିଟ୍ ପେପର ଲିକ୍ ଓ ଏହାକୁ ନେଇ ଆନ୍ଦୋଳନ ପରେ ରବିବାର କେନ୍ଦ୍ରଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏହାପରେ ନୂଆ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ପ୍ରହ୍ଲାଦ ଯୋଶୀ ନେଇଛନ୍ତି । ପୂର୍ବ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ପରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ। ରାଜ୍ୟରେ ଆଜି ନିଜ ହକ୍ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ପିଲାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ନେଇ ସାରା ଦେଶରେ ବିଜେପି ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ଭକ୍ତ ଦାସ କହିଛନ୍ତି। ସେ ସରକାରଙ୍କୁ ଏକ ସପ୍ତାହର ସମୟ ଦେଇ କହିଛନ୍ତି ଯେ, ଯଦି ଆଗାମୀ ୭ ଦିନ ଭିତରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନଦିଅନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ କରାଯିବ ବୋଲି ସେ କହିଛନ୍ତି।

## ବିଇଡି କଲେଜରେ ନିଯୁକ୍ତି ଦୁର୍ନୀତି

# ଯୋଗ୍ୟ ହେବାକୁ ୧୬୦ ଅଧ୍ୟାପକଙ୍କ ଆବେଦନ

ଭୁବନେଶ୍ୱର, ୨୬।୭(ସମିସ): ଏମ୍ଇଡି ଯୋଗ୍ୟତା ନ ଥାଇ ବିଇଡି କଲେଜରେ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍ଇଡି କରିବାକୁ ବିଭାଗ ପାଖରେ ଇଚ୍ଛାପତ୍ର ଦାଖଲ କରିଛନ୍ତି। ସମସ୍ତ ଅଯୋଗ୍ୟ ଅଧ୍ୟାପକଙ୍କୁ ଏମ୍ଇଡି ପଢ଼ାଇବାକୁ ଯୋଜନା ହୋଇଥିବାବେଳେ ଦିବାକର ପଟ୍ଟନାୟକ ଇଷ୍ଟିଚ୍ୟୁଟ୍ ଇନ୍ ଆଡଭାନସଡ୍ ଏଜୁକେସନ୍ କଲେଜର ୪ ଜଣ, କୋରାପୁଟ୍‌ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୫ ଜଣ ମଧ୍ୟ ଏମ୍ଇଡି କରିବାକୁ ନିଜର ଇଚ୍ଛାପତ୍ର ଅଧ୍ୟକ୍ଷଙ୍କ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିଛନ୍ତି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍ଇଡି କରିବାକୁ ଇଚ୍ଛାପତ୍ର ଦାଖଲ କରିଥିବାରୁ ଏହି ସମସ୍ତ ଅଧ୍ୟାପକ

- ବଲାଙ୍ଗିରରୁ ସର୍ବାଧିକ ୧୧, ବ୍ରହ୍ମପୁରରେ ୪ ଓ କୋରାପୁଟ୍‌ରେ ୫
- ଚିଠି ପ୍ରଘଟ ଆଶଙ୍କା; ହ୍ୱାଟସ୍ଆପ୍‌ରେ ନିର୍ଦ୍ଦେଶ ଦେଉଛନ୍ତି ଅଧିକାରୀ
- ଇଚ୍ଛାପତ୍ର ମାଗିବା ଉଚ୍ଚଶିକ୍ଷା ବିଭାଗ ପାଇଁ ହୋଇପାରେ ଆତ୍ମଘାତୀ

ରାଜ୍ୟର ଏକାଧିକ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ଦୃଢ଼ୀଭୂତ ହୋଇଛି।

ଉଚ୍ଚଶିକ୍ଷା ବିଭାଗ ଗତ ୨୧ ତାରିଖରେ ଏମ୍ଇଡି କରି ନଥିବା ଅଧ୍ୟାପକଙ୍କ ତାଲିକା ମାଗିବା ସହ ୨୪ ତାରିଖ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତଦନୁଯାୟୀ ବଲାଙ୍ଗିର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ୧୧ ଜଣ ଅଧ୍ୟାପକଙ୍କ ସମ୍ମତି ପତ୍ର ଦାଖଲ କରାଯାଇଛି। ସେହିପରି ବ୍ରହ୍ମପୁରସ୍ଥିତ ଅଯୋଗ୍ୟ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ଅପରପକ୍ଷରେ ଶିକ୍ଷକ ନିଯୁକ୍ତି ଦୁର୍ନୀତିକୁ ଘୋଡ଼ାଇବା ପାଇଁ ଅଧିକାରୀମାନେ ଆଉ ଏକ ସରଳ ଉପାୟ ବାହାର କରିଛନ୍ତି। ଆଉ ସରକାରୀ ଚିଠି ନୁହେଁ, ବରଂ ହ୍ୱାଟସ୍ଆପ୍ ମାଧ୍ୟମରେ ନିର୍ଦ୍ଦେଶ ଦେଉଛନ୍ତି। ଶିକ୍ଷକ ଶିକ୍ଷା ବିଭାଗରେ ଥିବା ଜଣେ ଅଧିକାରୀ ଏ ସଂକ୍ରାନ୍ତ ସମସ୍ତ ଚିଠି ଓ ଦ୍ୱନ୍ଦର ସ୍ପଷ୍ଟିକରଣ ହ୍ୱାଟସ୍ଆପ୍ ମାଧ୍ୟମରେ ରଖୁଛନ୍ତି। ଏପରିକି କୌଣସି ତଥ୍ୟ ଓ ନିର୍ଦ୍ଦେଶ ଯେପରି ବାହାରକୁ ନ ଯାଏ, ସେଥିପାଇଁ ତାଗିଦ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏତେ ପରିମାଣର ଅଧ୍ୟାପକ ଏମ୍ଇଡି କରିବାକୁ ଯିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ସଙ୍କଟ ହେବ। ସେହି ଅନୁସାରେ ଏନ୍‌ସିଟିଇ ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର କରିବାର ଆଶଙ୍କା ସୃଷ୍ଟି ହୋଇଛି।


ଅପରପକ୍ଷରେ ଏମ୍ଇଡି କରିବା ପାଇଁ ଅଧ୍ୟାପକଙ୍କ ଇଚ୍ଛାପତ୍ର ମାଗିବାକୁ ଉଚ୍ଚଶିକ୍ଷା ବିଭାଗର ଆତ୍ମଘାତୀ ପଦକ୍ଷେପ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଏନ୍‌ସିଟିଇ ରିପୋର୍ଟ ମାଗିଥିବାବେଳେ ଏବେ ସରକାର ଆଉ ଲୁଚାଇ ପାରିବେ ନାହିଁ। ବରଂ ଏମ୍ଇଡି କରି ନ ଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ସରକାର ନ ଦେଲେ ଅଧିକ ଅଡୁଆରେ ଛନ୍ଦି ହେବେ। ପୂର୍ବରୁ କିପରି ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଦେଇ ସ୍ୱୀକୃତି ହାତେଇଥିଲେ, ତାକୁ ନେଇ ଏନ୍‌ସିଟିଇ ଅଧିକ କଠୋର ହେବା ସହ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

# ଆଜିଠୁ +୩ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର, ୨୬।୭(ସମିସ): ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ମହାବିଦ୍ୟାଳୟରେ +୩ ପାଠପଢ଼ା ଆରମ୍ଭ ହେବ। ନାମଲେଖା ପ୍ରକ୍ରିୟା ସରି ନ ଥିବାବେଳେ ପ୍ରଥମ ଦୁଇଟି ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ପ୍ରଥମ ଦିନରୁ ନିୟମିତ ଶ୍ରେଣୀରେ ଯୋଗଦେବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ପ୍ରଥମ ଦିନରୁ ଉପସ୍ଥାନ ଓ ପାଠପଢ଼ାକୁ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୧୦୫୫ଟି କଲେଜରେ ପ୍ରାୟ ୨ ଲକ୍ଷ ୮୭ ହଜାର ସିଟ୍ ଥିବାବେଳେ ୨ ଲକ୍ଷ ୩୭ ହଜାର ୨ଶହ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଆସନ୍ତା ୨୯ ତାରିଖରେ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ।







ସକାଳ THE SAKALA



www.sakalaepaper.com

# ଲୋୟର ସୁକତେଲର ୪ ସ୍ପିଲୱେ ଗେଟ୍ ଖୋଲିଲା

**ବଲାଙ୍ଗିର, ୨୬।୭ (ସମିସ)**

ବଲାଙ୍ଗିର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ଲୋୟର ସୁକତେଲ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଶନିବାର ଉପରମୁଣ୍ଡରେ ପ୍ରବଳ ବର୍ଷା ପ୍ରଭାବରେ ଜଳସ୍ତର ବଢ଼ିଛି। ଉପରମୁଣ୍ଡ ଅଞ୍ଚଳରେ ଅବିରତ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ବହୁ ପରିମାଣର ପାଣି ପ୍ରବେଶ

**ତଳମୁଣ୍ଡ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ**

**ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସିତ**

କରୁଛି। ଏଣୁ ପ୍ରକଳ୍ପ କର୍ତ୍ତୃପକ୍ଷ ସୁରକ୍ଷା ଦୃଷ୍ଟିରୁ ୪ଟି ସ୍ପିଲୱେ ଗେଟ୍ ଖୋଲିଛନ୍ତି। ନିୟନ୍ତ୍ରିତ ଭାବେ ଜଳ ନିଷ୍କାସନ ଆରମ୍ଭ କରିଛନ୍ତି। ରବିବାର ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଜଳଭଣ୍ଡାରର ଜଳସ୍ତର ୨୦୦.୫୭ ମିଟରରେ ପହଞ୍ଚିଛି। ୪ଟି ଗେଟ୍ ଦେଇ ଚଳିତ ବର୍ଷର ପ୍ରଥମ ବନ୍ୟଜଳ ନିଷ୍କାସନ କରାଯଇଛି। ପ୍ରକଳ୍ପରେ ବର୍ତ୍ତମାନ ୬୦୦ କ୍ୟୁସେକ ଜଳ ପ୍ରବେଶ ହେଉଥିବା ବେଳେ ୫୫୦ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଏହା ଫଳରେ ଜଳଭଣ୍ଡାରର ଜଳସ୍ତରକୁ ସୁରକ୍ଷିତ ସୀମା ମଧ୍ୟରେ ରଖିବା ପାଇଁ କର୍ତ୍ତୃପକ୍ଷ ନିରନ୍ତର ନଜର ରଖିଛନ୍ତି। ତଳମୁଣ୍ଡରେ ଜଳସ୍ତର ୧୮୦.୩୦ ମିଟର ରହିଥିବା ସୂଚନା ମିଳିଛି। କିଛି ଦିନ ହେଲା ନିୟମିତ ବର୍ଷା କାରଣରୁ ସୁକତେଲ ନଦୀର ଜଳପ୍ରବାହ ମଧ୍ୟ ବୃଦ୍ଧି ପାଇଛି। ଜଳଭଣ୍ଡାରର ସୁରକ୍ଷା ଏବଂ ତଳମୁଣ୍ଡ



ଅଞ୍ଚଳରେ ଅକସ୍ମାତ ବନ୍ୟା ପରିସ୍ଥିତିକୁ ଏଡ଼ାଇବା ପାଇଁ ନିୟନ୍ତ୍ରିତ ଭାବେ ଜଳ ଛଡ଼ାଯାଉଛି। ଯଦି ଉପର ଜଳଧାରଣ ଅଞ୍ଚଳରେ ବର୍ଷାର ପରିମାଣ ଆହୁରି ବଢେ ତେବେ ପ୍ରବେଶ କରୁଥିବା ଜଳର ପରିମାଣ ମଧ୍ୟ ବଢ଼ିପାରେ। ସେହି ପରିସ୍ଥିତିରେ ପ୍ରକଳ୍ପ କର୍ତ୍ତୃପକ୍ଷ ଆବଶ୍ୟକତା ଅନୁଯାୟୀ ଅଧିକ ସ୍ପିଲୱେ ଗେଟ୍ ଖୋଲିବା କିମ୍ବା ଜଳ ନିଷ୍କାସନ ପରିମାଣ ବଢ଼ାଇବାକୁ ପଦକ୍ଷେପ ନେଇପାରନ୍ତି। ଜଳ ନିଷ୍କାସନ ଆରମ୍ଭ ହେବା ପରେ ସୁକତେଲ ନଦୀର ତଳମୁଣ୍ଡ ଅଞ୍ଚଳରେ ଜଳପ୍ରବାହ ବୃଦ୍ଧି ପାଇଥିବାରୁ ପ୍ରଶାସନ ସତର୍କତା ଜାରି କରିଛି। ନଦୀକୂଳବର୍ତ୍ତୀ ଗ୍ରାମର ଲୋକମାନଙ୍କୁ ନଦୀକୂଳକୁ ଅନାବଶ୍ୟକ ଯିବା, ମାଛ ଧରିବା, ଗାଧୋଇବା କିମ୍ବା ନଦୀ ପାର ହେବାରୁ ବିରତ ରହିବାକୁ କୁହାଯାଇଛି। ବିଶେଷକରି ଶିଶୁମାନଙ୍କୁ ନଦୀ ନିକଟକୁ ନ ଯିବା ପାଇଁ ଅଭିଭାବକମାନଙ୍କୁ ସଚେତନ କରାଯାଇଛି। ଜିଲ୍ଲା ପ୍ରଶାସନ, ଜଳସେଚନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିତ ଭାବେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ବର୍ଷାର ପରିମାଣ, ଜଳଭଣ୍ଡାରର ଜଳସ୍ତର ଏବଂ ନଦୀରେ ଜଳପ୍ରବାହକୁ ପ୍ରତି ମୁହୂର୍ତ୍ତରେ ସମୀକ୍ଷା କରାଯାଉଛି। ଏନେଇ ତାଳମୁଣ୍ଡ ଗାଁ ଗୁଡିକ ଥିବା ଅଞ୍ଚଳରେ ସ୍ଥାନୀୟ ପ୍ରଶାସନକୁ ସଜାଗ ରହିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଲୋୟର ସୁକତେଲ ପ୍ରକଳ୍ପ ବଲାଙ୍ଗିର ଜିଲ୍ଲାର କୃଷି ଓ ଜଳସେଚନ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ଷା ଋତୁରେ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ପାଣି ସଂରକ୍ଷଣ ହେଲେ ରବି ଓ ଖରିଫ ଚାଷ ପାଇଁ ଏହା ବହୁତ ଉପକାରୀ ହୋଇଥାଏ। ଚଳିତ ବର୍ଷ ଆରମ୍ଭରୁ ଭଲ ବର୍ଷା ହେଉଥିବାରୁ ଚାଷୀମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ଜଳଭଣ୍ଡାରରେ ଜଳ ପରିମାଣ ବୃଦ୍ଧି ପାଇବା ଆଗାମୀ ଦିନରେ ସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି କୃଷି ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି। ଚଳିତ ବର୍ଷ ଡ୍ୟାମକୁ ପୂର୍ଣ୍ଣଗର୍ଭା ରଖିବା ପାଇଁ ନିଷ୍ପତ୍ତି ହୋଇଛି। ଏବେ ବି କୁମିଆପାଲିରେ କିଛି ପରିବାର ବିସ୍ଥାପିତ ହୋଇନାହାନ୍ତି; ଯାହାକୁ ଦୃଷ୍ଟିରେ ରଖାଯାଇଛି। ଜଳସ୍ତର ବୃଦ୍ଧି ସହିତ ସତର୍କତା ମଧ୍ୟ ସମାନ ଭାବରେ ଆବଶ୍ୟକ। ଗତ କିଛି ବର୍ଷର ଅନୁଭବକୁ ଦେଖି ପ୍ରଶାସନ କୌଣସି ପ୍ରକାରର ଅବହେଳା କରିବାକୁ ଚାହୁଁନାହିଁ। ସେଥିପାଇଁ ଜଳଭଣ୍ଡାରର ପ୍ରତ୍ୟେକ ତଥ୍ୟକୁ ନିରନ୍ତର ସମୀକ୍ଷା କରାଯାଉଛି। ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନିଆଯାଉଛି। ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ଗୁଜବରେ ବିଶ୍ୱାସ ନ କରି କେବଳ ସରକାରୀ ସୂଚନାକୁ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଥିବା ବେଳେ ଜଳଭଣ୍ଡାରର ସୁରକ୍ଷିତ ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଆଗାମୀ କିଛି ଦିନ ବର୍ଷାର ସ୍ଥିତି ଉପରେ ଲୋୟର ସୁକତେଲ ପ୍ରକଳ୍ପର ଜଳସ୍ତର ଏବଂ ଗେଟ୍ ପରିଚାଳନା ନିର୍ଭର କରିବ।

# ସମସ୍ୟାରେ ଶିଆଳଯୋର ଚାଷୀ, ବୁଣାକାର



**ବଲାଙ୍ଗିର, ୨୬।୭ (ସମିସ):** ଶିଆଳଯୋର ଅଞ୍ଚଳର ଲୋକ ମୁଖ୍ୟତଃ ଚାଷ ଓ କପଡ଼ା ବୁଣା ଉପରେ ନିର୍ଭର କରିଥାନ୍ତି; କିନ୍ତୁ ଏଠାରେ ଉଭୟ ସମ୍ପ୍ରଦାୟ ଘୋର ଅସୁବିଧାରେ ଅଛନ୍ତି। ଏମାନଙ୍କ ସମସ୍ୟା ପ୍ରତି ସରକାର ଗୁରୁତର ସହ ଧ୍ୟାନ ଦେବା ଦରକାର। ଦେଓଗାଁ ବ୍ଲକ ବ୍ରାହ୍ମଣୀ ପଞ୍ଚାୟତର ଶିଆଳଯୋର ଗ୍ରାମରେ ଲୋକଙ୍କ ସହ ଆଲୋଚନାରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ ଏହା କହିଛନ୍ତି। ଶ୍ରୀ ମିଶ୍ରଙ୍କ ସହ ଆଲୋଚନା ବେଳେ ଲୋକେ ସାରର କଳାବଜାର ନେଇ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷ କରି ଡିଏପି ସାରର ଦାମ ୧୩୫୦ ଟଙ୍କା ରହିଛଇ; ହେଲେ ଖୋଲାବଜାରରେ ସେହି ସାର ୨୪୫୦ ଟଙ୍କାରେ କଳାବଜାର କରାଯାଉଛି। ବ୍ୟବସାୟୀମାନେ ଜାଣିଶୁଣି ସାରର ଅଭାବ ଦେଖାଇ ଆହୁରି ଚଢାଦରରେ ବିକିବାକୁ ଷଡଯନ୍ତ୍ର କରୁଛନ୍ତି। କୃଷି ସମବାୟ ବିଭାଗରେ ଯେତେ ଅଭିଯୋଗ କଲେ ହେଁ ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନାହିଁ। ଏ ଅଞ୍ଚଳର ବୁଣାକାରମାନେ ମଧ୍ୟ ସମଦଶା ଭୋଗୁଛନ୍ତି। ବୁଣାକାରଙ୍କ ପାଇଁ ମଙ୍ଗା ଓ ଘର ଋଣ ପ୍ରଦାନ କରାଯାଇଛି; କିନ୍ତୁ ବୁଣାକାରମାନେ ଘର ତିଆରି କରି ସାରିଥିଲେ ହେଁ ସେମାନଙ୍କୁ ସେମାନଙ୍କ ଘର ତିଆରି ଟଙ୍କା ପ୍ରଦାନ କରାଯାଇ ନାହିଁ। ମଙ୍ଗଘରକୁ ବୟନ ଓ ହସ୍ତତନ୍ତ ବିଭାଗ ବିଜୁଳି ଓ ଇନଭର୍ଟର ପ୍ରଦାନ କରରିବାର ବ୍ୟବସ୍ଥା ଥିଲେ ହେଁ ଅନେକ ଲୋକ ଏଥିରୁ ବଞ୍ଚିତ ଅଛନ୍ତି। ଗାଁରେ ବିଜୁଳି ବ୍ୟାଘାତ, ଟ୍ରାନ୍ସଫରମର ଅସୁବିଧା ଅତିଶିଘ୍ର ସମାଧାନ ପାଇଁ ବିଜୁଳି ବିଭାଗ ସହ ଶ୍ରୀ ମିଶ୍ର ଫୋନ ଯୋଗେ କଥା ହୋଇ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି ଆଲୋଚନା ବେଳେ ପ୍ରହଲ୍ଲାଦ ନାଗ, ସନ୍ତୋଷ ବାରିକ, ଚନ୍ଦ୍ରଶେଖର ବାରିକ, ପଞ୍ଚାନନ ବାରିକ, ଅରୁଣ ଛତ୍ରିଆ, ଦେବାଧର ବାରିକ, ଧାକୁଲୁ ବାରିକ, ଗଜାରୁ ନନ୍ଦ, ଗୋପବନ୍ଧୁ ବାରିକ, ରଘୁମଣି ବାରିକ, ଗୋବିନ୍ଦ ବାରିକ, ଭୁବନେ ପାତ୍ର, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, କାନ୍ତେଶ୍ୱର ପଧାନ, ପ୍ରମୋଦ ସାହୁ, ଅସିତ ମିଶ୍ରଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଯୁଧିଷ୍ଠିର ମହାବିଦ୍ୟାଳୟରେ ଭାବ ବିନିମୟ

**ବଲାଙ୍ଗିର, ୨୬।୭ (ସମିସ):** କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶିବରାମ ତ୍ରିପାଠୀ ଏବଂ ପରୀକ୍ଷା ନୀରିକ୍ଷକ ଧୀରେନ୍ଦ୍ର ନାଏକ ବଲାଙ୍ଗିର ଯୁଧିଷ୍ଠିର ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଅଧ୍ୟକ୍ଷ ସଞ୍ଜୀବ ପଧାନ, ଅଧ୍ୟାପକ ସାର୍ଥକ ରଥ, ନିଳିମା ମିଶ୍ର, ସୁଶିଲ ଦୀପ, ଆଲିସା ପରବିନ୍, କୃଷ୍ଣଚନ୍ଦ୍ର ପଟେଲ, କୁଶଳ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଜୟକୃଷ୍ଣ ମିଶ୍ର, ଆଶିଷ ପାଣ୍ଡେ, ସୌରୀ କୁମାର ସାହୁ, ସୁଦାମ ପଣ୍ଡା, ବିଶ୍ୱଜିତ ପୁରୋହିତ, ସୁନାଲି ପଟେଲ, ଅଙ୍କିତ ନାଏକ, ଜଶସ୍ୱୀ ସାହୁ, ଆକାଶ ଦର୍ଜୀ, ମିହିର ପଟ୍ଟନାୟକ, ରୋହନ ମହାନ୍ତି, ପ୍ରତ୍ୟୁଷ କର, ଉମେଶ ଭାଟି, ପ୍ରୀତମ ପରିଜା, ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରମୁଖ ଛାତ୍ରଛାତ୍ରୀ କୁଳପତିଙ୍କୁ ସ୍ୱାଗତ କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖୁଟୁଲୁମୁଣ୍ଡାରେ ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ

**କଣ୍ଟାବାଞ୍ଜି, ୨୬।୭ (ସମିସ):** ବଲାଙ୍ଗୀର କଣ୍ଟାବାଞ୍ଜି ଥାନା ଅଧୀନ ଖୁଟୁଲୁମୁଣ୍ଡାରେ ଜଣେ ଯୁବକଙ୍କ ସନ୍ଦେହ ଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଟୁଲୁମୁଣ୍ଡା ଗାଁର ଗୁନସାଗର୍ ପାତ୍ର (୪୦)। ରବିବାର ରାତିରେ ଅସୁସ୍ଥ ହେତୁ ସେ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଡାକ୍ତରଖାନାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ କଣ୍ଟାବାଞ୍ଜି ଥାନାକୁ ଯାଇଥିଲେ। ଶବ ବ୍ୟବଛେଦ ନ କରି ମୃତଦେହ ନେଇଯିବାକୁ ଥାନାରେ ଜଣାଇଥିଲେ। ପୁଲିସ୍ ମଧ୍ୟ ତାଙ୍କ କଥାରେ ସହମତି ହୋଇଥିଲା।

# ଦ୍ୱିତୀୟ ବୁଦ୍ଧ ଗୁରୁ ପଦ୍ମ ସମ୍ଭବଙ୍କ ଜୟନ୍ତୀ

**ବଲାଙ୍ଗିର, ୨୬।୭ (ସମିସ):** ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ସମ୍ମିଳନୀ କକ୍ଷରେ ଅଭିନନ୍ଦନ ସାହିତ୍ୟ ପରିଷଦ ତରଫରୁ ଦ୍ୱିତୀୟ ବୁଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭବେ ଇଂ ବେଲାର ସିଂ ଭୋଇ, ମୁଖ୍ୟବକ୍ତା ଭାବେ ଗିରିଜା ଶଙ୍କର ରଥ, ସମ୍ପାଦକ ଧିରେନ୍ଦ୍ର ନାରାୟଣ ସିଂଦେଓ ମଞ୍ଚାସୀନ ଥିଲେ। ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ମାଲଗୋଦାମ ପଡ଼ା ପ୍ରାଥମିକ ବିଦାଳୟଠାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ ଦେଇ ସମ୍ମାନିତ କରିଥିଲେ। ବକ୍ତାଗଣ ନିଜ ନିଜ ବକ୍ତବ୍ୟରେ ଦ୍ୱିତୀୟ ବୁଦ୍ଧ ଗୁରୁ ପଦ୍ମ ସମ୍ଭବଙ୍କ ଜନ୍ମ ପଶ୍ଚିମ ଓଡ଼ିଶାର ଝାରସୁଗୁଡା ଜିଲ୍ଲାର ପଦ୍ମପୁର ଗ୍ରାମରେ ହୋଇଥିବା ବେଳେ ନିଜର ଅସାଧାରଣ ଧିଶକ୍ତି ବଳରେ ସେ ବୌଦ୍ଧ ଧର୍ମର ତାନ୍ତ୍ରିକ ମତବାଦକୁ ପଲ୍ଲବିତ କରିଥିଲେ। ତିବ୍ବତରେ ଲାମା ସମ୍ପ୍ରଦାୟ ସୃଷ୍ଟି କରିବା ସହ ସମଗ୍ର ଏସିଆରେ ଶାନ୍ତି ସହାବସ୍ଥାନର ମାର୍ଗ ପ୍ରଦର୍ଶନ କରିଥିଲେ। ତାଙ୍କ ଜନ୍ମସ୍ଥାନକୁ ଏକ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବା ସହ କରୁଣା ଓ ମୈତ୍ରୀର ବାଣୀ ସମଗ୍ର ସମାଜରେ ପହଞ୍ଚାଇବାର ବ୍ୟବସ୍ଥା କରିବା ପାଇଁ ମତବ୍ୟକ୍ତ କରିଥିଲେ। ପ୍ରଶନ୍ନ ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଫେସର ତରୁଣ ମିଶ୍ର, ପର୍ଶୁରାମ ନାୟକ, ଡ. ଭବାନୀ ଶଙ୍କର ପଟେଲ, ମନୋରଞ୍ଜନ ସାହୁ, ରତ୍ନମୟ ତ୍ରିପାଠି, ପୁରୁଷୋତ୍ତମ ପଣ୍ଡା, ରାଜଶ୍ରୀ ତ୍ରିପାଠୀ, କୃଷ୍ଣଚନ୍ଦ୍ର ମହାକୁର, ଗରୁଡଧ୍ୱଜ ସାଏ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ନିହାରିକା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ତରଭା ଅଞ୍ଚଳରେ ୯ ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ

**ତରଭା, ୨୬।୭ (ସମିସ):** ଶନିବାର ରାତିରେ ତରଭା ଅଞ୍ଚଳରେ ବିଜୁଳି ଘଡଘଡି ସହ ବର୍ଷା ହେବାରୁ ବିଦ୍ୟୁତ ବିଭ୍ରାଟ ଘଟିଥିଲା। ରାତି ୨ଟାରୁ ରବିବାର ସକାଳ ୧୦.୫୦ ପର୍ଯ୍ୟନ୍ତ ବିଦ୍ୟୁତ ବିଭ୍ରାଟ ଯୋଗୁଁ ଜନସାଧାରଣ ଖୁବ ଅସୁବିଧା ଭୋଗ କରିଥିଲେ। ବିଦ୍ୟୁତ ବିଭ୍ରାଟ ଯୋଗୁଁ ପାନୀୟ ଜଳ ଯୋଗାଣ ପ୍ରଭାବିତ ହୋଇଥିଲା। ବିଦ୍ୟୁତ ବିଭ୍ରାଟ ଯୋଗୁଁ ଜିଓ ଉପଭୋକ୍ତା ମୋବାଇଲ ସେବାରୁ ବଞ୍ଚିତ ହୋଇ ରହିଥିଲେ। ତରଭା ଅଞ୍ଚଳରେ ସରକାରୀ ସଂସ୍ଥା ବିଏସଏନଏଲ ନେଟୱାର୍କ ପ୍ରାୟ କାମ କରେ ନାହିଁ; ହେଲେ ବେସରକାରୀ ସଂସ୍ଥା ଜିଓ ଉପଭୋକ୍ତାଙ୍କଠାରୁ ଚଡା ଦର ଅସୁଲ କରୁଥିଲେ ହେଁ ବିଦ୍ୟୁତ ବିଭ୍ରାଟ ଘଟିଲେ ସେବା ଦେବାରେ ବିଫଳ ହେଉଛି। ୧ ବର୍ଷରୁ ଅଧିକ ହେଲା ବିଦ୍ୟୁତ ବିଭ୍ରାଟ

**ବିଜୁଳି ଘଡଘଡି ସହ ବର୍ଷା**

**ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ**

**ଜିଓ ନେଟୱାର୍କ ନ ଥିବାରୁ ଗ୍ରାହକ ହନ୍ତସନ୍ତ**

ଘଟିଲେ ଜିଓ ନେଟୱାର୍କ କାମ କରୁ ନ ଥିବାରୁ ଉପଭୋକ୍ତା ମହଲରେ ପ୍ରବଳ ଅସନ୍ତୋଷ ଦେଖାଦେଉଛି। ତରଭାରେ ଶ୍ରୀଦଧିବାବନଙ୍କ ବାହୁଡା ଯାତ୍ରା ପାଇଁ ବିଦ୍ୟୁତ କାଟ କରାଯାଇଥିବାରୁ ସନ୍ଧ୍ୟା ୫ ଟାରୁ ଜିଓ ନେଟୱାର୍କ କାମ କରୁନାହିଁ। ଶନିବାର ଜଣେ ବ୍ୟକ୍ତି ପରିବାର ସହ ବାହୁଡା ଯାତ୍ରା ଦେଖିବାକୁ ଆସିଥିଲେ। ଭିଡ଼ ଭିତରେ ତାଙ୍କର ପୁଅ ନିଖୋଜ ହୋଇଯାଇଥିଲେ। ଏଣୁ ପୁଅ ସହିତ ଯୋଗାଯୋଗ କରିବାକୁ ତାଙ୍କର ଜିଓ ମୋବାଇଲରୁ ରିଂ କରିଥିଲେ; ହେଲେ ଯୋଗାଯୋଗ ସମ୍ଭବ ନ ହେବାରୁ ରାଗରେ ମୋବାଇଲକୁ କଚାଡି ଦେଇଥିବା ଦେଖିବାକୁ ମିଳିଥିଲା। ରବିବାର ବିଦ୍ୟୁତ ବିଭ୍ରାଟ ସମ୍ବନ୍ଧେ ବିଭାଗୀୟ ଏସଡିଓଙ୍କୁ ପଚାରିବାରୁ ଶିବତୁଲା ନିକଟରେ ତାର ଛିଣ୍ଡି ଯିବାରୁ ସମସ୍ୟା ଦେଖାଦେଇଛି ବୋଲି କହିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ପରେ ମିଠା ବାଣ୍ଟିଲେ



**ଦେଓଗାଁ, ୨୬।୭ (ସମିସ):** ଦେଓଗାଁ ବସଷ୍ଟାଣ୍ଡରେ ସ୍ଥାନୀୟ ଯୁବଗୋଷ୍ଠଉସୀ ପକ୍ଷରୁ ମିଷ୍ଟକନ୍ନ ବଣ୍ଟନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ବିଭିନ୍ନ ସ୍ଥାନରେ ଯୁବଗୋଷ୍ଠୀ ଖୁସି ମନାଇଛନ୍ତି। ଏହିକ୍ରମରେ ଦେଓଗାଁରେ ସାବକ ବାରିକଙ୍କ ନେତୃତ୍ୱରେ ଯୁବକ ତଥା ଛାତ୍ରମାନେ ବସଷ୍ଟାଣ୍ଡରେ ଏକତ୍ରିତ ହୋଇଥିଲେ। ଏହା ଛାତ୍ରମାନଙ୍କ ଏକତାର ବିଜୟ ବୋଲି କହିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ତ୍ତିକ ମଲ୍ଲିକ, ଶଙ୍କର ଅଗ୍ରୱାଲ, ଅଜୁ ନାଗ, ବିଶ୍ୱନାଥ ପ୍ରମୁଖ ସହଯୋଗ କରିଥିଲେ।

# କଲରାକୋଠାରେ ୧୫ ଦିନ ହେଲା ଅଚଳ ପାନୀୟ ଜଳ ପ୍ରକଳ୍ପ

**ଶଗଡ଼ା, ୨୬।୭ (ସମିସ):** ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି ଗ୍ରାମବାସୀ। ବୌଦ୍ଧ ଜିଲା କଣ୍ଠାମାଳ ବ୍ଲକ ନିକଟସ୍ଥ କଲରାକୋଠା ଗ୍ରାମରେ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଛି। ୧୫ ଦିନ ହେବ ପିଇବା ପାଣି ପାଇଁ ଗ୍ରାମବାସୀ ଉହକବିକଳ ହେଉଥିବା ଦେଖିବାକୁ ମିଳିଛି। କିଛି ଦିନ ତଳେ ହୋଇଥିବା କାଳ ବୈଶାଖୀ ସହ ଝଡ଼ତୋଫାନ ଓ ଘଡ଼ଘଡ଼ି ଯୋଗୁଁ ଗ୍ରାମର ବିଦ୍ୟୁତ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ବିଦ୍ୟୁତ୍ ସରବରାହ



ବାଧାପ୍ରାପ୍ତ ହେବା ଫଳରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ହେଉଥିବ ପାଇପ୍ ପାଣି ଯୋଗାଣ ସମ୍ପୂର୍ଣ ବ୍ୟାହତ ହୋଇ ହାଇଛି। ପାଇପ୍ ପାଣି ବନ୍ଦ ହୋଇଯିବାରୁ ଗ୍ରାମର ପ୍ରାୟ ୩୦୦ ପରିବାର ପିଇବା ପାଣି ପାଇଁ ନିକଟସ୍ଥ ନଳକୂପ ଓ ଦୂଷିତ ନାଳ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷେ ବର୍ଷାଦିନ ହୋଇଥିବାରୁ ନାଳ ପାଣି ଅତ୍ୟନ୍ତ ଦୂଷିତ ହୋଇଛି। ଏହି ଦୂଷିତ ପାଣି ବ୍ୟବହାର ଦ୍ୱାରା ଗାଁରେ ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଜଳବାହିତ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖା ଦେଇଛି। ତୁରନ୍ତ ଏହାର ସମାଧାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଗୁହାରି ଦାବି କରିଛନ୍ତି।

# ଛାତ୍ରୀମାନଙ୍କ ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ସଚେତନତା ବାର୍ତ୍ତା

**ହରଭଙ୍ଗା, ୨୬।୭ (ସମିସ):** ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ତରଫରୁ ଶାରୀରିକ ଭାଷା ବିଷୟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତାରିଣିଆଁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଶୁଭ୍ର ମଲ୍ଲିକା ପ୍ରଧାନ ଏବଂ ଇଂରାଜୀ ବିଭାଗର ଅଧ୍ୟାପିକା ପୂଜା ରାଣୀ ଦେଓ ଯୋଗ ଦେଇଥିଲେ। ସୁଶ୍ରୀ ପ୍ରୀତିମଞ୍ଜରୀ, ସୁଶ୍ରୀ ତନ୍ମୟୀ, ସୁଶ୍ରୀ ସାଗରିକା, ସୁଶ୍ରୀ କାଜଲ ଓ ସୁଶ୍ରୀ ସ୍ମୃତି ସବିତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଯୋଜିକା





ଅଧ୍ୟାପିକା ସୁଷମା ରାଣୀ ବହିଦାର କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଛାତ୍ରୀମାନଙ୍କୁ ଶାରୀରିକ ଭାଷା ଓ ଠିକ୍ ପୋଷ୍ଟରର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ।

# ବରଗାଁ-ବରିଗୁରା ରାସ୍ତା ଶୋଚନୀୟ



**କଣ୍ଠାମାଳ, ୨୬।୭ (ସମିସ):** ରାଜ୍ୟ ସରକାର ଗ୍ରାମାଞ୍ଚଳ ଗମନାଗମନ ସୁବିଧା ଯୋଗାଇ ଦେବାପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଠିକାଦାର ଓ ସରକାରୀ ବାବୁ କିନ୍ତୁ ନିମ୍ନମାନର କାମ କରି ଅନୁଦାନ ହଡପ କରୁଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଠାମାଳ ବ୍ଲକ ବରଗାଁ ପଞ୍ଚାୟତଠାରୁ ବାରିଗୁଭା ଛକ ପର୍ଯ୍ୟନ୍ତ ଗତବର୍ଷ ମୋରମ ପକା ଯାଇଥିଲା। ଏ ବାବଦକୁ ଖର୍ଚ୍ଚ ହୋଇଥିବା ସରକାରୀ ଟଙ୍କା ପାଣିରେ ପଡ଼ିବା ଭଳି ହୋଇଛି। ନିମ୍ନମାନର କାମ କରାଯାଇଥିବାରୁ ରାସ୍ତା ଅବସ୍ଥା ଯଥା ପୂର୍ବ ତଥା ପର ହୋଇଥିବା ଦେଖିବାକୁ ମିଳିଛି। ଏହା ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟରାସ୍ତା। ଏଣୁ ପ୍ରତିଦିନ ଶହ ଶହ ଲୋକ ଯାତାୟତ କରଥାନ୍ତି। ଏବେ ବର୍ଷା ସମୟରେ ଏହି ରାସ୍ତା କାଦୁଆ ପଚ ପଚ ହୋଇଛି। ଏଣୁ ଲୋକେ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି।

# ଖୁଟୁଲୁମୁଣ୍ଡା ଗାଁରେ ମିଶ୍ରଣ ପର୍ବ





**କଣ୍ଟାବାଞ୍ଜି, ୨୬।୭ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ରାଜନୀତିରେ ରବିବାର ଏକ ବଡ଼ ଧରଣର ମିଶ୍ରଣ ପର୍ବ ଦେଖିବାକୁ ମିଳିଛି। ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩ଟି ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ସମେତ ୫୦ରୁ ଅଧିକ ସରପଞ୍ଚ ଓ ସମିତି ସଦସ୍ୟ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। କଣ୍ଟାବାଞ୍ଜିର ବନମାଳୀ ପ୍ୟାଲେସରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଖୁଟୁଲୁମୁଣ୍ଡା ଗାଁରେ ଆୟୋଜିତ ମିଶ୍ରଣ ପର୍ବରେ ଅତିଥିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବଲାଙ୍ଗୀର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି ଓ ଜିଲ୍ଲା ସଭାପତି ଶ୍ରୀବସ ବେହେରା, ଉପ ସଭାପତି ବେଦବ୍ୟାସ ନାଗ, ପୂର୍ବତନ ସାଂସଦ ତଥା ବଲାଙ୍ଗିର ଜିଲ୍ଲା ପର୍ଯ୍ୟବେକ୍ଷକ ପର୍ଶୁରାମ ମାଝି, ଖଡିଆଳର ପୂର୍ବତନ ବିଧାୟକ ହିତେଶ ବଗର୍ତି, କଳାହାଣ୍ଡି ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଲ୍ଲବ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଣ ପର୍ବରେ ତୁରେକେଲା ବ୍ଲକ ଅଧ୍ୟକ୍ଷା ପୂଜା ବେହେରା, ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଳା ବେହେରା ଓ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହାରିବନ୍ଧୁ ମେହେରଙ୍କ ସହ ବହୁ ସରପଞ୍ଚ ଓ ସମିତି ସଦସ୍ୟ ବିଜେପିରେ ଯୋଗ ଦେଇଥିଲେ। ଶତାଧିକ କର୍ମୀ ମଧ୍ୟ ବିଜେପିରେ ସାମିଲ ହୋଇଥିଲେ।

**ରାତିରେ ଛେଚିଲା; ଜନଜୀବନ ପ୍ରଭାବିତ**

# ଗୋଟିଏ ରାତିରେ ବଢ଼ିଲା ନଦୀନାଳ

**ବଲାଙ୍ଗିର, ୨୬।୭ (ସମିସ)**

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶନିବାର ରାତିରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୃଷ୍ଟିପାତ ତଥ୍ୟ ଅନୁସାରେ ଜିଲ୍ଲାର ସର୍ବାଧିକ ବର୍ଷା ଡୁଡୁକା ବ୍ଲକରେ ହୋଇଛି। ଏଠାରେ ୯୧ ମିଲିମିଟର ରେକର୍ଡ ହୋଇଥିବାବେଳେ ବଲାଙ୍ଗିର ସହରରେ ୮୭ ମିଲିମିଟର, ଲୋଇସିଂହା ଓ ସଇଁତଳାରେ ୭୨ ମିଲିମିଟର, ଦେଓଗାଁରେ ୭୦ ମିଲିମିଟର, ପାଟଣାଗଡ଼ରେ ୫୨ ମିଲିମିଟର ଏବଂ ଗୁଡ଼ଭେଲାରେ ୪୯.୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅନ୍ୟପଟେ ପୁଇଁତଳାରେ ୨୮ ମି.ମି., ଟିଟିଲାଗଡ଼ରେ ୨୬ ମି.ମି., ତୁରେକେଲାରେ ୨୪ ମି.ମି., ମୁରିବାହାଲରେ ୨୦ ମି.ମି., ଖପ୍ରାଖୋଲରେ



୧୮ ମି.ମି., ବେଲପଡ଼ାରେ ୧୪ ମି.ମି. ଏବଂ ବଙ୍ଗୋମୁଣ୍ଡାରେ ସର୍ବନିମ୍ନ ୯ ମି.ମି. ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷାର ପ୍ରଭାବ ଲୋଇସିଂହା ବ୍ଲକ ଅଞ୍ଚଳରେ ପରିଲକ୍ଷିତ ହୋଇଛି। ଉପରବାହାଲ ଅଞ୍ଚଳରେ ପାଣି ମାଡିଆସିବାରୁ ଉପରବାହାଲ-ରେଙ୍ଗାଲି ରାସ୍ତା ଉପର ୨ ଫୁଟର ପାଣି ଚାଲିଥିବା ଦେଖିବାକୁ ମିଳିଥିଲା। ଏହାଫଳରେ ଏହି ରାସ୍ତାର ଯାମକୁରୀଠାରେ ରାସ୍ତା ବିଚ୍ଛିନ୍ନ ହୋଇଥିଲା। ସେହିପରି ନିକଟସ୍ଥ ସରଗଡ଼ ଗାଁରେ ରାତିରେ ଏକ ବସ୍ତିରେ ପାଣି ପଶିଥିବା ଦେଖିବାକୁ ମିଳିଥିଲା। ୧୦ରୁ ୧୨ ପରିବାର ଜଳବନ୍ଦୀ ରହିଥିବା ବେଳେ ରାସ୍ତାର ପାଣି ଠିକ ଭାବେ ଡ୍ରେନ ହୋଇ ପାରୁ ନ ଥିବାରୁ ଏହିଭଳି ସମସ୍ୟା ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ବ୍ଲକର ନିମ୍ନାଞ୍ଚଳରେ ପାଣି ଜମି ରହିବା ଫଳରେ କେତେକ ବସ୍ତିରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଥିଲା। ଜିଲ୍ଲାରେ ରହିଥିବା ନାଳ ଓ ଛୋଟ ନଦୀର ଜଳସ୍ତର ହଠାତ ବୃଦ୍ଧି ପାଇଥିବାରୁ ସ୍ଥାନୀୟ ଲୋକମାନେ ସତର୍କ ରହିଥିବା ଦେଖିବାକୁ ମିଳିଛି।

### ସରୁନି ତାଳଚେର - ବିମଳାଗଡ଼ ରେଳପଥ

# ବ୍ୟୟ ଅଟକଳ ୭୨୭ କୋଟିରୁ ୩, ୩୯୦ କୋଟିରେ ପହଞ୍ଚିଲା

ରାଉରକେଲା, ୨୬।୭ (ସମିସ)

ଦୀର୍ଘ ୨୩ ବର୍ଷ ଧରି ନିର୍ମାଣାଧୀନ ରହିଥିବା ବହୁ ପ୍ରତୀକ୍ଷିତ ତାଳଚେର - ବିମଳାଗଡ଼ ରେଳପଥ ପ୍ରକଳ୍ପର ବ୍ୟୟ ଅଟକଳ ୭୨୭ କୋଟି ଟଙ୍କାରୁ ବଢ଼ି ୩, ୩୯୦ କୋଟି ଟଙ୍କାରେ ପହଞ୍ଚି ଥିବା ବେଳେ ଏହି ପ୍ରକଳ୍ପର ଶେଷ ହେବା ନେଇ କେନ୍ଦ୍ରର ଚରଣ ଅବହେଳା ସ୍ପଷ୍ଟ ପ୍ରତୀୟମାନ ହେଉଛି। ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ପ୍ରସଙ୍ଗରେ ରାଜ୍ୟସଭାରେ ସାଂସଦ ଦିଲୀପ କୁମାର ରାୟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ୧୫୦ କିଲୋମିଟର ଦୀର୍ଘ ବିଶିଷ୍ଟ ଏହି ରେଳ ପ୍ରକଳ୍ପକୁ ୨୦୦୩-୦୪ ରେ ଅନୁମୋଦନ କରାଯାଇଥିଲା। ସେତେବେଳେ ପ୍ରକଳ୍ପର ଆକଳନ ବ୍ୟୟ ୭୨୭ କୋଟି ଥିଲାବେଳେ ସମ୍ପ୍ରତି ଏହା ବୃଦ୍ଧି ପାଇ ୩, ୩୯୦ କୋଟି ଟଙ୍କାରେ ପହଞ୍ଚିଛି। ଗତ ମାର୍ଚ୍ଚ ୨୦୨୬ ସୁଦ୍ଧା ୧, ୯୦୧ କୋଟି ବ୍ୟୟ ହୋଇଥିବା ବେଳେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୯୫୦ କୋଟି ବରାଦ କରାଯାଇଛି। ତେବେ ୪୮ କିଲୋମିଟର ବିଶିଷ୍ଟ ତାଳଚେର - ଖମାର ରେଳପଥ ନିର୍ମାଣ କାର୍ଯ୍ୟ

**କେନ୍ଦ୍ରର ଅବହେଳା ନେଇ ସଂସଦରେ ଦିଲ୍ଲୀପ ରାୟଙ୍କ ପ୍ରଶ୍ନ**



ଆରମ୍ଭ ହୋଇଥିବା ସେ କହିଥିଲେ ମଧ୍ୟ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ସମଲ -ଖମାର ଖଣ୍ଡରେ କେବଳ ମାଲବାହୀ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ମିଳିଥିଲେ ମଧ୍ୟ ରେଳ ସୁରକ୍ଷା କମିଶନରଙ୍କ ଅନ୍ତିମ ନିରୀକ୍ଷଣ ଏପର୍ଯ୍ୟନ୍ତ ସରି ନଥିବାରୁ ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ ହୋଇନାହିଁ। ବର୍ଷ ବର୍ଷ ଧରି ବଜେଟ୍ ବୃଦ୍ଧି ପାଉଛି, ଏହି ପାଇଁ ବିପୁଳ ଅର୍ଥ ବ୍ୟୟ ହେଉଛି, କିନ୍ତୁ ତାଳଚେରରୁ ଖମାର ପର୍ଯ୍ୟନ୍ତ ସାଧାରଣ ଯାତ୍ରୀଙ୍କ ପାଇଁ ଟ୍ରେନ୍ ସେବା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ପ୍ରକଳ୍ପ ପାଇଁ ମୋଟ ୮୬୩ ହେକ୍ଟର ଜମି ଆବଶ୍ୟକ ଥିବାବେଳେ ୭୫୬ ହେକ୍ଟର ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ଜମି ଅଧିଗ୍ରହଣ, ବିନା ଅନୁମତି ଓ ଆଇନଗତ ଜଟିଳତା ଯୋଗୁଁ ପ୍ରକଳ୍ପ ବିଳମ୍ବ ହେଉଥିବା କଥା ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ସମ୍ପୂର୍ଣ୍ଣ ପ୍ରକଳ୍ପ କେବେ ଶେଷ ହେବ ଏବଂ ତାଳଚେର - ଖମାର ସହ ତାଳଚେର - ବିମଳାଗଡ଼ ରୁଟ୍‌ରେ ଯାତ୍ରୀବାହୀ ଟ୍ରେନ୍ କେବେ ଚଳାଚଳ କରିବ, ସେ ସମ୍ପର୍କରେ କୌଣସି ସମୟସୀମା ଘୋଷଣା କରାଯାଇନାହିଁ। ଏପରିସ୍ଥିତିରେ ସିଆରଏସ୍‌ଙ୍କ ନିରୀକ୍ଷଣ ଶୀଘ୍ର ଶେଷ କରି ତାଳଚେର-ଖମାର ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ସହ ସମଗ୍ର ତାଳଚେରବିମଳାଗଡ଼ ରେଳପଥକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସାଧାରଣଲୋକ ଦାବି କରିଛନ୍ତି।

## ମୋବାଇଲ୍ ଟାୱାରରୁ କେବୁଲ ଚୋରି ଘଟଣାର ପର୍ଦ୍ଦାଫାସ : ୨ ଗିରଫ



**ରାଉରକେଲା, ୨୬।୭ (ସମିସ):** ରାଜଗାଙ୍ଗପୁର ପୁଲିସ ଜିଓ ମୋବାଇଲ୍ ଟାୱାରରୁ ତମ୍ବା ବିଦ୍ୟୁତ କେବୁଲ ଚୋରି ଘଟଣାର ପର୍ଦ୍ଦାଫାସ କରି ୨ ଜଣ ଅଭ୍ୟାସଗତ ଓ ପେଶାଦାର ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅପରାଧୀ ଦ୍ୱୟ ହେଉଛନ୍ତି ରାଜଗାଙ୍ଗପୁର ଥାନା ଅଧୀନ ଭଟାପଡ଼ାର ରୋହିତ ପ୍ରସାଦ ରୱାନି (୩୦) ଏବଂ ସ୍ୱାଧୀନ କଲୋନୀ, ଓସିଏଲ୍ ମାର୍କେଟର ନିଖିଲ ରାୟ (୨୦)। ପୁଲିସ ସୂଚନା ଅନୁଯାୟୀ, କାଂଶବାହାଲ ନିକଟ ମାଣ୍ଡିଆକୁଦର ସ୍ଥିତ ଅଗ୍ରସେନ୍ ସ୍ପଞ୍ଜ ଆଇରନ୍ ଲିମିଟେଡ୍ ପଛ ପଟରେ ଥିବା ଜିଓ ମୋବାଇଲ୍ ଟାୱାରରୁ ତମ୍ବା ବିଦ୍ୟୁତ କେବୁଲ ଚୋରି ହୋଇଥିଲା। ପୁଲିସ ଚଢ଼ଉ କରି ଉକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ହୋଇଥିବା ତମ୍ବା ବିଦ୍ୟୁତ କେବୁଲ, ଏକ ହ୍ୟାକସ ଫଳା, ଏକ ପ୍ଲାସ ଓ ଚୋରି ସମୟରେ ବ୍ୟବହୃତ ଏକ ଯୋଡ଼ା ସୁରକ୍ଷା ହାତମୋଜା ଜବତ କରିଛି। ତଦନ୍ତବେଳେ ଅଭିଯୁକ୍ତମାନଙ୍କ ଅପରାଧିକ ଇତିହାସ ଯାଞ୍ଚ କରାଯିବାରୁ ସେମାନେ ଅଭ୍ୟାସଗତ ଓ ପେଶାଦାର ଅପରାଧୀ ବୋଲି ଜଣାପଡ଼ିଛି। ସେମାନଙ୍କ ନାମରେ ଏକାଧିକ ମାମଲା ରହିଛି। ରୋହିତ ପ୍ରସାଦ ରୱାନିଙ୍କ ବିରୋଧରେ ୩୦ଟି ପୂର୍ବରୁ ଅପରାଧିକ ମାମଲା ରହିଥିବା ବେଳେ ନିଖିଲ ରାୟଙ୍କ ବିରୋଧରେ ୪ଟି ମାମଲା ରହିଛି। ଗିରଫ ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆଣ୍ଠୁଏ ପାଣି ଭିତରେ ପାନୀୟ ଜଳ



**ବଣାଇଁ, ୨୬।୭ (ସମିସ):** ଖାଲ ଜମିରେ ସୋଲାର ପାଣିଟାଙ୍କି ଓ ଟ୍ୟାପ ଖଞ୍ଜିଦେଇ ନିଜ କାମ ସାରିଦେଲା ଠିକା ସଂସ୍ଥା। ହେଲେ ଲୋକେ ତାର ସୁବିଧା ପାଇଲେ କି ନାହିଁ ତାହା ଦେଖିବାକୁ କେହିନାହିଁ। ଲୋକଙ୍କୁ ସୁବିଧାରେ ପାନୀୟଜଳ ଯୋଗାଇ ଦେବା ପାଇଁ କିଛି ମାସ ପୂର୍ବରୁ ବଣାଇଁ ସହର ଦେଓଗାଁ ସ୍ଥିତ କଳାକାର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଏକ ସୋଲାର ପାନୀୟଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି। ହେଲେ ନିର୍ମାଣ ହୋଇଥିବା ପ୍ରକଳ୍ପ ସ୍ଥାନଟି ଖାଲୁଆ ଜମିରେ ଥିବାରୁ ଲୋକେ ବର୍ଷା ଦିନରେ ଅନେକ ହିନସ୍ତା ହୋଇଛନ୍ତି। ଗତ କିଛି ଦିନ ଧରି ପ୍ରବଳ ବର୍ଷା ଲାଗି ରହିବା ଯୋଗୁଁ ସେ ସ୍ଥାନରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହିଛି। ଲୋକେ ଆଜି ସକାଳୁ ପାଣି ନେବା ପାଇଁ ସେଠାକୁ ଧାଇଁଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ପାଣି ପୋଷ୍ଟଟି ସମ୍ପୂର୍ଣ୍ଣ ରୂପେ ବର୍ଷା ଜଳରେ ବୁଡ଼ି ରହିଥିବା ବେଳେ ପାନୀୟ ଜଳ ଆଣିବାକୁ ହେଲେ ଆଣ୍ଠୁଏ ପାଣି ଭିତର ଦେଇ ଯିବାକୁ ପଡ଼ିଥିଲା। ଷ୍ଟାଣ୍ଡ ପୋଷ୍ଟରେ ପାଣି ଭର୍ତ୍ତି ହୋଇଥିବାରୁ ଗରା ବାଲଟି ରଖିବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେଣୁ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏଠାରୁ ଜଳ ନିଷ୍କାସନ କରିବା ସହ ଷ୍ଟାଣ୍ଡପୋଷ୍ଟକୁ ଉଚ୍ଚସ୍ଥାନରେ ସ୍ଥାପନ କରିବାର ବ୍ୟବସ୍ଥା କରାଗଲେ ବର୍ଷା ଦିନରେ ଲୋକେ ସୁବିଧାରେ ପାନୀୟଜଳ ଟିକେ ପାଇ ପାରିବେ ବୋଲି କହିଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଆପୋଲୋ ହସ୍ପିଟାଲ୍ସ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ରାଉରକେଲା, ୨୬।୭ (ସମିସ):** ଆପୋଲୋ ହସ୍ପିଟାଲ୍ସ ରାଉରକେଲା ପକ୍ଷରୁ ରବିବାର ସେକ୍ଟର - ୧୫ ଜାମା ମସଜିଦ ସମ୍ମୁଖସ୍ଥ ମଇଦାନରେ 'ଉମିଦ୍ ଟ୍ରଷ୍ଟ'ର ସହଯୋଗରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ସେକ୍ଟର-୧୫ ଓ ଆଖପାଖ ଅଞ୍ଚଳର ୧୫୦ରୁ ଅଧିକ ଲୋକ ଯୋଗ ଦେଇ ନିଜର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ନିଶୁଳ୍କ ପରୀକ୍ଷା ମଧ୍ୟରେ ଇସିଜି, ରକ୍ତଚାପ, ରକ୍ତରେ ଶର୍କରା ପରିମାଣ, ବଡି ମାସ୍ ଇଣ୍ଡେକ୍ସ, ଉଚ୍ଚତା, ଓଜନ ଏବଂ ଅକ୍ସିମିଟର ଯାଞ୍ଚ ସାମିଲ ଥିଲା। ଏହାସହ ଆପୋଲୋ ହସ୍ପିଟାଲ୍ସ ରାଉରକେଲାର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ, ସାଧାରଣ ଚିକିତ୍ସା ବିଭାଗ ଏବଂ ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ଫଳାଫଳ ଆଧାରରେ ପରାମର୍ଶ ଓ ଆବଶ୍ୟକ ଚିକିତ୍ସାଗତ ସୁପରିଶ ପ୍ରଦାନ କରିଥିଲେ। ଏହି ଅବସରରେ ଆପୋଲୋ ହସ୍ପିଟାଲ୍ସ ରାଉରକେଲାର ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ତାଶି କ୍ରିଷ୍ଣନ କହିଥିଲେ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସମୟୋପଯୋଗୀ ଚିକିତ୍ସା ପରାମର୍ଶ ଦ୍ୱାରା ଅନେକ ସ୍ତ୍ରୀରୋଗକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରାଯାଇପାରେ। ଆଗାମୀ ଦିନରେ ମଧ୍ୟ ଏଭଳି ସ୍ୱାସ୍ଥ୍ୟ ସଚେତନତା ଓ ନିଶୁଳ୍କ ପରୀକ୍ଷା ଶିବିର ଆୟୋଜନ କରାଯାଇ ଅଧିକରୁ ଅଧିକ ଲୋକଙ୍କ ପାଖରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ପ୍ରୟାସ ଜାରି ରହିବ ବୋଲି ଆପୋଲୋ ହସ୍ପିଟାଲ୍ସ ରାଉରକେଲା ପକ୍ଷରୁ କୁହାଯାଇଛି।



## ୪୨ ଲିଟର ମଦ ଜବତ; ହୋଟେଲ ମାଲିକ କୋର୍ଟ ଚାଲାଣ

**ରାଉରକେଲା, ୨୬।୭ (ସମିସ):** ଲହୁଣୀପଡ଼ା ପୁଲିସ ପକ୍ଷରୁ ଏକ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ହଟେଲକୁ ନେଇ ଯାଉଥିବା ୪୨ ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ବିକାଶ ଚୈଧରୀ ନାମକ ହୋଟେଲ ମାଲିକକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାଇ ଲହୁଣୀପଡ଼ା ପଟରୁ ରାଉରକେଲା ପଟେ ୧୪୩ ନମ୍ବର ଜାତୀୟ ରାଜପଥର ଦର୍ଜି ଟୋଲ ପ୍ଲାଜା ନିକଟରେ ଏକ କାର୍‌କୁ ଲହୁଣୀପଡ଼ା ପୁଲିସ ସନ୍ଦେହ କରି ଅଟକାଇ ଯାଞ୍ଚ କରିବାରୁ କାର୍ ପଛ ପଟରେ ପେଟି ପେଟି ମଦ ଭର୍ତ୍ତି ରହିଥିବା ପୁଲିସ ଦେଖିବାକୁ ପାଇଥିଲା। କାର୍‌କୁ ଥାନାକୁ ଆଣି ଯାଞ୍ଚ କରିବାପରେ ୪୨ ଲିଟର ବିଦେଶୀ ମଦ ରହିଥିବା ଯାଞ୍ଚରୁ ମିଳିଥିଲା। ଫଳରେ ପୁଲିସ ଏକ ମାମଲା ରୁଜୁକରି ମ ନେଇ ଯାଉଥିବା ବିକାଶ ଚୈଧରୀ ନାମକ ଯୁବକକୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ପ୍ରାରମ୍ଭିକ ସୂଚନାରୁ ବିକାଶ ଚୈଧରୀ ୧୪୩ ନମ୍ବର ଜାତୀୟ ରାଜପଥ କଡ଼ରେ ହଟେଲେ ବ୍ୟବସାୟ କରୁଥିବାବେଳେ ଉକ୍ତ ହୋଟେଲକୁ ମଦ ନେଇ ଯାଉଥିବା ଜଣାପଡ଼ିଥିଲା।

## ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶଙ୍କ ପିତୃ ବିୟୋଗ

**ରାଉରକେଲା, ୨୬।୭ (ସମିସ):** ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶଙ୍କ ପିତା ବଂଶୀଧର ଦାଶଙ୍କ ୮୨ ବର୍ଷ ବୟସରେ ସ୍ଥାନୀୟ ଆପୋଲୋ ହସ୍ପିଟାଲ ଠାରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ସ୍ୱର୍ଗତ ଦାଶ ବାର୍ଦ୍ଧକ୍ୟଜନିତ ରୋଗରେ କିଛି ଦିନ ହେବ ପୀଡ଼ିତ ଥାଇ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ଆଜି ମଧ୍ୟାହ୍ନ ପ୍ରାୟ ୧ ଟା ସମୟରେ ତାଙ୍କର ବିୟୋଗ ଘଟିଥିଲା। ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ଦାଶ ୧୯୪୪ ଜନ୍ମଗ୍ରହଣ କରିଥିବା ବେଳେ ୨୦୦୧ ମସିହାରେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ପଦରୁ ଅବସର ଗ୍ରହଣ କରିଥିଲେ। ଜଣେ ଅମାୟିକ ବ୍ୟକ୍ତିତ୍ୱ ତଥା ଜଣେ ସାହିତ୍ୟିକ ଭାବେ ସେ ସୁନ୍ଦରଗଡ଼ ତଥା ଝାଡ଼ଖଣ୍ଡ ରାଜ୍ୟରେ ପରିଚିତ ଥିଲେ। ତପସ୍ୱିନୀ ପୁସ୍ତକର ହିନ୍ଦୀ ଅନୁବାଦ ତାଙ୍କ ଦ୍ୱାରା ହୋଇ ପାଠକମହଲରେ ବେଶ୍ ଆଦୃତ ହୋଇଥିଲା। ତେବେ ଗତ ଦୁଇ ମାସ ତଳେ ତାଙ୍କ କନିଷ୍ଠ ପୁତ୍ର ମାନଭଞ୍ଜନଙ୍କର ପରଲୋକ ଘଟିଥିଲା। ସେବେ ଠାରୁ ସ୍ୱର୍ଗତ ଦାଶ ମାନସିକ ଚାପରେ ଥିଲେ। ତେବେ ଆଜି ତାଙ୍କ ପରଲୋକଗତ ଖବର ପାଇ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ, ଅଶୋକ ଦାସ, ସମାଜସେବୀ ସୁଧୀର ସୁନ୍ଦରରାୟ, ସଞ୍ଜୀବ ମହାନ୍ତି, ପ୍ରଶାନ୍ତ ସେଠୀ, ଜୟନ୍ତ ମିଶ୍ର, ସଞ୍ଜୀବ ନାୟକ, ନିହାର ଦାସ, ଅରବିନ୍ଦ ଦାସ, କୁଞ୍ଜବିହାରୀ ରାଉତ ପ୍ରମୁଖ ସ୍ୱର୍ଗତ ଦାଶଙ୍କୁ ଶେଷଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବେଦବ୍ୟାସ ଘାଟରେ ଜ୍ୟେଷ୍ଠ ପୁତ୍ର ମନୋରଞ୍ଜନ ଦାଶ ମୁଖାଗ୍ନି ଦେଇଥିଲେ।

## ପରିତ୍ୟକ୍ତ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଣାଇଁ ୨୬।୭ (ସମିସ):** ଚାନ୍ଦିପୋଷ ଥାନା ଅଧୀନ ତାମଡ଼ା ପିତାଗାଁର ଏକ ପରିତ୍ୟକ୍ତ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ପିତାଗାଁର ବିଚା ମିଞ୍ଜ (୪୦)। ସୂଚନା ଅନୁସାରେ, ବିଚା ଗତ ୨୩ ତାରିଖରୁ ଘରୁ ବାହାରି ଯାଇଥିଲେ ଏବଂ ପରେ ଫେରି ନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଶନିବାର ଗ୍ରାମରେ ଥିବା ଏକ ପରିତ୍ୟକ୍ତ ଘରୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଲୋକେ ଯାଇ ଦେଖିଥିଲେ। ସେଠାରେ ଘର ଭିତରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ମୃତଦେହଟି ବିଚା ମିଞ୍ଜଙ୍କର ବୋଲି ଚିହ୍ନଟ ହୋଇଥିଲା। ଖବର ପାଇ ଚାନ୍ଦିପୋଷ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ରାଉରକେଲା ମର୍ଗକୁ ପଠାଯାଇଛି। ପୁଲିସ ଏକ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଇନ୍ଦ୍ରା କଲୋନୀ ୟୁଥ୍ କ୍ଲବ୍ ଗଏରବାହାଲ ପକ୍ଷରୁ ବନମହୋତ୍ସବ

**କୁତ୍ରା, ୨୬।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଗଏରବାହାଲ ଇନ୍ଦ୍ରା କଲୋନୀ ୟୁଥ୍ କ୍ଲବ୍ ପକ୍ଷରୁ ବନମହୋତ୍ସବ ଅନୁଷ୍ଠିତ ହୋଇଛି। କ୍ଲବର ସଭାପତି ବିଶାଳ ନାଗ, ସମ୍ପାଦକ ଅନୁଗ୍ରହ ବେକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଏରବାହାଲ ଜନସେବା କେନ୍ଦ୍ରର କର୍ମଚାରୀ ବୀରେନ୍ଦ୍ର ସାହୁ ଯୋଗଦେଇ କ୍ଲବ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ବନମହୋତ୍ସବ ପାଳନର ଆବଶ୍ୟକତା ବିଷୟରେ ସେ ଆଲୋକପାତ କରିଥିଲେ। କ୍ଲବର ସଭାପତି ଶ୍ରୀ ନାଗ ବୃକ୍ଷରୋପଣ ବଢ଼ାଇବା, ବନ ସଂରକ୍ଷଣ କରିବା ପରିବେଶକୁ ସବୁଜ ଓ ସୁନ୍ଦର ରଖିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ସମାଜ ଓ ନିରାପଦ ପୃଥିବୀ ଗଢି ତୋଳିବା ପାଇଁ ଏବେର ଯୁବପିଢିକୁ ଆହ୍ୱାନ କରିଥିଲେ। ସହ ସମ୍ପାଦକ ମନୋଜ କେଶାଇର, କୋଷାଧ୍ୟକ୍ଷ ସାୱାନ ତିର୍କି, ଉପଦେଷ୍ଟା ବିଶ୍ରାମ ତିର୍କି ସମେତ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ ବଡମାଳ ସାପ୍ତାହିକ ହାଟ ନିକଟରେ ଥିବା ମାର୍କେଟ କମ୍ପ୍ଲେକ୍ସ ଏବଂ ରାସ୍ତା କଡ଼ରେ ଚାରା ରୋପଣ କରିଥିଲେ।

## ଆର୍ଏସ୍‌ପି ହଟ୍‌ଷ୍ଟ୍ରିପ୍ ମିଲ୍-୨ର ନୂତନ ଶିୟରିଂ ରେକର୍ଡ ସୃଷ୍ଟି



**ରାଉରକେଲା, ୨୬।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ର ସିଟ୍ ଶିୟରିଂ ଲାଇନ୍, ୨୪ ତାରିଖ 'ଏ' ସିଫ୍ଟ ସମୟରେ ୨୬ଟି କୋଏଲ୍ ସମୁଦାୟ ୬୫୬ ଟନ୍ ଶିୟରିଂ କରି ଏକ ନୂତନ ଶିଫ୍ଟ ରେକର୍ଡ ହାସଲ କରିଛି। ଏହା ପୂର୍ବରୁ ଅଗଷ୍ଟ ୧୧ ତାରିଖ ୨୦୨୫ରେ 'ସି' ସିଫ୍ଟରେ ହୋଇଥିବା ୨୫ଟି କୋଏଲ୍ ଓ ୬୨୭ ଟନ୍‌ର ସର୍ବଶ୍ରେଷ୍ଠ ଶିଫ୍ଟ ଶିୟରିଂ ରେକର୍ଡକୁ ଅତିକ୍ରମ କରିଛି। ସମସ୍ତ ସେବା ଏବଂ ସଂଶ୍ଳିଷ୍ଟ ସଂସ୍ଥାଗୁଡ଼ିକର ନିରନ୍ତର ସହଯୋଗ ଯୋଗୁଁ ଏହି ସଫଳତା ହାସଲ ହୋଇପାରିଛି। ବିଶେଷ ଭାବରେ, ସିଟ୍ ଶିୟରିଂ ଲାଇନ୍ ଏଚଆର୍ ପ୍ଲେଟ୍ ଉତ୍ପାଦନ କରେ, ଯାହା ଆରଏସପିର ଫ୍ଲାଟ୍ ଉତ୍ପାଦ ବାସ୍କେଟ୍ ପୋର୍ଟଫୋଲିଓରେ ଏକ ଉଚ୍ଚ ନେଟ୍-ମାର୍ଜିନ୍ ଯୁକ୍ତ ଉତ୍ପାଦ ଏବଂ ନିରନ୍ତର ଏଚଆର୍ ପ୍ଲେଟ୍ ଉତ୍ପାଦନ କରିବା କାରଖାନାର ଲାଭଦାୟକତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତମାସରେ ଏଚ୍‌ଆର୍ ପ୍ଲେଟ୍ ଉତ୍ପାଦନ ୨୭, ୪୯୬ ଟନ୍ ଥିଲା ଏବଂ ଏପ୍ରିଲ୍-ଜୁନ୍ ପ୍ରଥମ ତିନି ମାସରେ ଏଚଆର୍ ପ୍ଲେଟ୍ ଉତ୍ପାଦନ ୮୨, ୫୧୪ ଟନ୍ ଥିଲା। ସମ୍ପ୍ରତି ଚାଲୁ ରହିଥିବା ପ୍ରକ୍ରିୟା ଅପ୍ଟିମାଇଜେସନ୍ ଏବଂ ପ୍ରଭାବଶାଳୀ ଶିୟରିଂ ପଦ୍ଧତି ସହିତ, ସିଟ୍ ଶିୟରିଂ ଲାଇନ୍ ଚଳିତମାସର ଏଚଆର୍ ପ୍ଲେଟ୍ ଉତ୍ପାଦନ ଲକ୍ଷ୍ୟ ୩୪, ୦୦୦ ଟନ୍ ହାସଲ କରିବା କିମ୍ବା ଏହାକୁ ଅତିକ୍ରମ କରିବା ନେଇ ଆଶା ରଖିଛି।

## ରାଉରକେଲା ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ରାଉରକେଲା, ୨୬।୭ (ସମିସ):** ସ୍ଥାନୀୟ ସେକ୍ଟର - ୨୧ ସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ନଭେମ୍ବର ୨୧ ଏବଂ ୨୨ ତାରିଖରେ ପାଳିତ ହେବ ବୋଲି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି ସୂଚନା ଦେଇଛନ୍ତି। ଏହି ସୁବର୍ଣ୍ଣ ଜୟନ୍ତୀକୁ ସୁଚାରରୂପେ ପାଳନ ପାଇଁ ମହାବିଦ୍ୟାଳୟର ପରିଚାଳନା ସମିତି ଏବଂ ପ୍ରାକ୍ତନ ପରିଚାଳନା ସମିତିର ବୈଠକ ଅନୁଯାୟୀ ପରିଚାଳନା ସମିତିର ସଦସ୍ୟମାନଙ୍କ ମଧ୍ୟରୁ ଆଡ଼ଭୋକେଟ ଗିରିଶ ଚନ୍ଦ୍ର ମହାପାତ୍ରଙ୍କୁ ସୁବର୍ଣ୍ଣ ଜୟନ୍ତୀ ସମିତିର ଆବାହକ ଏବଂ ଇଂ ହରଦୀପ ସିଂହଙ୍କୁ ଆୟୋଜକ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଅଛି। ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଆସନ୍ତା ୨ ତାରିଖ ଦିନ ପ୍ରାକ୍ତନ ଛାତ୍ର ଛାତ୍ରୀ, ପରିଚାଳନା ସମିତିର ସଭ୍ୟ, ପ୍ରାକ୍ତନ ପରିଚାଳନା ସମିତି ସଭ୍ୟ/ସଭ୍ୟା ଓ ଶୁଭେଚ୍ଛୁମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପ୍ରାକ୍ତନ ଛାତ୍ରଛାତ୍ରୀ, ପରିଚାଳନା ସମିତିର ସଭ୍ୟ, ପ୍ରାକ୍ତନ ପରିଚାଳନା ସମିତି ସଭ୍ୟ/ସଭ୍ୟା ଓ ଶୁଭେଚ୍ଛୁମାନେ ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଏବଂ ପ୍ରସ୍ତାବ ଦେବା ପାଇଁ ମହାବିଦ୍ୟାଳୟର ପରିଚାଳନା ସମିତି ତରଫରୁ ଆବହକ ଆଡ଼ଭୋକେଟ ଗିରିଶ ଚନ୍ଦ୍ର ମହାପାତ୍ର ଏବଂ ଆୟୋଜକ ସମ୍ପାଦକ ଲାୟନ ଇଞ୍ଜିନିୟର ହରଦୀପ ସିଂହ ନିବେଦନ କରିଛନ୍ତି।

## ତାରାତାରିଣୀ ମନ୍ଦିର କମିଟିର ନୂତନ କର୍ମକର୍ତ୍ତା ନିର୍ବାଚିତ



**ରାଉରକେଲା, ୨୬।୭ (ସମିସ):** ସେକ୍ଟର - ୬ ସ୍ଥିତ ତାରା ତାରିଣୀ ମନ୍ଦିରର ସଭାପତି ବିଶ୍ୱଜିତ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଛି। ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ସୁବାସ ପାଢ଼ୀ ମନ୍ଦିରର ଆୟବ୍ୟୟର ଉପରେ ଆଲୋକପାତ କରିଥିଲେ। ଏହାପରେ ପୁରାତନ କମିଟିକୁ ଭଙ୍ଗାଯାଇ ନୂତନ କମିଟି ଗଠନ କରାଯାଇଥିଲା। ସଭ୍ୟ ମାନଙ୍କର ସର୍ବସମ୍ମତି କ୍ରମେ ସଭାପତି ବିଶ୍ୱଜିତ ଜେନା ଓ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ଦଳାଇ ମନୋନୀତ ହୋଇଥିଲେ। ଏଥିସହ କାର୍ଯ୍ୟକାରୀ ସଭାପତି ରମାକାନ୍ତ ମହାରଣା, ଉପସଭାପତି ଭାସ୍କର ନନ୍ଦ, ଅର୍ଜୁନ ପଣ୍ଡା, କାଳିଦାସ ପାତ୍ର, ସୁଶାନ୍ତ କୁମାର ପାତ୍ର, କୋଷାଧ୍ୟକ୍ଷ ସୁବାସ ପାଢ଼ୀ ମନୋନୀତ ହୋଇଥିବାବେଳେ ଉପ ସମ୍ପାଦକ ଶ୍ରବଣ କୁମାର ଦଳାଇ, ଜନସମ୍ପର୍କ ସମ୍ପାଦକ ମୀନକେତନ ନନ୍ଦ, ଉନ୍ନୟନ ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ, ପରିଚାଳନା ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା ଓ ରଙ୍କନିଧି ବେହେରା ସାଂସ୍କୃତିକ ସମ୍ପାଦକ ବଂଶୀଧର ନାହାକ, କୁମୁଦ ଚନ୍ଦ୍ର ରାଉତ ଓ ଭାଗୀରଥି ସାହୁ ମନୋନୀତ ହୋଇଛନ୍ତି। ଏହା ସହିତ ୧୧ ଜଣ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଓ ୧୦ ଜଣ କାର୍ଯ୍ୟକାରୀ ସଭ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିରମିତ୍ରପୁର ଏନ୍‌ଏଚ୍-୧୪୩ର ଅବସ୍ଥା ଶୋଚନୀୟ

ରାଉରକେଲା, ୨୬।୭ (ସମିସ)

ପାନପୋଷ ଉପଖଣ୍ଡ ଅଧୀନ ବିରମିତ୍ରପୁର ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ଜାତୀୟ ରାଜପଥ ପ୍ରାଧିକରଣର ଉଦାସୀନତାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ଲଗାଣବର୍ଷା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ ରାସ୍ତା ଭାଙ୍ଗିଯାଇଛି ଏବଂ ପାଣି ଜମି ରହୁଛି। ଫଳରେ ଦୈନନ୍ଦିନ ଯାତାୟାତ ଅତ୍ୟନ୍ତ ବିପଦସଙ୍କୁଳ ହୋଇପଡ଼ିଛି। ପ୍ରତିଦିନ ଏହି ରାସ୍ତା ବ୍ୟବହାର କରୁଥିବା ହଜାର ହଜାର ଯାତ୍ରୀଙ୍କ ପାଇଁ ଏହା ଏକ ଗୁରୁତର ସମସ୍ୟା ପାଲଟିଛି। ସୂଚନାଯୋଗ୍ୟ ଯେ ଏନ୍‌ଏଚ୍-୧୪୩ ଓଡ଼ିଶାକୁ ଝାଡ଼ଖଣ୍ଡ ଓ ଛତିଶଗଡ଼ ସହ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ ରାଜପଥ ଅଟେ। ଏହି ରାସ୍ତାରେ ପ୍ରତିଦିନ ଶହଶହ ଟ୍ରକ୍, ବସ୍, କାର୍, ବାଇକ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଛି। ଏହା ଏତେ ଗୁରୁତ୍ୱପୂର୍ଣ୍ଣ ରାଜପଥ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ଏହାର କୌଣସି ଉଲ୍ଲେଖନୀୟ ମରାମତି କିମ୍ବା ରକ୍ଷଣାବେକ୍ଷଣ କରାଯାଉନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତାର ଏଭଳି ବେହାଲ ଅବସ୍ଥା ଯୋଗୁଁ ପ୍ରାୟ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବର୍ଷା ଋତୁରେ ଖାଲଗୁଡ଼ିକ ବର୍ଷା ପାଣିରେ ବୁଡ଼ି ରହୁଥିବାରୁ ଚାଳକମାନେ ସେଗୁଡ଼ିକୁ ଚିହ୍ନଟ କରିପାରୁନାହାନ୍ତି, ଯାହା ଦୁର୍ଘଟଣାର ଆଶଙ୍କାକୁ ଆହୁରି ବଢ଼ାଇ ଦେଉଛି। ଏହି ଶୋଚନୀୟ ରାସ୍ତା ଯୋଗୁଁ ଯାତ୍ରୀ, ବ୍ୟବସାୟୀ, ଛାତ୍ରଛାତ୍ରୀଙ୍କ ସହ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ମଧ୍ୟ ପ୍ରଭାବିତ ହେଉଛି। ଯାତାୟାତରେ ବିଳମ୍ବ ସହ ସୁରକ୍ଷା ନେଇ ମଧ୍ୟ ଚିନ୍ତା ବଢ଼ିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ବାରମ୍ବାର ଦାବି ଓ ଅଭିଯୋଗ କରାଯାଇଥିଲେ ମଧ୍ୟ ଏନ୍‌ଏଚ୍‌ଏଆଇ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ପ୍ରାଧିକରଣର ଏହି ନିଷ୍କ୍ରିୟତାକୁ ନେଇ ବିରମିତ୍ରପୁର ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ବଢ଼ିଚାଲିଛି। ଜନସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏନ୍‌ଏଚ୍-୧୪୩ର ତୁରନ୍ତ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି। ଏହି ରାସ୍ତାର ତୁରନ୍ତ ମରାମତି କରାନଗଲେ ସ୍ଥାନୀୟ ଜନ ଆକ୍ରୋଶ ଆଗାମୀ ଦିନରେ ଘନୀଭୂତ ହୋଇ ଏକ ବଡଧରଣର ଜନ ଆନ୍ଦୋଳନର ରୂପ ଧାରଣ କରିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଗଣତନ୍ତ୍ରର ଐତିହାସିକ ବିଜୟ

ବିପର୍ଯ୍ୟସ୍ତ ଓ ଦୁର୍ନୀତିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ପ୍ରତିବାଦ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ନିର୍ଣ୍ଣାୟକ ଆନ୍ଦୋଳନରେ ସିଜେପିର ଜିତାପଟ ହୋଇଛି। ଜେନ୍ ଜେଡ୍ ବର୍ଗର ଅହିଂସ ଓ ଅଟଳ ସଂକଳ୍ପ ଆଗରେ ଅପ୍ରତିହତ ମନେ ହେଉଥିବା କେନ୍ଦ୍ର ସରକାରଙ୍କ ଦମ୍ଭ ଭାଙ୍ଗିଛି। ସିଜେପିର ମୁଖ୍ୟ ଦାବି ଅନୁଯାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଗତ ବାରବର୍ଷର ଅପ୍ରତିଦ୍ୱନ୍ଦ୍ୱୀ ଓ ଦୁର୍ଜେୟ ଘୋଷିତ କେନ୍ଦ୍ର ସରକାରଙ୍କ ମନ୍ତ୍ରିପରିଷଦର କୌଣସି ସଦସ୍ୟ ଜନତାଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଇସ୍ତଫା ଦେବା ଏହା ପ୍ରଥମ। ଇସ୍ତଫା ଦାବିକୁ ଟାଳିବାକୁ ସବୁମତେ ଉଦ୍ୟମ କରାଯାଇଥିଲେ ହେଁ ଛାତ୍ରଙ୍କ ଦୃଢ଼ ମନୋବଳ ଆଗରେ ତାହା ସମ୍ଭବ ହୋଇପାରିନାହିଁ। ତେଣୁ ରାଜନୈତିକ ବିଶେଷଜ୍ଞ ଓ ବୁଦ୍ଧିଜୀବୀମାନେ ଏହାକୁ କେବଳ ସିଜେପିର ବିଜୟ ନ କହି ଗଣତନ୍ତ୍ରର ବିଜୟ ଭାବେ ଅଭିହିତ କରିଛନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ବଳରେ ଜନପ୍ରତିନିଧିମାନେ ନୀତି ନିର୍ଦ୍ଧାରଣ ପଦବୀ ମଣ୍ଡନ କରନ୍ତି। ଯଦି ନୀତି ନିର୍ଦ୍ଧାରକଙ୍କ କାର୍ଯ୍ୟାବଳୀ ଓ ନିଷ୍ପତ୍ତି ସାମୂହିକ ଜନସ୍ୱାର୍ଥରୁ ଦୂରେଇ ଯାଉଥିବାର ଅନୁଭବ ହୁଏ ତେବେ ଜନଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ। କାର୍ଯ୍ୟାବଳୀ ଜନବିମୁଖୀ ହେଲେ ସମ୍ପୃକ୍ତ ନୀତି ନିର୍ଦ୍ଧାରକ ନିଜକୁ ସୁଧାରିବା କିମ୍ବା ଜନମତକୁ ସମ୍ମାନ ଦେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ବିଧେୟ। ସ୍ୱାଧୀନୋତ୍ତର ଭାରତୀୟ ରାଜନୀତିରେ ଏଭଳି ଅନେକ ଉଦାହରଣ ରହିଛି। ଗଣତନ୍ତ୍ରର ମୂଳରୁ ଶୀର୍ଷ ପର୍ଯ୍ୟନ୍ତ ଜନାଦେଶ ଆଧାରିତ ହୋଇଥିବାରୁ ଜନମତକୁ ସମ୍ମାନ ଓ ଗ୍ରହଣ କରା ନ ଯିବ ବା କିପରି? ଯଦି ଏହା ନ ହୁଏ ତେବେ ଗଣତାନ୍ତ୍ରିକ ଉପାୟରେ ଏବଂ ଅହିଂସ ପ୍ରତିବାଦ ବା ଆନ୍ଦୋଳନ ଜରିଆରେ ଦାବି ହାସଲ କରିବାର ଅଧିକାର ଆମ ସମ୍ବିଧାନ ତା'ର ନାଗରିକମାନଙ୍କୁ ଦେଇଛି। ସିଜେପି ଆନ୍ଦୋଳନରେ ଗଣତନ୍ତ୍ରର ଏହି ମୌଳିକ ତତ୍ତ୍ୱ ସମ୍ପୂର୍ଣ୍ଣ ରୂପେ ଅନୁସୃତ ହୋଇଛି। ତେଣୁ ଆନ୍ଦୋଳନକାରୀଙ୍କ ସପକ୍ଷରେ ଯେଉଁ ଫଳାଫଳ ଆସୁଛି ତାହା ଜନସମୁଦାୟଙ୍କ ଉପଲବ୍ଧି ଏବଂ ସର୍ବୋପରି ସୁସ୍ଥ ଗଣତନ୍ତ୍ରର ବିଜୟ ସଞ୍ଜ୍ଞା ଧାରଣରେ ବୋଧହୁଏ ଦ୍ୱିରୁକ୍ତି ନାହିଁ।

ସିଜେପି ଆନ୍ଦୋଳନ ଆହୁରି ମଧ୍ୟ ପ୍ରମାଣ କରିଛି ଯେ ଗଣତନ୍ତ୍ରରେ ଗଣ ହିଁ ପ୍ରଭୁ ଏବଂ ସେମାନଙ୍କ ନିଷ୍ପତ୍ତି/ମତାମତ ହିଁ ସର୍ବଶେଷ। ଏହି ଶାସନ ବ୍ୟବସ୍ଥାରେ ଅହଂ, ସ୍ୱୈରଚାର, ଏକଚାଟିଆ ବା ମନମୁଖି ଆଭିମୁଖ୍ୟର କୌଣସି ସ୍ଥାନ ନାହିଁ। ଗତ ବାରବର୍ଷରେ ସିଏଏ ଓ କୃଷି ଆଇନ ପରି ଦୁଇଦୁଇଟି ଘଟଣାରେ କେନ୍ଦ୍ର ସରକାରଙ୍କ ମନମୁଖି ଶାସନ ପରାଭବର ସାମ୍ନା କରିଥିଲେ ମଧ୍ୟ କୌଣସି ମନ୍ତ୍ରୀ ଇସ୍ତଫା ଦେବାକୁ ପଡ଼ି ନଥିଲା କି କାହାକୁ ବରଖାସ୍ତ କରାଯାଇ ନଥିଲା। ଯାହା ବାରବର୍ଷରେ ଘଟି ନଥିଲା ତାହା ଜେନ୍ ଜେଡ୍ ଗୋଷ୍ଠୀ କରି ଦେଖାଇଲେ। ଏହା ପ୍ରମାଣ କଲା ଯେ ମନୋବଳ ଦୃଢ଼, ଲକ୍ଷ୍ୟ ସ୍ଥିର, ଆଭିମୁଖ୍ୟ ସ୍ୱଚ୍ଛ ଓ କାର୍ଯ୍ୟାବଳୀ ନିଃସ୍ୱାର୍ଥପର ହେଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କିଛି ଅସମ୍ଭବ ନୁହେଁ କି କେହି ଦୁର୍ଜେୟ ନୁହନ୍ତି। ଅନେକ ପ୍ରାରମ୍ଭିକ ବାଧାବିଘ୍ନ ସତ୍ତ୍ୱେ ଶେଷରେ ଗଣତନ୍ତ୍ରର ହିଁ ବିଜୟ ହୁଏ।

ଯଦି କେନ୍ଦ୍ର ସରକାର ନିଜ ଅହଂକୁ ପରିହାର କରି ଗଣଦାବିକୁ ସ୍ୱୀକାର କରିବାରେ ଆଉ ଅଧିକ ବିଳମ୍ବ କରିଥା'ନ୍ତେ ତେବେ ସିଜେପିର ଆନ୍ଦୋଳନ ପ୍ରତିମୁହୂର୍ତ୍ତରେ ଆହୁରି ଅଧିକରୁ ଅଧିକ ଜନସମର୍ଥନ ଲାଭ କରି ବଳିଷ୍ଠ ହୋଇ ଜନ-ମହାସମୁଦ୍ରର ରୂପ ନେଇଥା'ନ୍ତା ଏବଂ ତା'ର ଲହରି ଓ ଗର୍ଜନ ସାରା ଦେଶରେ ବିକ୍ଷୋଭର ସୁନାମି ସୃଷ୍ଟି କରିଥା'ନ୍ତା। ତା' ପରେ ହୁଏତ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସେନା ମୁତୟନ କରିବାକୁ ପଡ଼ିଥା'ନ୍ତା, ଯାହା ବିଶ୍ୱ ଦରବାରରେ ସର୍ବବୃହତ୍ ଗଣତନ୍ତ୍ରକୁ ନିନ୍ଦିତ କରିଥା'ନ୍ତା। ହୁଏତ ବାଂଲାଦେଶ ଓ ନେପାଳ ଅନୁକ୍ରମରେ ଭାରତ ସରକାରଙ୍କୁ ମଧ୍ୟ ଇସ୍ତଫା ଦେବାକୁ ପଡ଼ିଥା'ନ୍ତା। ଏହାର ସୁଯୋଗ ନେଇ ବାହ୍ୟ ତତ୍ତ୍ୱ ଭାରତରେ ଅସ୍ଥିରତା, ହିଂସା ସୃଷ୍ଟି କରିବାରେ ଆଦୌ ପଶ୍ଚାତପଦ ହୋଇ ନ ଥା'ନ୍ତା। କିନ୍ତୁ ଦୂରଦର୍ଶୀ ଭାରତ ସରକାର ବିଜ୍ଞତାର ପରିଚୟ ଦେଇ ସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ବେଳ ହୁଁ ସିଜେପିର ଦାବିକୁ ଗ୍ରହଣ କରିନେଇଛନ୍ତି ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି।

ସିଜେପି ଆନ୍ଦୋଳନର ଯୁଗାନ୍ତକାରୀ ବାର୍ତ୍ତା ହେଲା ବୁଦ୍ଧ ଓ ଗାନ୍ଧୀଙ୍କ ଭୂମିରେ ହିଂସାର ସ୍ଥାନ ନାହିଁ। ବାଂଲାଦେଶ ଓ ନେପାଳର ଜେନ୍ ଜେଡ୍ ଭଳି ହିଂସା ଉପାୟରେ ଦାବି ହାସଲ କରିବାର ପଥ ଉନ୍ମୁକ୍ତ ଥିଲେ ହେଁ ତାହାକୁ ଭାରତର ଜେନ୍ ଜେଡ୍ ପରିହାର କରି ଅହିଂସ ପଥକୁ ଚୟନ କରିଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଏହି ଉପଲବ୍ଧି ସମଗ୍ର ବିଶ୍ୱ ପାଇଁ ଏକ ସକାରାତ୍ମକ ବାର୍ତ୍ତା। ଏହା ପୁଣି ଥରେ ପ୍ରମାଣିତ କରିଛି ଯେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା ଏବଂ ଅହିଂସାର ମାର୍ଗ ହିଁ ଦାବି ହାସଲ କରିବାର ସର୍ବୋତ୍ତମ ବିକଳ୍ପ। ଭାରତର ଜେନ୍ ଜେଡ୍ ବର୍ଗ ଏହି ଆନ୍ଦୋଳନ ଜରିଆରେ ପୂର୍ବଜ ବରିଷ୍ଠ ଓ ଅଭିଜ୍ଞ ନେତୃବର୍ଗଙ୍କ ପାଇଁ ମଧ୍ୟ ଏକ ସନ୍ଦେଶ ଦେଇଛନ୍ତି। ସେମାନେ ଉଦାହରଣ ସୃଷ୍ଟି କରିଛନ୍ତି ଯେ ଦଳୀୟ ନୀତି ଓ ଆଦର୍ଶ ଯଦି ଜନସ୍ୱାର୍ଥ ସମ୍ବଳିତ ହୁଏ ତେବେ ଦଳ-ମତ-ଜାତି-ସମ୍ପ୍ରଦାୟ ନିର୍ବିଶେଷରେ ସାରା ଭାରତର ସମର୍ଥନ ମିଳିପାରିବ। ଆନ୍ଦୋଳନର ଆଗଧାଡ଼ିର କର୍ମକର୍ତ୍ତାମାନେ ଆହୁରି ମଧ୍ୟ ପ୍ରମାଣ କରିଛନ୍ତି ଯେ ସମସ୍ତେ ବିକ୍ରିଯୋଗ୍ୟ ନୁହନ୍ତି ଏବଂ ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥାପି ବଞ୍ଚିଛି।

ସର୍ବୋପରି ଭାରତର ଗଣତନ୍ତ୍ର ସୁପ୍ତପ୍ରାୟ ବୋଲି ସୃଷ୍ଟି ହୋଇସାରିଥିବା ଧାରଣା ଯେ ନିରାଧାର ତାହା ସିଜେପି ଆନ୍ଦୋଳନରୁ ଅନୁଭୂତ ହୋଇଛି। ଗଣତନ୍ତ୍ର ପ୍ରତି ସୃଷ୍ଟି ହୋଇଥିବା ହତାଶା ମରୁରେ ସିଜେପି ଆନ୍ଦୋଳନ ସଞ୍ଜୀବନୀ ସଞ୍ଚାର କରିଛି। ଏହାକୁ ପରିପୁଷ୍ଟ କରିବା ପୂର୍ବଜ ଓ ଉତ୍ତରପିଢ଼ିଙ୍କ ଦାୟିତ୍ୱ। ●

## ଲକ୍ଷ୍ମୀ ପୁରାଣ: ନାରୀର ସ୍ୱାଧୀନ ସ୍ୱରର ଉଚ୍ଚାରଣ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ନିକଟରେ ଓଡ଼ିଶା ସରକାର ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ର ଏକକୋଟି ସଂଶୋଧିତ ପ୍ରତିମୁଦ୍ରଣ ଓ ବିତରଣ କରିବା ସହ ସନ୍ଥକବିଙ୍କ ସ୍ମୃତିରେ 'ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣର ଘୋଷଣା କରିଛନ୍ତି। ଏହି ଘୋଷଣା ସ୍ୱାଭାବିକ ଭାବରେ ଭିନ୍ନଭିନ୍ନ ମହଲରେ ନାନା ବିଚାରବିମର୍ଶ ତଥା ବିତର୍କର ସୂତ୍ରପାତ କରିଛି। କେହି ଏହାକୁ ବର୍ତ୍ତମାନ ସରକାରଙ୍କ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା ଓ ସାଂସ୍କୃତିକ ପୁନର୍ଜାଗରଣ ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ବୋଲି କହୁଥିବା ବେଳେ ଅନେକ ମଧ୍ୟ ଏହା ସଂପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ସେଥିପାଇଁ ଏକ ବିବଦମାନ ସରକାରୀ ପଦକ୍ଷେପ ବୋଲି କହୁଛନ୍ତି। ଏହି ସବୁ ପ୍ରତିକ୍ରିୟା ଖୁବ୍ ସ୍ୱାଭାବିକ ଅବଶ୍ୟ।

ତେବେ ଏହି ଚର୍ଚ୍ଚା, ବିଚାର ବିମର୍ଶ କିମ୍ବା ମତମତାନ୍ତର ସବୁର ଉତ୍ତେଜକ ଆବହାୱାରେ ଅତି ମହତ୍ତ୍ୱପୂର୍ଣ୍ଣ ମୌଳିକ ପ୍ରଶ୍ନ ପ୍ରାୟ ଅନୁଚ୍ଚାରିତ। ତାହା ହେଉଛି : ଆମେ ଏ ଦୀର୍ଘ ଚାରିଶହ ବର୍ଷ ଭିତରେ ଓଡ଼ିଆ ମନୀଷା-ସୃଷ୍ଟ ଏହି ଗ୍ରନ୍ଥଟିକୁ କ'ଣ ସତରେ କେବେ ଗଭୀରତାର ସହିତ ପଢ଼ିଛେ; ତା'ର ମୂଲ୍ୟାୟନ କରିବାର ପ୍ରଚେଷ୍ଟା କରିଛେ ନା କେବଳ ଭାକ୍ତିକ ବିହ୍ୱଳତା ପ୍ରଦର୍ଶନ କରି ତା'ର ଅର୍ଚ୍ଚନ, ବନ୍ଦନ କରିବାରେ ସନ୍ତୁଷ୍ଟ ରହିଛେ? ଏହା ସତ୍ୟ ଯେ ଆମେ 'ଲକ୍ଷ୍ମୀ ପୁରାଣ'କୁ ମୁଖ୍ୟତଃ ଏକ ଧାର୍ମିକ ଗ୍ରନ୍ଥ ଭାବରେ ଗ୍ରହଣ କରିଛେ ଏବଂ ତତ୍‌ସହିତ ଭିନ୍ନ ଭିନ୍ନ ଧର୍ମୀୟ ଓ ବୌଦ୍ଧିକ ବିଚାର-ଆଲୋଚନାର ମଞ୍ଚମାନଙ୍କରେ ପଞ୍ଚଦଶ ଶତାବ୍ଦୀର ଏହି ଧାର୍ମିକ ଗ୍ରନ୍ଥରେ ଜାତିଭେଦ ତଥା ଅସ୍ପୃଶ୍ୟତା-ବିରୋଧୀ ସ୍ୱର କେତେ ବିସ୍ମୟକର ଭାବରେ ସ୍ପଷ୍ଟ ଓ ତୀବ୍ର ଥିଲା କହି ଖୁବ୍ ଗର୍ବ ଓ ଗୌରବ ଅନୁଭବ କରିଛେ। 'ଲକ୍ଷ୍ମୀ ପୁରାଣ'ର ଭାବବସ୍ତୁ ପ୍ରତି ଆମର ଏଇ ଆଭିମୁଖ୍ୟ ଆଦୌ ନିରାଧାର ନୁହେଁ।

ଏଥିରେ ଦ୍ୱିମତ ନାହିଁ ଯେ ଏହା ଏକ ଧାର୍ମିକ ଗ୍ରନ୍ଥ ହୋଇଥିଲେ ମଧ୍ୟ ଏହାର ଭାବବସ୍ତୁ ଦୃଷ୍ଟିରୁ ବିଚାର କଲେ ଏହା ହିନ୍ଦୁଧର୍ମ ବା ବ୍ରାହ୍ମଣ୍ୟ ଧର୍ମର ବର୍ଣ୍ଣବ୍ୟବସ୍ଥା-ବିରୋଧୀ ଗ୍ରନ୍ଥ ମଧ୍ୟ। ମାତ୍ର ଏହାର ବିଶେଷତ୍ୱ ଓ ଅନନ୍ୟତା ପ୍ରକୃତରେ କ'ଣ, ତାହା ସ୍ପଷ୍ଟ ହୋଇଥାଏ ଯେତେବେଳେ ଆମେ ଏହାକୁ ଏକ ସାହିତ୍ୟକୃତି ଭାବରେ ଗ୍ରହଣ କରି ବିଶ୍ୱ ସାହିତ୍ୟର ପ୍ରେକ୍ଷାପଟରେ ଏହାର ମୂଲ୍ୟାୟନ କରିଥାଉ। ସେତିକିବେଳେ ମଧ ସ୍ପଷ୍ଟ ହୋଇଥାଏ ଯେ ପ୍ରାଚୀନ ମଧ୍ୟଯୁଗୀୟ କାଳଖଣ୍ଡରେ ନାରୀ-ସ୍ୱାଧୀନତା ଓ ନାରୀ-ସାର୍ବଭୌମତାର ବାର୍ତ୍ତା ପ୍ରଦାନ କରୁଥିବା ସାହିତ୍ୟିକ ରଚନାମାନଙ୍କ ମଧ୍ୟରେ 'ଲକ୍ଷ୍ମୀ ପୁରାଣ'ର ସ୍ଥାନ ସ୍ୱତନ୍ତ୍ର। ନାରୀର ସ୍ୱାଧୀନ ନୈତିକ ସତ୍ତା, ସାମାଜିକ ନ୍ୟାୟ ଓ ମାନବୀୟ ସମତାର ଉଦ୍‌ଘୋଷଣା କରୁଥିବା ସାହିତ୍ୟିକ କୃତିମାନଙ୍କ ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ।

ଏହି ସନ୍ଦର୍ଭରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ ଯେ ନାରୀର ସ୍ୱାଧୀନତା ବା ସ୍ୱାୟତ୍ତତା ସଂପର୍କିତ ଭାବବସ୍ତୁର ସ୍ପଷ୍ଟ ଆଭାସ ପ୍ରଥମେ କେଉଁ ପ୍ରାଚୀନ ସାହିତ୍ୟିକ ସୃଷ୍ଟିରେ ଉପଲବ୍ଧ? ଏ ପ୍ରଶ୍ନର ଉତ୍ତର ମିଳିଥାଏ ଦୁଇ ହଜାର ବର୍ଷ ତଳେ ରଚିତ ହୋଇଥିବା ବିଶ୍ୱର ପ୍ରାଚୀନତମ ନାରୀ କବିତା ସଂକଳନ 'ଥେରୀଗାଥା'ରୁ। ବହୁ ଐତିହାସିର ଏକମତ ଯେ ବୌଦ୍ଧ ସାହିତ୍ୟର ଏହି ଅତୁଳନୀୟ କୃତିରେ ପ୍ରଥମେ ପରିସ୍ଫୁଟିତ ହୋଇଥିଲା ନାରୀ ସ୍ୱାଧୀନତା କେନ୍ଦ୍ରିକ ଚେତନା ଓ ସ୍ୱର। 'ଥେରୀଗାଥା'ରେ ନାରୀ ପ୍ରଥମେ ନିଜ କଣ୍ଠରେ କହିଥିଲା - 'ମୋ ଜୀବନ ଏକାନ୍ତ ଭାବରେ ମୋର ଓ ମୋ ଜୀବନର ନିଷ୍ପତ୍ତି ମୁଁ ହିଁ ନେବି- ମୋ ସ୍ୱାଧୀନ ଇଚ୍ଛାରେ'।

ଏହି କବିତା ସଂକଳନରେ ବୌଦ୍ଧ ଭିକ୍ଷୁଣୀମାନେ ବାରମ୍ବାର ଘୋଷଣା କରିଛନ୍ତି- 'ଆମର ମୁକ୍ତି ଲୋଡ଼ା ପାରିବାରିକ ବନ୍ଧନସବୁରୁ। ଶିଶୁର କାନ୍ଦ ହେଉ କି ହସ ହେଉ, ସ୍ୱାମୀର ସୋହାଗ ହେଉ କି ଅବହେଳା ହେଉ, ଗୃହାଙ୍ଗନର ନିରାପତ୍ତା ହେଉ କି ପୁରୁଷମାନଙ୍କ ସହାୟତା ପ୍ରଦାନକାରୀ କୃପାଦୃଷ୍ଟି ହେଉ - ଏ ପ୍ରତ୍ୟେକଟି ଆମ ପାଇଁ ମୂଲ୍ୟହୀନ। କାରଣ ଆମେ ଆମର ଅନ୍ତର୍ସତ୍ତାର ସ୍ୱର ଶୁଣି ସାରିଛୁ। ଆମେ ସ୍ୱାଧୀନ ଓ ସ୍ୱାୟତ୍ତାଧୀନ'। 'ଥେରୀଗାଥା'ର କବିତା ପାଠ କଲେ ସ୍ପଷ୍ଟ ଜଣାପଡ଼ିଥାଏ ଯେ ମାନବ ଇତିହାସରେ ପ୍ରଥମ ଥର ପାଇଁ ନାରୀ ନିଜ ଜୀବନର କାହାଣୀ ନିଜେ ଲେଖୁଛି; ସେ ଆଉ କାହାର କାହାଣୀର ପାତ୍ର ନୁହେଁ, ସେ ନିଜେ ନିଜ ଜୀବନର କଥକ।

'ଥେରୀଗାଥା'ର ସୃଷ୍ଟି ଠାରୁ ପ୍ରାୟ ପନ୍ଦରଶହ ବର୍ଷ ପରେ ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ସନ୍ଥ କବି ବଳରାମ ଦାସ ଏମିତି ଏକ ନାରୀ-ଚରିତ୍ରର ମର୍ମସ୍ପର୍ଶୀ ଚିତ୍ରଣ



କଲେ, ଯିଏ କେବଳ ନିଜ ମୁକ୍ତିର କଥା କହିଲେ ନାହିଁ, - ସେ ସମାଜକୁ ବଦଳାଇବାର ଦାୟିତ୍ୱ ନିଜ କାନ୍ଧରେ ମଧ୍ୟ ନେଲେ। ଲକ୍ଷ୍ମୀ ଠାକୁରାଣୀ ହେଲେ ନାରୀ-ଚରିତ୍ରର ପ୍ରତିନିଧି। ପ୍ରଭୁ ବଳରାମ ଓ ପ୍ରଭୁ ଜଗନ୍ନାଥ ହେଲେ ପୁରୁଷ -ପ୍ରାଧାନ୍ୟ ପାରିବାରିକ ତଥା ସାମାଜିକ ବ୍ୟବସ୍ଥାର ପ୍ରତିଭୂ। ସାମାଜିକ ଅସମାନତା, ଜାତିବର୍ଣ୍ଣ ଆଧାରିତ ଭେଦଭାବ ତଥା ଅସ୍ପୃଶ୍ୟତାର ପୀଡ଼ନରୁ ମୁକ୍ତି ଖୋଜୁଥିବା ଆର୍ତ୍ତସ୍ୱରଟି ହେଲା ଶ୍ରୀୟା ଚଣ୍ଡାଳୁଣୀଙ୍କର।

'ଲକ୍ଷ୍ମୀ ପୁରାଣ'ର ଲକ୍ଷ୍ମୀ କିନ୍ତୁ 'ଥେରୀଗାଥା'ର ଭିକ୍ଷୁଣୀ ପରି ମୁକ୍ତି ଲୋଡ଼ି ନାହାନ୍ତି କୌଣସି ବନ୍ଧନରୁ, ବରଂ ବନ୍ଧନକୁ ସେ ଅଙ୍ଗୀକାର କରିଛନ୍ତି ଆପଣା ସର୍ତ୍ତରେ ଓ ଆପଣାର ସ୍ୱାଧୀନ ଇଚ୍ଛରେ। 'ଥେରୀଗାଥା' ର ନାରୀ ଗୃହ ତ୍ୟାଗ କରି ମୁକ୍ତି ବା ନିର୍ବାଣ ଖୋଜିଛନ୍ତି ବୁଦ୍ଧ-ପ୍ରଦର୍ଶିତ ମାର୍ଗରେ। ମା' ଲକ୍ଷ୍ମୀ ଗୃହତ୍ୟାଗ କରିଛନ୍ତି, କିନ୍ତୁ ପୁନଶ୍ଚ ଗୃହକୁ ଫେରିଆସିଛନ୍ତି ଆପଣାର ସର୍ତ୍ତରେ। 'ଥେରୀଗାଥା'ର ନାରୀ ଦୁଃଖର ନିର୍ବାପନର ମାର୍ଗ ଖୋଜିଛନ୍ତି; ମା' ଲକ୍ଷ୍ମୀ ଖୋଜିଛନ୍ତି ସମାଜରୁ ଅନ୍ୟାୟ, ଅସମାନତା ଓ ଭେଦଭାବର ନିର୍ବାପନର ମାର୍ଗ। 'ଥେରୀଗାଥା'ରେ ମୁକ୍ତିର ପଥ ସନ୍ନ୍ୟାସ; 'ଲକ୍ଷ୍ମୀ ପୁରାଣ'ରେ ମୁକ୍ତିର ପଥ ସାମାଜିକ ନ୍ୟାୟ ଓ ସମତା। ଏହି ସୂକ୍ଷ୍ମ ଅଥଚ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଯୋଗୁଁ କବି ବଳରାମ ବିଶ୍ୱ ସାହିତ୍ୟର ଇତିହାସରେ ଆଧୁନିକ ନାରୀବାଦ କହିଲେ ଏବେ ଆମେ ଯାହା ବୁଝୁଛେ, ତା'ର ସର୍ବପ୍ରଥମ ପଥିକୃତ୍ ସାହିତ୍ୟିକ। ତାଙ୍କରି ଲେଖନୀ ସୃଷ୍ଟ 'ଲକ୍ଷ୍ମୀ ପୁରାଣ' ନାରୀର ସ୍ୱାଧୀନତା ଓ ସ୍ୱାଧୀନେଚ୍ଛାର ସର୍ବଶ୍ରେଷ୍ଠ ଉଚ୍ଚାରଣ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ପାଣିପାଗ ପୂର୍ବାନୁମାନ ଓ ଚାଷୀର ପ୍ରକୃତ ଆବଶ୍ୟକତା

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

ଜୁନ୍ ୨୦୨୬ ର ଶେଷ ସପ୍ତାହରେ ଓଡ଼ିଶାର ଅନେକ ଚାଷୀ ଏଭଳି ଏକ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି, ଯାହା ପୂର୍ବ ପିଢ଼ିର ଚାଷୀମାନେ କଦାପି ଭାବି ନଥିଲେ। ୧୨ ଜୁନ୍‌ରେ ମୌସୁମୀ ଆଗମନ ହେବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଅନେକ ଚାଷୀ ସନ୍ଦେହରେ ଥିଲେ ଏବଂ ତଳିପକା କାମ ଆରମ୍ଭ କରିବାକୁ ସାହସ ବାନ୍ଧି ପାରି ନ ଥିଲେ। ଦଶନ୍ଧି ଦଶନ୍ଧି ଧରି ମୌସୁମୀ ଆସିଲେ ଚାଷ କାମ ଆରମ୍ଭ ହେଉଥିଲା। କିନ୍ତୁ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବଦଳୁଥିବା ଆଚରଣ ଯୋଗୁଁ ଚାଷ କାର୍ଯ୍ୟର ଯୋଜନା କରିବା କଷ୍ଟକର ହୋଇପଡ଼ିଛି।



ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଘୋଷଣା କରାଯାଉଥିବା ମୌସୁମୀ ଆଗମନର ଅର୍ଥ କେବଳ ବାୟୁମଣ୍ଡଳରେ ମୌସୁମୀ ପ୍ରବାହ ସୃଷ୍ଟି ହେବାକୁ ବୁଝାଏ। ଏହା ଗ୍ୟାରେଣ୍ଟି ଦିଏ ନାହିଁ ଯେ ସବୁଆଡ଼େ ଭଲ ଓ ଚାଷ ଉପଯୋଗୀ ବର୍ଷା ହେବ। ୨୦୦୯ ଏବଂ ୨୦୧୫ ରେ ମୌସୁମୀ ଠିକ୍ ସମୟରେ ଆସିଥିଲା। କିନ୍ତୁ ପରେ ଦୀର୍ଘ ଦିନ ଧରି ମରୁଡ଼ି ସଦୃଶ ସ୍ଥିତି ଦେଖାଦେଇ ଚାଷ ଉଜାଡ଼ି ଦେଇଥିଲା। ୨୦୨୩ ରେ ମଧ ଶୀଘ୍ର ମୌସୁମୀ ଆସିବା ପରେ ବର୍ଷା ଗାଏବ ହୋଇଯାଇଥିଲା। ଓଡ଼ିଶାରେ ୧୨ ଜୁନ୍‌ରେ ମୌସୁମୀ ଛୁଇଁଥିଲେ ମଧ ୩୦ ତାରିଖ ଶେଷ ସୁଦ୍ଧା ଅନେକ ସ୍ଥାନରେ ଚାଷ ପାଇଁ ପର୍ଯ୍ୟାପ୍ତ ବର୍ଷା ହୋଇ ନ ଥିଲା।

ଚାଷୀଙ୍କୁ କେବଳ ମୌସୁମୀ ଆଗମନର ତାରିଖ ନୁହେଁ, ବରଂ 'କୃଷିଭିତ୍ତିକ ମୌସୁମୀ ପ୍ରତିଷ୍ଠା'ର ସୂଚନା ଦରକାର। ଏହାର ଅର୍ଥ ହେଉଛି - ବର୍ଷା କେବେଠାରୁ ନିୟମିତ ଓ ପର୍ଯ୍ୟାପ୍ତ ହେବ, ଯାହାଦ୍ୱାରା ଚାଷୀ ନିର୍ଭୟରେ ବିଲକୁ ଓହ୍ଲାଇପାରିବେ, ସମୁଦାୟ ବର୍ଷାର ପରିମାଣ କ'ଣ ଚାଷ ପାଇଁ ଯଥେଷ୍ଟ ଇତ୍ୟାଦି। ଆମେ ସାଧାରଣତଃ ମାସିକ କିମ୍ବା ଋତୁଭିତ୍ତିକ ସମୁଦାୟ ବର୍ଷାର ହିସାବ ଦେଖି ମୌସୁମୀ ଭଲ କି ମନ୍ଦ ଆକଳନ କରୁ। କିନ୍ତୁ ଫସଲ ପାଇଁ ପରିସଂଖ୍ୟାନ ନୁହେଁ, ବରଂ ଗଛ ବଢ଼ିବା ସମୟରେ ମାଟିରେ ରହୁଥିବା ଆର୍ଦ୍ରତା ଅଧିକ ଗୁରୁତ୍ୱପୂର୍ଣ୍ଣ। ୧୯୬୫ ଓ ୧୯୮୭ ଭଳି ବଡ଼ ମରୁଡ଼ି ବର୍ଷରେ ବର୍ଷାର ପରିମାଣ ବହୁତ କମ୍ ଥିଲା। କିନ୍ତୁ ୨୦୦୨, ୨୦୦୯, ୨୦୧୫, ୨୦୨୩ ଓ ୨୦୨୬ରେ ବର୍ଷାର ସମୁଦାୟ ପରିମାଣ ପ୍ରାୟ ସ୍ୱାଭାବିକ ଥିଲେ ମଧ୍ୟ ଦୀର୍ଘ ଦିନ ଧରି ବର୍ଷା ନହେବା ଯୋଗୁଁ ମାଟି ଶୁଖିଗଲା ଏବଂ ଫସଲ ନଷ୍ଟ ହେଲା। ଯଦି ଗୋଟିଏ ମାସରେ ମାତ୍ର ୨ ରୁ ୩ ଦିନ ପ୍ରବଳ ବର୍ଷା ହୋଇଯାଏ ଏବଂ ବାକି ଦିନଗୁଡ଼ିକ ଶୁଖିଲା ରହେ ତେବେ କାଗଜପତ୍ରରେ ବର୍ଷାର ପରିମାଣ ଠିକ୍ ଦେଖାଯିବ, କିନ୍ତୁ ତାହା ଫସଲ ପାଇଁ କ୍ଷତିକାରକ।

ଧାନ ଚାଷରେ ଗଜା ହେବା, କାନ୍ଥେଇବା, କେଣ୍ଡା ବାହାରିବା, ଫୁଲ ଆସିବା ଏବଂ ଧାନ କ୍ଷୀର ହେବା ସମୟରେ ପାଣିର ନିହାତି ଆବଶ୍ୟକତା ଥାଏ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବର୍ଷା ନହେଲେ, ପରବର୍ତ୍ତୀ ସମୟରେ ପ୍ରବଳ ବର୍ଷା ହେଲେ ମଧ ତାହା ଫସଲକୁ ବଞ୍ଚାଇ ପାରିବ ନାହିଁ। ତେଣୁ ବର୍ଷାର ପରିମାଣ ଅପେକ୍ଷା ବର୍ଷାର ନିୟମିତତା ଅଧିକ ଜରୁରୀ। ଚାଷୀମାନଙ୍କୁ ପ୍ରକୃତରେ କେଉଁ ସୂଚନା ଦରକାର? ଏହାର ସହଜ ଉତ୍ତର ହେଉଛି 'ମାଟିର ଆର୍ଦ୍ରତା'। ମାଟିର ଆର୍ଦ୍ରତା ହିଁ ପାଣିପାଗ ଓ କୃଷିକୁ ପରସ୍ପର ସହ ଯୋଡ଼ିଥାଏ। ବର୍ଷା, ତାପମାତ୍ରା, ବାଷ୍ପୀଭବନ ଓ ପବନର ଗତିକୁ ଆଧାର କରି ଗଛର ଚେର ଥିବା ସ୍ଥାନରେ କେତେ ପାଣି ଅଛି, ତାହା ଉପରେ ଫସଲର ବୃଦ୍ଧି ନିର୍ଭର କରେ। ୨୦୦୨, ୨୦୦୯, ୨୦୧୫, ୨୦୨୩ ଏବଂ ଏହି ୨୦୨୬ ରେ କୃଷି କ୍ଷେତ୍ରରେ ସମସ୍ୟା କେବଳ ବର୍ଷାର ଅଭାବ ଯୋଗୁଁ ହୋଇନାହିଁ, ବରଂ ଦୀର୍ଘ ଦିନର ଶୁଖିଲା ପାଗ ଓ ଅଧିକ ତାପମାତ୍ରା ଯୋଗୁଁ ମାଟିର ଓଦାପଣ ଶୀଘ୍ର କମିଯିବା କାରଣରୁ ହୋଇଛି। ଏଭଳି ସ୍ଥିତିରେ କେବଳ ବର୍ଷାର ପରିସଂଖ୍ୟାନ ଚାଷର ପ୍ରକୃତ ଅବସ୍ଥା ଦର୍ଶାଇପାରେ ନାହିଁ।

ଆଧୁନିକ ଜଳସେଚନ ପରିଚାଳନାରେ ଦୁଇଟି ମୁଖ୍ୟ ପଦ୍ଧତି ବ୍ୟବହାର କରାଯାଉଛି। ପ୍ରଥମ ପଦ୍ଧତିରେ ମାଟିରୁ କେତେ ପରିମାଣର ପାଣି କମିଲେ ଫସଲ ଖରାପ ହେବ ତା'ର ଆକଳନ କରାଯାଏ ଏବଂ ଦ୍ୱିତୀୟ ପଦ୍ଧତିରେ ପ୍ରତିଦିନ ବାଷ୍ପୀଭବନ ଦ୍ୱାରା କେତେ ଜଳ ନଷ୍ଟ ହେଉଛି ଏବଂ ତାହା ବର୍ଷା ବା ଜଳସେଚନ ଦ୍ୱାରା କେମିତି ଭରଣା ହେଉଛି, ତା'ର ଦୈନିକ ହିସାବ ରଖାଯାଏ। ତେଣୁ ବର୍ତ୍ତମାନର ବଦଳୁଥିବା ମୌସୁମୀ ସ୍ଥିତିରେ ବର୍ଷାଭିତ୍ତିକ ଚାଷ ପାଇଁ ମଧ ମାଟିର ଆର୍ଦ୍ରତା ସମ୍ପର୍କିତ ଆଭିମୁଖ୍ୟ ପ୍ରାସଙ୍ଗିକ ହୋଇପଡ଼ିଛି। ଚାଷୀଙ୍କୁ ଠିକ୍ ସମୟରେ ଜଣାଇବା ଦରକାର ଯେ ସେମାନଙ୍କ ଜମିର ମାଟିରେ କେତେ ପରିମାଣର ଆର୍ଦ୍ରତା ଅଛି, ତାହା କେତେ ଶୀଘ୍ର ଶୁଖୁଛି ଏବଂ ଆଗକୁ ବର୍ଷା ଦ୍ୱାରା ତାହା ଭରଣା ହେବାର ସମ୍ଭାବନା କେତେ। ଏହା ଜାଣିଲେ ଯାଇ ଚାଷୀ ଠିକ୍ ସମୟରେ ସଠିକ୍ ଭାବେ ତଳି ପକାଇବା ବା ରୁଆ କାମ କରିପାରିବେ।

ବଦଳୁଥିବା ମୌସୁମୀ କାରଣରୁ ଚାଷୀଙ୍କୁ କେବଳ 'ମୌସୁମୀ ଆସିଲା କି ନାହିଁ' ଜାଣିବା ଯଥେଷ୍ଟ ନୁହେଁ। ବର୍ତ୍ତମାନ ଚାଷୀଙ୍କୁ ଦୁଇଟି ପ୍ରଶ୍ନର ଉତ୍ତର ଆବଶ୍ୟକ। ପ୍ରଥମଟି ହେଉଛି କୃଷିଭିତ୍ତିକ ମୌସୁମୀ ସ୍ଥିର ହେଲା କି? ଏବଂ ଦ୍ୱିତୀୟ, ଫସଲ ବଞ୍ଚାଇବା ପାଇଁ ମାଟିରେ ପ୍ରକୃତ ଆର୍ଦ୍ରତା ଅଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ମୌସୁମୀ ଆସିବାର ତାରିଖ କିମ୍ବା ବର୍ଷାର ସମୁଦାୟ ପରିମାଣରୁ ମିଳିପାରିବ ନାହିଁ। ଏଥିପାଇଁ କୃଷିଭିତ୍ତିକ ସୂଚକାଙ୍କ ଆବଶ୍ୟକ, ଯାହା ପାଣିପାଗ ସୂଚନାକୁ ଚାଷ କାର୍ଯ୍ୟର ସହଜ ନିଷ୍ପତ୍ତିରେ ବଦଳାଇପାରିବ। ଏହି ନୂତନ କୃଷି ସୂଚକାଙ୍କ କିଏ ପ୍ରସ୍ତୁତ କରିବ, କେମିତି ବିକାଶ କରାଯିବ ଏବଂ ଏହା କିଭଳି ଚାଷୀଙ୍କ ପାଖରେ ସହଜରେ ପହଞ୍ଚିପାରିବ ତାହା ହିଁ ଭାରତର ଆଗାମୀ ପିଢ଼ିର କୃଷି-ପାଣିପାଗ ପରାମର୍ଶ ସେବାର ଭବିଷ୍ୟତ ନିର୍ଦ୍ଧାରଣ କରିବ। ●

ଭୁବନେଶ୍ୱର
ମୋ:୭୭୩୫୩୭୪୯୭

## ନୀଳାଦ୍ରିବିଜେର ଲୀଳା ବୈଶିଷ୍ଟ୍ୟ

ଡ. ଶରତ ଚନ୍ଦ୍ର ପରିଡ଼ା

ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଲୀଳାପୁରୁଷ ଶ୍ରୀଜଗନ୍ନାଥଙ୍କ 'ନୀଳାଦ୍ରିବିଜେ' ରଥଯାତ୍ରାର ଅଷ୍ଟମ ତଥା ଶେଷ ଚରଣ। ପ୍ରିୟ ଗୁଣ୍ଡିଚା ମଣ୍ଡପରେ ଜନ୍ମବେଦୀ ମହୋତ୍ସବ ଲୀଳା ଭିଆଇ ବାହୁଡ଼ାଦଶମୀରେ ନୀଳାଦ୍ରିକୁ ଫେରନ୍ତି ଶ୍ରୀମନ୍ଦିରର ଅଧିଷ୍ଠାତା ନୀଳାଦ୍ରିବିହାରୀ ନୀଳାଦ୍ରୀଶ ନୀଳଶୈଳଶିରୋମଣି।

ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭଉଣୀକୁ ସାଥିରେ ଧରି ଘୋଷଯାତ୍ରାରେ ଶ୍ରୀଜଗନ୍ନାଥ ପଳାଇଥିବାରୁ ସେ ଦୋଷୀ। ଅଭିମାନିନୀ ଲକ୍ଷ୍ମୀ ନୀଳାଦ୍ରୀଶଙ୍କୁ ନୀଳାଦ୍ରି ପ୍ରବେଶ ନିଷେଧ କରିଦିଅନ୍ତି। ସିଂହଦ୍ୱାର ଦରଜାର କଂସା କବାଟ ବନ୍ଦ ଅର୍ଥାତ୍ 'କବାଟକୀଳା' ନୀତି ଅନୁଷ୍ଠିତ ହୁଏ। ଲକ୍ଷ୍ମୀଙ୍କ ପ୍ରାର୍ଥନାରେ ଇନ୍ଦ୍ର ପ୍ରବଳ ବର୍ଷାରେ ଭିଜାଇ ଦେବାରୁ ଶ୍ରୀଜଗନ୍ନାଥ ଚିନ୍ତି ଚିନ୍ତି ଥରିବାକୁ ଲାଗନ୍ତି। ଜଗତର ନାଥ ନିଜର ଅନିଚ୍ଛାକୃତ ଦୋଷ ସ୍ୱୀକାର କରି କ୍ଷମା ମାଗିବାର ସମ୍ବାଦ ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ପହଞ୍ଚେ। ଜଗଜ୍ଜନନୀଙ୍କ କ୍ରୋଧର ନିଆଁ ଶୀତଳ ହେବାରୁ ପତିଦେବତାଙ୍କୁ ଝିଙ୍ଗାସ ବଚନ କହିଥିବାରୁ ତାଙ୍କ ଛାତି ଫାଟିଗଲା ପରି ଲାଗେ। ଦ୍ୱାର ଖୋଲି ଦେବାକୁ କହି କାନ୍ଦିବାକୁ ଲାଗନ୍ତି।

ସିଂହଦ୍ୱାର ସିନା ଖୋଲିଗଲା, ହେଲେ ଜୟବିଜୟ ଦ୍ୱାର ବନ୍ଦ। ସେଠାରେ ଚିତ୍ତାକର୍ଷକ ଲକ୍ଷ୍ମୀନାରାୟଣ ବଚନିକା ପର୍ଯ୍ୟାୟ ଆରମ୍ଭ ହୁଏ। ପ୍ରଥମେ ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ଶ୍ରୀଜଗନ୍ନାଥ ପୁରୁଷ ସୁଲଭ ଚାଟୁ ବାକ୍ୟ କହନ୍ତି: 'ନବ ଦିନ ମୋତେ ନବଯୁଗ ହେଲା ଶ୍ରୀମୁଖ ନଦେଖି ତୋର/ ଝୁଲି ଝୁଲି ଦେହ ଦୁର୍ବଳ ହେଲାଣି ପାଦ ନଚଳଇ ମୋର।' ଏତକ କହି ଆଉ ରୋଷ ନକରି ତାଙ୍କୁ କ୍ଷମା କରିଦେବା ପାଇଁ ପତ୍ନୀପ୍ରିୟଙ୍କ ପ୍ରାର୍ଥନା କରନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀ ଠାକୁରାଣୀ ଜଗନ୍ନାଥଙ୍କ ଚାଟୁବାକ୍ୟ ଶୁଣି କଟୁ ବାକ୍ୟ ପ୍ରୟୋଗ କରିଛନ୍ତି: 'ଯାଅ ଯାଅ ଫେରି ନୀଳାଦ୍ରି ବିହାରୀ ଭଉଣୀକି ସଙ୍ଗେ ନିଅ/ ଛାଡ଼ି କରି ଗଲେ ଦୁଃଖ କରିବଟି ନନ୍ଦରାଜାର ଝିଅ।' ଶ୍ରୀଜଗନ୍ନାଥ କୈଫିୟତ୍ ଦେଇ ଯୁକ୍ତି ବାଢ଼ନ୍ତି:



'ଜ୍ୟେଷ୍ଠ ସହୋଦର ତୋର ଦେଢ଼ଶୁର ସେ ସଙ୍ଗତେ ଥିଲେ ଯେଣୁ/ ଏକଥା ଚିତ୍ତେ ବିଚାରିଣ ତୋତେ ସଙ୍ଗତେ ନନେଲି ତେଣୁ।'

ନାରୀମାନଙ୍କର ବସ୍ତ୍ରଆଭୂଷଣ ପ୍ରତି ଅହେତୁକ ଦୁର୍ବଳତା ଥିବା ଜଗତର ନାଥ ଭଲ ଭାବରେ ଜାଣି ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ମନଲୋଭା ଉପହାର ସବୁ ଆଣିଛନ୍ତି। ପ୍ରାଣପ୍ରିୟା ପତ୍ନୀଙ୍କ ପାଇଁ ଦୁଦୁରା, ତାଡ଼କୀ, ଯବଦଣ୍ଡୀ, ସମ୍ବଲପୁରିଆ ବାଙ୍କ ଡେଉଁରିଆ, ଶୁଆବସା ନାକଗୁଣା, ଚିନାମାଳ, ହୃଦୟକୁ ପଦକ, ପାଦକୁ ବାଜେଣି, ହାତକୁ ବଳା, ମରକତ ଚୁଡ଼ି ଆଦି ନାନା ରତ୍ନ ଅଳଙ୍କାର ଓ କଳାମେଘୀ ଶାଢ଼ି ଭେଟି ଦେଇ କହନ୍ତି : 'ଫେଡ଼ ଫେଡ଼ କମଳିନୀ ଗୋ ଫେଡ଼ ଗୋ କବାଟ/ ତୁମ ପାଇଁ ଆଣିଛି ମୁଁ ଚିତ୍ରମେଘୀ ପାଟ।' ରତ୍ନାକର ସୁତା ଐଶ୍ୱର୍ଯ୍ୟଦାତ୍ରୀ ଲୋଭନୀୟ ବସ୍ତ୍ରାଳଙ୍କାରରେ ପ୍ରଲୁବ୍ଧ ନହୋଇ ବାପଘରର ବଡ଼ପଣ କଥା ମନେ ପକାନ୍ତି। ନିଜ ଭାଗ୍ୟକୁ ନିନ୍ଦନ୍ତି : 'ଧିକ ମୋ ଜୀବନ ମୋ ବାପା ବରୁଣ, କାହିଁ ଦେଲା ଏଠି ବାହା/ ଗେରସ୍ତ ବୋଲି ମୁଁ ଯା' ହାତ ଧରିଲି, କହେ ନାହିଁ ସିଏ ଆହା।' ଲକ୍ଷ୍ମୀ ଜଗନ୍ନାଥଙ୍କୁ ତାଚ୍ଛଲ୍ୟ କରି ସେସବୁ ଉପହାର ଗୋପୀମାନଙ୍କ ମନୋରଞ୍ଜନ ପାଇଁ ଦେବା ପାଇଁ କହନ୍ତି। ରାଗରେ ମଣିଷର ମର୍ମ କଥା କହି ହୋଇଯାଏ। ଗୁପ୍ତ ବୃନ୍ଦାବନ ଗୁଣ୍ଡିଚାମନ୍ଦିରର ରାସଲୀଳା କଥା ଲକ୍ଷ୍ମୀ ଭଲ ଭାବରେ ଜାଣନ୍ତି। ତାହା ମାଧୁର୍ଯ୍ୟଲୀଳାର ପୀଠସ୍ଥଳୀ ହୋଇଥିବାରୁ ସେଠାରେ ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ପ୍ରବେଶ ନିଷେଧ। ମହାପ୍ରଭୁଙ୍କ ସକଳ ଅନୁନୟ ବିନୟ ଲକ୍ଷ୍ମୀ ନବୁଝିବାରୁ ସେ କଠୋର ହୋଇ ଚରମ ନିଷ୍ପତ୍ତି ଶୁଣାଇଛନ୍ତି: 'ମୁଁ ହିଁ ବୋଲି ତୋର ଦାଉ ସମ୍ଭାଳିଛି ଆଉ କେ ପାରନ୍ତା ସହି/ ଘର ଛାଡ଼ି କରି କଉପୀନ ମାରି ଯାଆନ୍ତାଣି ଯୋଗୀ ହୋଇ। ତୁମ୍ଭେ ଗୋ ଇନ୍ଦିରେ ସର୍ବଜନେ କୃପା କର/ ଚାଣ୍ଡାଳୁ ଦ୍ୱିଜଙ୍କ ସେବା କର ଅଙ୍ଗୀକାର। ସେହି ମହାଭାବ ମୁଁହି ରଥେ ପ୍ରଚାରିବି/ ନବଦିନ ଯାତ୍ରା ରଚି ଜଗତେ ତାରିବି। ଭକତବତ୍ସଳ ନାମ ମୋର ଏଣୁ ଖ୍ୟାତ/ଏଥକୁ ଗୋ ପଦ୍ମାଳୟା ଭାବ ତୁ ଉଚିତ।' ଏପରି ଭାଇବୋହୂ ଓ ସାନଭାଇଙ୍କ ଦାମ୍ପତ୍ୟ କଳହକୁ ଘରର ଗୁରୁଜନ ବଡ଼ଭାଇ ବଳରାମ ଶୁଣି କଡ଼ା ଅନୁଶାସନ ଶୁଣାଇଛନ୍ତି- ଏପରି ଖିଡ଼ବଡ଼ ଆଉ ଥରେ ଶୁଣିଲେ ସେ ନିଶ୍ଚୟ ଜଗନ୍ନାଥଙ୍କୁ ଭିନ୍ନ କରିଦେବେ।

ଉଭୟଙ୍କ ଚେତା ପଶେ। କବାଟ ଉନ୍ମୋଚିତ ହୁଏ। ଲୀଳାମୟ ଶ୍ରୀଜଗନ୍ନାଥ 'ଭିତିରି ବିଜେ' କରନ୍ତି। ମା'ଲକ୍ଷ୍ମୀ ପ୍ରାଣପ୍ରିୟଙ୍କୁ ଦେଖି ଭାବପ୍ରବଣତାରେ ଲୁହ ଝରାଇ କ୍ଷମା ମାଗନ୍ତି। ଅନୁଷ୍ଠିତ ହୁଏ ପ୍ରତୀକ୍ଷିତ ମହାମିଳନ। ମୁଣ୍ଡ ସାଉଁଳେଇ ଗାଢ଼ ଆଲିଙ୍ଗନରେ ଚନ୍ଦ୍ରବଦନରେ ଚୁମା ଦିଅନ୍ତି। ଅନୁରାଗରେ ମିଳନର ମଧୁର ମୂର୍ଚ୍ଛନା ସୃଷ୍ଟି ହୁଏ। ଶଙ୍ଖ ହୁଳହୁଳି ମଧ୍ୟରେ ଗଇଁଠାଳ ଫିଟାଯାଇ ମହାସ୍ନାନ ମଙ୍ଗଳ ଆଳତି ପରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ମିଷ୍ଟନୈବେଦ୍ୟ ରସଗୋଲା ଖୁଆଇ ଦିଅନ୍ତି। ଘଷା ବିଡ଼ିଆ ମଣୋହି ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ବିଜେ କରନ୍ତି।

ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ଅର୍ଥାତ୍ ପ୍ରକୃତି ଓ ପୁରୁଷ ହେଉଛନ୍ତି କୋଟି କୋଟି ଦମ୍ପତିଙ୍କ ସାର୍ଥକ ପ୍ରତିନିଧି। ଏହି ଲୀଳା ପବିତ୍ର ପ୍ରେମପୂର୍ଣ୍ଣ ଓ ପ୍ରଗତିଶୀଳ ଦାମ୍ପତ୍ୟ ଜୀବନ ଧାରା। ରାଗ ଅନୁରାଗର ଏକ ମିଶ୍ରରାଗ। ଦାମ୍ପତ୍ୟ ଜୀବନରେ ସାମୟିକ ବିଚ୍ଛେଦର ଏହା ଏକ ଚମତ୍କାର ମାନବିକ ମୂଲ୍ୟାୟନ। ଗାର୍ହସ୍ଥ୍ୟ ଜୀବନରେ ଖଟା-ମିଠା, ବାଦ-ବିବାଦ ଓ ରାଗ-ରୁଷା ଅନ୍ତରାଳରେ ବହୁଥାଏ ସ୍ନେହ ମମତାର ଝର। ଅବୁଝାପଣକୁ ଆତ୍ମୀୟତାର ପୁଟ ଦେଇ ପରିଲେ ତାହା ହର୍ଷୋଲ୍ଲାସରେ ରୂପାନ୍ତରିତ ହୁଏ। ମାନବୀୟ ଜଗନ୍ନାଥ ଧର୍ମର ଏହା ହିଁ ଆଦର୍ଶ ଓ ଆଚରଣ। ସମସ୍ତ ଦାମ୍ପତ୍ୟ ଜୀବନ ପ୍ରୀତିଝରା, ମଧୁଭରା ଓ ଅପାସୋରା ହେଉ। ●

ଭୁବନେଶ୍ୱର, ମୋ: ୭୦୦୮୪୭୫୪୪୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହଷ୍ଟେଲ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ମୃତଦେହ ରଖି ଆଶ୍ରମ ସ୍କୁଲ ଆଗରେ ଧାରଣା

ଉମରକୋଟ,୨୬।୭ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମପଞ୍ଚାୟତର ବାଟିବେଡ଼ା ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ଜବା ସାନ୍ତା (୧୪)। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ ଏବଂ ବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ଛାତ୍ରୀ ଜଣଙ୍କ ଘର ଉମରକୋଟ ବ୍ଲକର ସୁନାବେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଲଦଲି ଗ୍ରାମରେ। ଏହି ଘଟଣା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାର ତଦନ୍ତ କ୍ଷତିପୂରଣ ଦାବିରେ ଲୋକେ ଶବକୁ ସ୍କୁଲ ଫାଟକ ଆଗରେ ରଖି ଆନ୍ଦୋଳନ କରିଥିଲେ।

ସୂଚନା ଅନୁସାରେ ଶନିବାର ରାତିରେ ବିଦ୍ୟାଳୟ ପରିସର ବାହାରେ ଏକ ଜମିରେ ଥିବା ଗଛରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦଲଦଲି ଗ୍ରାମରେ ମୋବାଇଲ ନେଟ୍‌ୱର୍କ ସୁବିଧା ନଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ରାତିରେ ଗ୍ରାମକୁ ଯାଇ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଥିଲେ। ମୃତ ଛାତ୍ରୀଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, କଂଗ୍ରେସ ଓ ବିଜେଡି ଦଳର ସ୍ଥାନୀୟ ନେତାମାନେ ମୃତଦେହକୁ ଆଶ୍ରମ ବିଦ୍ୟାଳୟ ଫାଟକ ସମ୍ମୁଖରେ ରଖି ଧାରଣାରେ ବସିଥିଲେ। କଂଗ୍ରେସର ଜିଲ୍ଲା ସଭାପତି ଡ.ଲିପିକା ମାଝୀ, ସନରାଜ ଗଣ୍ଡ, ସାଇ ନାରାୟଣ ପାଢ଼ୀ ଓ ବାଗ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିବା ସହ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ ଯେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପିଏ-ଆଇଟିଡିଏ,



ବିଜେଡିର ପୂର୍ବତନ ସାଂସଦ ରମେଶ ମାଝୀ ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ଧାରଣାକାରୀମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିବା ସହ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର ଓ ତହସିଲଦାର ମେଘବାନ ମେଡିକାଲ ଅଫିସର, ଏଡିଡବ୍ଲ୍ୟୁଓ ଓ ଡିଡବ୍ଲ୍ୟୁଓଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇଛି। ଏଥିସହ ମଙ୍ଗଳ ବିଭାଗ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ୨ ଟଙ୍କା ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ତଦନ୍ତ ରିପୋର୍ଟରେ ଯାହାଙ୍କ ଅବହେଳା କିମ୍ବା ଦାୟିତ୍ୱହୀନତା ପ୍ରମାଣିତ ହେବ, ସେମାନଙ୍କ ବିରୋଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ମୃତ ଛାତ୍ରୀଙ୍କ ପରିବାର ଓ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

# ରକ୍ତଦାନ ଶିବିରକୁ ଲିଫଲେଟ୍ ନାହିଁ; ମନ୍ତ୍ରୀଙ୍କ ପ୍ରଚାର ହୋର୍ଡିଂରେ କୋଟି କୋଟି ଖର୍ଚ୍ଚ

## ୨ବର୍ଷ ହେଲା ସରକାରୀ ରକ୍ତଭଣ୍ଡାରରେ ଲିଫଲେଟ୍ ବନ୍ଦ

ଭୁବନେଶ୍ୱର,୨୬।୭ (ସମିସ): ରାଜ୍ୟରେ ସରକାରୀ କାର୍ଯ୍ୟକ୍ରମ, ସଭାସମିତି ପାଇଁ ଯାବତୀୟ ପ୍ରଚାର ହେଉଛି। ମନ୍ତ୍ରୀମାନଙ୍କ ଗସ୍ତ କାଳରେ ଗଳିକନ୍ଦିରେ ହୋର୍ଡିଂ, ବ୍ୟାନର, କଟଆଉଟ୍ ଲଗାଯାଉଛି। ଜାତୀୟସ୍ତରର ନେତାମାନେ ଓଡ଼ିଶା ଆସିଲେ ବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ବହୁ ହୋର୍ଡିଂ ଲାଗୁଥିବା ଦେଖାଯାଉଛି। ମାତ୍ର ରୋଗୀଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରିବା ଓ ଏଥିପାଇଁ ସଚେତନତା ଶିବିର ଆୟୋଜନ ପାଇଁ ବିଭିନ୍ନ ରକ୍ତଦାନ ଶିବିରରେ ଲିଫ୍‌ଲେଟ୍‌ଟିଏ ପହଞ୍ଚି ପାରୁନାହିଁ। ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ ନେଇ ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ସ୍ଥାନରେ ଏହାକୁ ବଣ୍ଟନ କରାଯାଇଥାଏ। ମାତ୍ର ଦୀର୍ଘ ୨ବର୍ଷ ହେବ ଏହି ଲିଫଲେଟ୍ ଛପାଯାଇନଥିବା ସୂଚନା ମିଳିଛି। ଗୋଟେପଟେ ସରକାର ଅନାବଶ୍ୟକ କାର୍ଯ୍ୟ ପାଇଁ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରକ୍ତଦାନ ଭଳି ଏକ ସେନସିଟିଭ ମେଡିସିନ୍ ଆୱାରନେସ୍ ପାଇଁ ଆବଶ୍ୟକୀୟ ଲିଫଲେଟ୍ ପାଇଁ ସର୍ବନିମ୍ନ ଖର୍ଚ୍ଚ କରିବାକୁ ଅସମର୍ଥ ହୋଇଥିବା ଏବଂ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସରକାର ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।

ରାଜଧାନୀରେ କ୍ୟାପିଟାଲ ବ୍ଲଡ଼ ବ୍ୟାଙ୍କ, ସେଣ୍ଟ୍ରାଲ ରେଡକ୍ରସ୍ ଏବଂ ଏସସିବି ବ୍ଲଡ ସେଣ୍ଟର ସାରା ରାଜ୍ୟରୁ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ଯୋଗାଇଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ରହିଥିବା ଘରୋଇ ଓ ସରକାରୀ ହସ୍ପିଟାଲ ଏହି ଦୁଇ ବ୍ଲଡ ସେଣ୍ଟରକୁ ଭରସା କରିଥାନ୍ତି। ସୂଚନା ଅନୁସାରେ ସରକାରଙ୍କର ୫୬ଟି, ରେଡକ୍ରସ୍‌ର ୨ଟି ଏବଂ ଏମସ୍‌ର ଗୋଟିଏକୁ ମିଶାଇ ରାଜ୍ୟରେ ମୋଟ୍ ୫୯ଟି ବ୍ଲଡବ୍ୟାଙ୍କ ରହିଛି। ତେବେ ଜୀବନ ପାଇଁ ସଂଘର୍ଷ କରୁଥିବା ରାଜ୍ୟରେ ପ୍ରାୟ ୧୭ହଜାର ଥାଲାସେମିଆ ରୋଗୀଙ୍କ ପାଇଁ ମାସିକ ୫୦ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ହେଉଥିବା ବେଳେ ବର୍ଷକୁ ପ୍ରାୟ ୬ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ।




ପୂର୍ବରୁ ବିଜେଡି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ବାର୍ଷିକ ପ୍ରାୟ ୪ଲକ୍ଷ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଶିବିର କରାଯାଇ ବଳକା ରକ୍ତ ସଂଗ୍ରହ କରାଯାଇଥାଏ। ହେଲେ ବର୍ତ୍ତମାନ ଅନ୍ୟ ସମୟରେ ନିୟମିତ ରକ୍ତଦାନ ଶିବିରର ଆୟୋଜନ ହେଉନଥିବାରୁ ରାଜ୍ୟରେ ରକ୍ତର ସଙ୍କଟ ଦେଖାଦେଇଛି। ଲୋକଙ୍କ ମଧ୍ୟରେ ରକ୍ତଦାନ ନେଇ ସଚେତନତା ସୃଷ୍ଟି କରିବାକୁ କ୍ୟାମ୍ପ ଗୁଡ଼ିକରେ ଲିଫଲେଟ୍ ରକ୍ତଦାତାମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଥାଏ। ଏଥିରେ ରକ୍ତଦାନ କରିବାର ବୟସ ସୀମା, ରାଜ୍ୟର ବ୍ଲଡବ୍ୟାଙ୍କ ଗୁଡ଼ିକରେ ମିଳୁଥିବା ବିଭିନ୍ନ ବ୍ଲଡଗ୍ରୁପ୍ ରକ୍ତର ସବିଶେଷ ତଥ୍ୟ ରହିଥାଏ। ରକ୍ତଦାନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କି ପ୍ରକାର ଉପକାର ମିଳିଥାଏ, ଥରକେ ଜଣେ କେତେ ପରିମାଣରେ ରକ୍ତଦାନ କରିପାରିବେ, ରକ୍ତଦାନ କରିବାର ବ୍ୟବଧାନ କେତେ ରହିବା ଆବଶ୍ୟକ, ପ୍ରତିଟି ସଂଗୃହୀତ ରକ୍ତମୁଣି ପାଇଁ ରକ୍ତଭଣ୍ଡାରରେ କିକି ପରୀକ୍ଷା କରାଯାଏ, ଚରକ୍ତଦାନ ଦ୍ୱାରା ଏଡସ୍ ରୋଗ ସଂକ୍ରମିତ ହୋଇଥାଏ କି ନାହିଁ, କେତେଦିନ ଯାଏ ରକ୍ତ ଭଣ୍ଡାରରେ ରକ୍ତ ସଂରକ୍ଷଣ କରାଯାଇଥାଏ ସମ୍ପର୍କରେ ତଥ୍ୟ ଲୋକମାନଙ୍କୁ ସଚେତନ କରିବାକୁ ସକ୍ଷମ ହୋଇଥାଏ। ଲୋକମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ଅନୁପ୍ରେରିତ କରିବାକୁ ଏହା ଏକ ମାଧ୍ୟମ ରୂପେ ବିବେଚନା କରାଯାଉଥିଲା। ହେଲେ ବିଗତ ୨ବର୍ଷ ମଧ୍ୟରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କମିଥିବା ବେଳେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା କରାଯାଉ ନଥିବା ଅଭିଯୋଗ ହୋଇଛି।

ଏନେଇ ଫେଡେରେସନ୍ ଅଫ୍ ବ୍ଲଡ ଡୋନର ଅର୍ଗାନାଇଜେସନ୍ ଅଫ୍ ଓଡ଼ିଶାର ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି ଯେ ଲୋକମାନଙ୍କ ପାଖରେ ସୂଚନା ରହିଲେ ସେମାନେ ଶିବିରରେ ପହଞ୍ଚିବା ସହଜ ହୋଇଥାଏ। କେବଳ ସେତିକି ନୁହେଁ, ଲିଫଲେଟ୍‌ରେ ରକ୍ତଦାନ ସମ୍ପର୍କରେ ଲେଖା ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମସ୍ତେ ଜାଣିବା ଓ ସଚେତନ ହେବା ଆବଶ୍ୟକ। ତେବେ କେବଳ ରାଜଧାନୀ ହସ୍ପିଟାଲ ନୁହେଁ କଟକ ଏସସିବି, ଏମକେସିଜି ହସ୍ପିଟାଲ ବ୍ଲଡବ୍ୟାଙ୍କରେ ମଧ୍ୟ ଲିଫଲେଟ ଉପଲବ୍ଧ ନାହିଁ। ପୂର୍ବରୁ ଏହି ଲିଫଲେଟ୍ ପ୍ରତିଟି ଶିବିରରେ ଯୋଗାଇ ଦିଆଯାଉଥିବା ବେଳେ ପ୍ରାୟ ୨ବର୍ଷ ହେବ ତାହା ଉପଲବ୍ଧ ନ ଥିବା ସୂଚନା ରହିଛି ବୋଲି ଶ୍ରୀ ରାଉତ କହିଛନ୍ତି।

## ବର୍ଷେ ପରେ ଜେନ୍-ଜୀ ନେତା ବାଛିଲା କଂଗ୍ରେସ

# ବିଭୂତି ଓଡ଼ିଶା ଛାତ୍ର କଂଗ୍ରେସ ଆଡ୍-ହକ୍ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୬।୭ (ସମିସ): ପିସିସି ମୁଖପାତ୍ର ତଥା ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ରଙ୍କୁ ଛାତ୍ର କଂଗ୍ରେସର (ଏନ୍‌ଏସ୍‌ୟୁଆଇ) ଆଡ୍-ହକ୍ ସଭାପତି ଭାବେ ନିଯୁକ୍ତି ମିଳିଛି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସଭାପତି ବିଭୂତିଙ୍କ ନିଯୁକ୍ତି ସୁପାରିସକୁ ଅନୁମୋଦନ ଦେବା ପରେ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ବିଭୂତି ଭୂଷଣ ମହାପାତ୍ର ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ନିଯୁକ୍ତି ଦୁର୍ନୀତି ଓ ପରୀକ୍ଷା ପ୍ରକ୍ରିୟାରେ ହେଉଥିବା ଅନିୟମିତତା ବିରୋଧରେ ସକ୍ରିୟ ଭୂମିକା ନେଇଆସିଛନ୍ତି। ଆରଆଇଅମିନ ନିଯୁକ୍ତି ଦୁର୍ନୀତି, ପୁଲିସ ଏସଆଇ ନିଯୁକ୍ତି ପ୍ରସଙ୍ଗ, ବନ ବିଭାଗରେ ନିଯୁକ୍ତି ଅନିୟମିତତା ଏବଂ ସିଭିଲ ଜେଇ ପ୍ରଶ୍ନପତ୍ର ଲିକ୍ ଭଳି ବହୁ ଚର୍ଚ୍ଚିତ ପ୍ରସଙ୍ଗରେ ସେ ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀଙ୍କ ସ୍ୱରକୁ ସରକାରଙ୍କ ସମ୍ମୁଖରେ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି।



ଏହି ସମସ୍ତ ପ୍ରସଙ୍ଗରେ ସେ ବିଭିନ୍ନ ଗଣଆନ୍ଦୋଳନ, ବିକ୍ଷୋଭ, ଧାରଣା, ପଦଯାତ୍ରା ଏବଂ ସ୍ମାରକପତ୍ର ପ୍ରଦାନ ଭଳି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ନିଯୁକ୍ତି ପ୍ରକ୍ରିୟା ପାଇଁ ଦାବି ଉଠାଇଥିଲେ। ବିଭୂତି ଭୂଷଣ ମହାପାତ୍ର ବର୍ତ୍ତମାନ ରାଜ୍ୟ କଂଗ୍ରେସର ମୁଖପାତ୍ର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଜଣେ ଦକ୍ଷ ବକ୍ତା ଓ ସକ୍ରିୟ ଛାତ୍ର ସଙ୍ଗଠକ ଭାବେ ସେ ସକ୍ରିୟ ଅଛନ୍ତି। ତାଙ୍କ ନିଯୁକ୍ତିକୁ ରାଜ୍ୟର ଛାତ୍ର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ସ୍ୱାଗତ କରିଛନ୍ତି। ଅନ୍ୟପଟେ ବିଭୂତିଙ୍କ ନିଯୁକ୍ତି ପରେ ବର୍ଷେ ହେବ ଖାଲି ପଡ଼ିଥିବା ଛାତ୍ର କଂଗ୍ରେସ ସଭାପତି ପଦ ପୂର୍ଣ୍ଣ ହୋଇଛି। ସାରା ଦେଶରେ ଏବେ ଜେନ୍-ଜୀ ଆନ୍ଦୋଳନ ଓ ଛାତ୍ରଙ୍କ ଭୂମିକା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହେଲେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କ ପଦ ଛାଡ଼ିବା ପରଠାରୁ ବର୍ଷେ କାଳ ବିନା ଛାତ୍ର କଂଗ୍ରେସ ସଭାପତିରେ ଏହି ସଂଗଠନ ଚାଲିଥିଲା। ଏବେ ବିଭୂତିଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ଛାତ୍ର ଆନ୍ଦୋଳନକୁ ନେଇ କଂଗ୍ରେସର କିଛି ନୂତନ ରଣନୀତି ଥିବା ଚର୍ଚ୍ଚା ହେଉଛି।

■ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ

# ଖର୍ଚ୍ଚ ହେବ ୧୬୫ କୋଟି

ଭୁବନେଶ୍ୱର,୨୬।୭ (ସମିସ): ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ (ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର) ନିର୍ମାଣ ପାଇଁ ପ୍ରଶାସନିକ ଅନୁମତି ପ୍ରଦାନ କରିଛି ଜଳସମ୍ପଦ ବିଭାଗ। ଏହି ଦୁଇଟି ପ୍ରକଳ୍ପ ପାଇଁ ମୋଟ ୧୬୫ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ବିଭାଗ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଏନେଇ ଅବଗତ କରାଯାଇଛି। ଚିଠି ଅନୁଯାୟୀ ମୟୂରଭଞ୍ଜର କାଂଶପାଳ ଗ୍ରାମ ନିକଟରେ କତ୍ରା ନଦୀ ଉପରେ ଏକ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ମୋଟ ୭୬ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ନିକଟରେ ଇଛା ନଦୀ ଉପରେ ନିର୍ମିତ ହେବ। ଏଥିପାଇଁ ୮୯ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରଖାଯାଇଛି। ଉଭୟ ପ୍ରକଳ୍ପ ରାଜ୍ୟ ପାଣ୍ଠିରୁ ନିର୍ମାଣ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଧରପଣା ପାଇ...

ତିଥିରେ ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ଏହାପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି।

ରାତି ୮ଟା ସୁଦ୍ଧା ଅଧରପଣା ନୀତି ଶେଷ ହେବାକୁ ଥିବାବେଳେ ରାତି ୯ଟା ୪୨ରେ ସରିଥିଲା। ତେବେ ପ୍ରଥମେ ତାଳଧ୍ୱଜ ରଥରେ ରାତି ୯ଟା ୧୮ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହାପରେ ଦେବଦଳନ ରଥରେ ୯ଟା ୨୮ରେ ଏବଂ ଶେଷରେ ନନ୍ଦିଘୋଷ ରଥରେ ରାତି ୯ଟା ୪୨ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

### ଚମକିଲେ ଜ୍ୟୋତିର୍ମୟୀ...

ସଙ୍ଗୀତ ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ ପରିଚୟ ଦେଇଛି। ଜ୍ୟୋତିର୍ମୟୀଙ୍କ ଏହି ସଫଳତାକୁ ନେଇ ସମଗ୍ର ରାଜ୍ୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି। ବିଜେତା ଭାବେ ଜ୍ୟୋତିର୍ମୟୀଙ୍କୁ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶର ତନିଷ୍କା ଶୁକ୍ଲା ପ୍ରଥମ ରନର୍ସଅପ୍ ଏବଂ ମନରାଜବୀର ସିଂହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରାଣ୍ଡ ଫାଇନାଲେରେ ଜ୍ୟୋତିର୍ମୟୀଙ୍କ ଭାବପୂର୍ଣ୍ଣ ଏବଂ ସୁମଧୁର ପରିବେଷଣ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା। ବିଚାରକ ଶ୍ରେୟା ଘୋଷାଲ, ବିଶାଲ୍ ଦଦ୍‌ଲାନୀ ଓ ବାଦଶାହଙ୍କ ସମେତ ଉପସ୍ଥିତ ଅତିଥିମାନେ ତାଙ୍କ ସଙ୍ଗୀତ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। ଖ୍ୟାତନାମା କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟ ନାରାୟଣ ମଞ୍ଚ ସଞ୍ଚାଳନ କରିଥିଲେ।

### ଗଠନ ହେଲା...

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପରୀକ୍ଷା ପ୍ରକ୍ରିୟାରେ ବୈଷୟିକ ଏବଂ ଗଠନମୂଳକ ସଂସ୍କାର ଆଣିବା ପାଇଁ ଏହି ବହୁମୁଖୀ ବିଶେଷଜ୍ଞ ଦଳ କାର୍ଯ୍ୟ କରିବ। ଟାସ୍କଫୋର୍ସରେ ନିଲେକାନିଙ୍କ ବ୍ୟତୀତ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଏସ୍. ସୋମନାଥ, ପୂର୍ବତନ ଆଇବି ନିର୍ଦ୍ଦେଶକ ତପନ ଡେକା, ଆଇଆଇଟି ମାଡ୍ରାସ ନିର୍ଦ୍ଦେଶକ ଭି. କାମାକୋଟି, ପୂର୍ବତନ ଶିକ୍ଷା ସଚିବ ଅନିତା କରୱାଲ ଏବଂ ଲଜିଷ୍ଟିକ୍ସ ବିଶେଷଜ୍ଞ ଅମୃତ ଲାଲ ମୀନା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପରୀକ୍ଷା ପରିଚାଳନା ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ବିଶ୍ୱସନୀୟ କରିବାକୁ ଏହି ଟାସ୍କ ଫୋର୍ସ ଖୁବ୍‌ଶୀଘ୍ର ସୁପାରିସ ଦାଖଲ କରିବ ଏବଂ ସେହି ଆଧାରରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ।

ସୂଚନାଯୋଗ୍ୟ, ପ୍ରଶ୍ନପତ୍ର ଲିକ୍‌କୁ ନେଇ ପ୍ରାୟ ୭ ସପ୍ତାହ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେବାର ମାତ୍ର ଗୋଟିଏ ଦିନ ପରେ ଏହି ଟାସ୍କ ଫୋର୍ସ ଗଠନ କରାଯାଇଛି। ଏହା ସହିତ ସରକାର ଆସନ୍ତାକାଲି ଲୋକସଭାରେ 'ସର୍ବସାଧାରଣ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ଆଗତ କରିବାକୁ ଯାଉଛନ୍ତି। ଏହି ନୂତନ ଆଇନରେ ପରୀକ୍ଷାରେ ଜାଲିଆତି କରୁଥିବା ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡ, ସମୟବଦ୍ଧ ତଦନ୍ତ ଏବଂ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ବ୍ୟବସ୍ଥା ରହିଛି। ପ୍ରସ୍ତାବିତ ବିଲ୍‌ରେ ପେପର ଲିକ୍ ଓ ପରୀକ୍ଷାରେ ଅନିୟମିତତା ପାଇଁ ଦଣ୍ଡକୁ ଅଧିକ କଠୋର କରାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ୫ ବର୍ଷରୁ ସର୍ବାଧିକ ୧୦ ବର୍ଷ ଜେଲ୍ ସହ ୫୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ହେବ। ସଂଗଠିତ ଅପରାଧ କ୍ଷେତ୍ରରେ ୭ରୁ ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି। ପରୀକ୍ଷା ପରିଚାଳନା ସହ ଜଡ଼ିତ ସେବା ପ୍ରଦାନକାରୀ ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ୫ କୋଟି ପର୍ଯ୍ୟନ୍ତ ଜରିମାନା, ପରୀକ୍ଷା ଖର୍ଚ୍ଚ ଆଦାୟ ଏବଂ ୮ ବର୍ଷ ପର୍ଯ୍ୟନ୍ତ ସରକାରୀ ପରୀକ୍ଷା ପ୍ରକ୍ରିୟାରୁ ବାଦ ଦେବାର ପ୍ରସ୍ତାବ ରହିଛି। ବିଲ୍‌ରେ ସ୍ୱଶାଲ୍ ଟାସ୍କ ଫୋର୍ସ ଗଠନ, ଦୁଇ ମାସ ମଧ୍ୟରେ ତଦନ୍ତ ଶେଷ, ଫାଷ୍ଟ ଟ୍ରାକ୍ କୋର୍ଟରେ ଦୈନିକ ଶୁଣାଣି ଏବଂ ଚାର୍ଜସିଟ୍ ଦାଖଲର ତିନି ମାସ ମଧ୍ୟରେ ବିଚାର ଶେଷ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ସ୍ୱଶାଲ୍ ଫାଷ୍ଟ ଟ୍ରାକ୍ କୋର୍ଟର ରାୟ ବିରୋଧରେ ୩୦ ଦିନ ମଧ୍ୟରେ ହାଇକୋର୍ଟରେ ଅପିଲ୍ କରିହେବ, ଯାହାକୁ ବିଶେଷ ପରିସ୍ଥିତିରେ ୯୦ ଦିନ ପର୍ଯ୍ୟନ୍ତ ବଢ଼ାଯାଇପାରିବ।

### ସରକାରଙ୍କୁ ଘେରିବାକୁ...

ଅନ୍ୟପଟେ ରାଜ୍ୟସଭାରେ ମଧ୍ୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦେଇଛି। ରାଜ୍ୟସଭାରେ ଟିଏମସିର ଉପ-ନେତା ସାଗରିକା ଘୋଷ ଗୃହର ସମସ୍ତ କାର୍ଯ୍ୟ ବନ୍ଦ କରି ଏହି ଘଟଣା ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସୁରକ୍ଷା ବାହିନୀ ସହିତ କିଛି ସାଧାରଣ ପୋଷାକଧାରୀ ବ୍ୟକ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରୁଥିବାର ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ପୁଲିସ ପେଲେଟ୍ ଗନ୍ ବ୍ୟବହାରକୁ ଅସ୍ୱୀକାର କରିଥିଲେ ମଧ୍ୟ ବିରୋଧୀ ଏହି ପ୍ରସଙ୍ଗରେ ସରକାରଙ୍କ ଉପରେ ଚାପ ପ୍ରୟୋଗ ଜାରି ରଖିଛନ୍ତି।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ପ୍ରତ୍ୟାହାର ପାଇଁ ସରକାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ସରକାରୀ ଆଦେଶ ଦିଲ୍ଲୀ ପୁଲିସରେ ପହଞ୍ଚିନାହିଁ। କେନ୍ଦ୍ର ଗୃହ ବିଭାଗରୁ ଆଦୋ ପହଞ୍ଚିଲା ପରେ ପୁଲିସ ଏଦିଗରେ ପଦକ୍ଷେପ ଗ୍ରହଣ କରିବ ବୋଲି କହିଛି।

### ଆହୁରି ୪୮ ଘଣ୍ଟା...

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପଟି ଆଜି ସକାଳେ ଅବପାତରେ ପରିଣତ ହୋଇଛି ଓ ଉତ୍ତର ଓଡ଼ିଶା -ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୨୪ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବ ଓ ସୋମବାର ସକାଳ କିମ୍ବା ମଧ୍ୟାହ୍ନ ସୁଦ୍ଧା ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ପାରାଦୀପ ଓ ସାଗର ଦୀପ ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହା ପ୍ରଭାବରେ ଆଗାମୀ ୪୮ ଘଣ୍ଟା ଯାଏ ଭୀଷଣ ବର୍ଷା ସମ୍ଭାବନା ରହିଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ ଅତି ପ୍ରବଳ ବର୍ଷା ପାଇଁ ଏହି ୩ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, ବୌଦ୍ଧ, କନ୍ଧମାଳ, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ନୟାଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି ପରି ଜିଲ୍ଲାରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱର୍ଣ୍ଣିଂ ଜାରି କରାଯାଇଛି।

ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅନେକ ନଦୀ ମଧ୍ୟ ଫୁଲିବାରେ ଲାଗିଛି। ତଳିଆ ଅଞ୍ଚଳରେ ବନ୍ୟା ଓ ସହରରେ କୃତ୍ରିମ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରି ସତର୍କ ରହିବାକୁ ପରାମର୍ଶ ଦେଇଛି। ଉତ୍ତର ଓଡ଼ିଶା ଉପକୂଳରେ ୪୦-୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା ୨୯ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଜଗତସିଂହପୁର ଓ ସମ୍ବଲପୁରରେ ଅତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ୪ଟି ସ୍ଥାନରେ ଅତି ପ୍ରବଳ ବର୍ଷା ସହ ୫୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ଜଗତସିଂହପୁରର ବିରିଡିରେ ସର୍ବାଧିକ ୩୨୮ ମିମି ବର୍ଷା ରେକର୍ଡ ହୋଇଛି।

### ବଜ୍ରପାତ ନେଲା...

ଭିତରେ ଟଳି ପଡ଼ିଥିଲେ। ନିକଟରେ ଥିବା କିଛି ସ୍ଥାନୀୟ ଲୋକ ଉଭୟଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ରାଜବରହମପୁର ଥାନା ଚଟ୍ଟରିପଡ଼ା ଗ୍ରାମର କହ୍ନେଇ କିସ୍କୁଙ୍କ ପୁଅ ବୁଦ୍ଧିଆ (୫୫) ଅପରାହ୍ନ ପ୍ରାୟ ସାଢ଼େ ୪ ସମୟର ବଜ୍ରପାତ ହେବାରୁ ବିଲରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ତୁରନ୍ତ ବରହମପୁର ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସିଜେପି ପରେ...

ଉଚିତ। ଯେହେତୁ ପେଟ୍ରୋଲ ପମ୍ପଗୁଡିକରେ ଏବେ କେବଳ ଇ-୨୦ ପେଟ୍ରୋଲ ବିକ୍ରି କରାଯାଉଛି, ଉପଭୋକ୍ତାମାନେ କହିଛନ୍ତି ଯେ ସେମାନଙ୍କୁ ନିଜ ପସନ୍ଦର ଇନ୍ଧନ ବିକଳ୍ପ ବାଛିବାରୁ ବଞ୍ଚିତ କରାଯାଇଛି। ଇ-୨୦ ଜନତା ପାର୍ଟି ଇଥାନଲ୍ ମିଶ୍ରିତ ପେଟ୍ରୋଲ ପ୍ରସଙ୍ଗରେ ଜନସାଧାରଣଙ୍କ ହତାଶାଭାବକୁ ଏକ ବୃହତ ଆନ୍ଦୋଳନରେ ପରିଣତ କରିବାକୁ ଚାହୁଁଛି। ଇଜେପି ଆଶା କରୁଛି ଯେ ବ୍ୟଙ୍ଗ ଏବଂ ଗଣ ପ୍ରତିବାଦ ପୁଣି ଥରେ ସରକାରଙ୍କ ଯୋଜନାକୁ ଦୋହଲାଇପାରିବ। ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଅନୁଯାୟୀ, ଇ-୨୦ ଜନତା ପାର୍ଟି ହେଉଛି ଏକ ନାଗରିକ-ନେତୃତ୍ୱାଧୀନ ଗ୍ରାହକ ଅଧିକାର ଆନ୍ଦୋଳନ। ପୋଷ୍ଟରେ କୁହାଯାଇଛି, ଗ୍ରାହକମାନଙ୍କ ପାଇଁ ଇନ୍ଧନ ନୀତିରେ ସ୍ୱଚ୍ଛତା, ସୂଚନାପ୍ରଦ ପସନ୍ଦ ଏବଂ ଦାୟିତ୍ୱ ରହିବା ଉଚିତ। ଯେପରି କି ନାଗରିକମାନଙ୍କର ଅନ୍ୟ ଅନେକ ଉତ୍ପାଦରେ ପସନ୍ଦ ଅଛି, ସେହିପରି ସେମାନଙ୍କର ପସନ୍ଦର ଇନ୍ଧନ କିଣିବାର ସ୍ୱାଧୀନତା ମଧ୍ୟ ରହିବା ଉଚିତ। ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟରୁ ଗୋଟିଏ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ପେଟ୍ରୋଲ ପମ୍ପରେ ଇଥାନଲ୍ ମିଶ୍ରିତ ଇନ୍ଧନ ବିକଳ୍ପ ସମେତ ୧୦୦% ଶୁଦ୍ଧ ପେଟ୍ରୋଲ ବାଛିବା ଏବଂ କ୍ରୟ କରିବାର ସ୍ୱାଧୀନତା ମିଳିବା ଉଚିତ। ଇଜେପି ସବସିଡି, ମାଗଣା ଇନ୍ଧନ କିମ୍ବା ଇଥାନଲ୍ ମିଶ୍ରିତ ଇନ୍ଧନ ପ୍ରତ୍ୟାହାର କରିବାକୁ ଦାବି କରୁନାହୁଁ। ସୋସିଆଲ ମିଡିଆ ପୋଷ୍ଟ ଅନୁଯାୟୀ, ଅନେକ ଗାଡ଼ି ମାଲିକ ମାଇଲେଜ୍, ଇଞ୍ଜିନ୍ ସୁସଙ୍ଗତତା, ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହା ବ୍ୟତୀତ, ଇ-୨୦ ଜନତା ଦଳର ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଇନ୍ଧନ ଲେବଲିଂରେ ସ୍ୱଚ୍ଛତା ସୁନିଶ୍ଚିତ କରିବା, ବିଭିନ୍ନ ଇନ୍ଧନ ମିଶ୍ରଣର ମୂଲ୍ୟ, ଲାଭ ଏବଂ ପ୍ରଭାବଶାଳୀତା ଉପରେ ସ୍ପଷ୍ଟ ଏବଂ ସହଜରେ ଉପଲବ୍ଧ ତଥ୍ୟ ପ୍ରକାଶ କରିବା ଏବଂ ମାଇଲେଜ୍, ଇଞ୍ଜିନ୍ କାର୍ଯ୍ୟଦକ୍ଷତା, ନିର୍ଗମନ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଉପରେ ସ୍ୱାଧୀନ ଅଧ୍ୟୟନ କରିବା ଏବଂ ଫଳାଫଳକୁ ସାର୍ବଜନୀନ କରିବା ଅନ୍ତର୍ଭୁକ୍ତ। ଏହା ମଧ୍ୟ ଦାବି କରାଯାଇଛି ଯେ, ନାଗରିକମାନଙ୍କୁ ଗୋଟିଏ ବିକଳ୍ପରେ ସୀମିତ ରହିବା ପରିବର୍ତ୍ତେ ସୂଚନାଭିତ୍ତିକ ପସନ୍ଦ ଚୟନ କରିବାର ସ୍ୱାଧୀନତା ଦିଆଯାଉ। ବଜାର ବିଶେଷଜ୍ଞଙ୍କ ମତରେ ଇ-୨୦ ଗାଡ଼ିର ମାଇଲେଜ୍ ୮-୧୫% ହ୍ରାସ କରିଛି, ପୁରୁଣା ଯାନର ଇଞ୍ଜିନ୍‌ରେ ତ୍ରୁଟି ଏବଂ ମରାମତି ଖର୍ଚ୍ଚ ବୃଦ୍ଧି କରିଛି। ଏଥିରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ପରିବାର ଉପରେ ସ୍ୱାର୍ଥର ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି, ଯାହାକୁ ମନ୍ତ୍ରୀ ଅସ୍ୱୀକାର କରିଛନ୍ତି।

### ଚାଉଳ ପୋକମରା...

ବୁବୁନା ଅଚେତ ହୋଇପଡ଼ିଥିଲା। ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ସକାଳେ ତାଙ୍କ ମୃତ୍ୟୁ ହୋଇଛି। ପରେ ୬ ବର୍ଷର ଝିଅ ପାୟଲ ଅସୁସ୍ଥ ହେବାରୁ ତାଙ୍କୁ ଭାପୁର ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ପାୟଲଙ୍କ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

### କାହା ସ୍ୱାର୍ଥରେ...

ସାମାଜିକ ଗଣମାଧ୍ୟମରେ ଓଏଚପିସି ପ୍ରକାଶ କରିଥିବା ତଥ୍ୟ ଅନୁସାରେ ଦୁଇଟି ଜଳଭଣ୍ଡାରକୁ ବ୍ୟବହାର କରି ପ୍ରକଳ୍ପଟି କାର୍ଯ୍ୟ କରିବ। ଉପର ବେସିନ୍‌ରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରକୁ ସଦୁପଯୋଗ କରି ତଳମୁଣ୍ଡରେ ଏକ ଉତ୍ସର୍ଗୀକୃତ ନିମ୍ନ ଜଳଭଣ୍ଡାର ନିର୍ମାଣ ହେବ। ଜଳଭଣ୍ଡାର ପାଣିକୁ ଏକ ଭୂତଳ ବିଦ୍ୟୁତ୍ ଷ୍ଟେସନ୍ ଦ୍ୱାରା ପରିଚାଳନା କରାଯିବ। ପ୍ରକଳ୍ପଟିର ବିଶେଷତ୍ୱ ହେଉଛି ରାଜ୍ୟର ସର୍ବୋଚ୍ଚ ବିଦ୍ୟୁତ ଚାହିଦା ସମୟରେ ବିଦ୍ୟୁତ୍ ଉତ୍ପାଦନ କରିବ ଏବଂ ସର୍ବନିମ୍ନ ଚାହିଦା ସମୟରେ ଉତ୍ପାଦନ ବନ୍ଦକରି ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ଉଠାଇବ।

ଶକ୍ତି ସମୀକ୍ଷକମାନଙ୍କ ଅଭିଯୋଗ ଅନୁସାରେ ସୁରକ୍ଷା ତଥା ଡିଜାଇନରେ ଗୁରୁତର ତ୍ରୁଟି କାରଣରୁ ମେଘା ଇଞ୍ଜିନିୟରିଂକୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୨୦୨୫ ମସିହାରେ ଏକବର୍ଷ ପାଇଁ କୌଣସି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ବାରଣ କରିଥିଲେ। ସେହିପରି ନିମ୍ନମାନର କାର୍ଯ୍ୟ ପାଇଁ ମହାରାଷ୍ଟ୍ର ସରକାର ୯୫ କୋଟିର ଜରିମାନା ଆଦାୟ କରିଥିବା ବେଳେ ତେଲେଙ୍ଗାନା ଏବଂ ଛତିଶଗଡ଼ରେ କମ୍ପାନୀର କାର୍ଯ୍ୟକଳାପକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହିପରି ଦୁର୍ନୀତି ଅପରାଧରେ ସିବିଆଇ ମେଘା ଇଞ୍ଜିନିୟରିଂ ବିରୁଦ୍ଧରେ ମାମଲା ରୁଜୁକରି ତଦନ୍ତ କରିଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଫେବୃୟାରୀ ୨୦୨୪ରେ ଅସିଦ୍ଧ ଘୋଷଣା କରିଥିବା ନିର୍ବାଚନୀ ବଣ୍ଡ ସ୍କିମରେ ମେଘା ଇଞ୍ଜିନିୟରିଂ କମ୍ପାନୀ ଓ ଏହାର ସହଯୋଗୀ ସଂସ୍ଥା ସମୁଦାୟ ୧୧୮୬ କୋଟିଟଙ୍କା ନିବେଶ କରିଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ୬୬୪ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ତେଣୁ ପ୍ରକଳ୍ପ ନିର୍ମାଣ ପାଇଁ ଏପରି ବିବାଦୀୟ ଓ ଦୁର୍ନୀତିଗ୍ରସ୍ତ କମ୍ପାନୀ ସହିତ ଓଏଚପିସି କାହିଁକି ଚୁକ୍ତିନାମା ସ୍ୱାକ୍ଷର କରିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ପ୍ରକଳ୍ପର ସମୁଦାୟ ନିର୍ମାଣ ଖର୍ଚ୍ଚ ୪ ହଜାର କୋଟିଟଙ୍କାରୁ ଅଧିକ ସ୍ଥିର ହୋଇ ମେଘା ଇଞ୍ଜିନିୟରିଂ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ମୂଲ୍ୟ ୟୁନିଟ ପିଛା ୮ ଟଙ୍କାରୁ ଅଧିକ ରହିବ, ଯାହା ଓଡ଼ିଶା ପାଇଁ ଅନ୍ୟାନ ସୂତ୍ରରୁ ଗ୍ରୀଡକୋ କ୍ରୟ କରୁଥିବା ବିଦ୍ୟୁତ ମୂଲ୍ୟଠାରୁ ଢେର ଅଧିକ। ତେଣୁ ପିଏସପି ପ୍ରକଳ୍ପ ପାଇଁ ଓଡ଼ିଶା ଉପଭୋକ୍ତା ଅଧିକ ବିଦ୍ୟୁତ ମୂଲ୍ୟ ପରିଶୋଧ କରିବେ। ପିଏସପି ପ୍ରକଳ୍ପକୁ ବାଦ ଦେଇ ଶସ୍ତାରେ ମିଳୁଥିବା ପବନ କଳ, ବ୍ୟାଟେରୀ ଏନର୍ଜି ଷ୍ଟୋରେଜ ସିଷ୍ଟମ ପରି ପ୍ରକଳ୍ପ ନିର୍ମାଣ କଲେ ରାଜ୍ୟସ୍ୱାର୍ଥ ସୁରକ୍ଷିତ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no- 780, dated 20.07.2026, I, DIBYAMANJARI HARIJAN, Daughter of - Jimuta Bahana Harijan & Kabita Harijan, permanent resident of Village - Bikrampur, PO - Bikrampur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from DIVYA MANJURI HARIJAN to DIBYAMANJARI HARIJAN. Henceforth, I shall be known as DIBYAMANJARI HARIJAN for all purposes.
Sd/- Dibyamanjari Harijan

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no - 1062, dated 14-07-2026, I, DHANA NAYAK, S/o - Harischandra Nayak, permanent resident of Village - Palpur, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Daughter from SUMATIREKHA NAYAK to SUSMITA REKHA NAYAK. Henceforth, she shall be known as SUSMITA REKHA NAYAK for all purposes.
Sd/- Dhana Nayak

ଘୁଙ୍ଗିଯୋର ପୋଲ ଉପରେ ୫ ଫୁଟ ବନ୍ୟାଜଳ

# ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ

ବୀରମହାରାଜପୁର, ୨୬।୭ (ସମିସ)



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଣୀ ପଞ୍ଚାୟତର ଭୁତିଆପାଲି ଏବଂ ଲୁତୁରପଙ୍କ ପଞ୍ଚାୟତର ମେଣ୍ଡିଲିପାଲି ମଧ୍ୟରେ ପ୍ରବାହିତ ଘୁଙ୍ଗିଯୋରରେ ବନ୍ୟାଜଳ ଆସିଛି। ଏହାଫଳରେ ଘୁଙ୍ଗିଯୋର ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହା ଯୋଗୁଁ ବୀରମହାରାଜପୁର-ଅମରପାଲି ମଧ୍ୟରେ ସଡ଼କ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ରାତିସାରା ଲଗାଣ ବର୍ଷା ଯୋଗୁଁ ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଛୋଟ ଛୋଟ ନାଳ ଓ ଜଳାଶୟଗୁଡ଼ିକ ଫୁଲି ଉଠିଛି। ଉଛୁଳା ପାଣି ସହ ବିଭିନ୍ନ ନାଳର ଜଳ ଘୁଙ୍ଗିଯୋରରେ ମିଶିବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସମସ୍ତ ପ୍ରକାର ଯାତାୟାତ ବାଧାପ୍ରାପ୍ତ ହୋଇଛି। ପୋଲର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଛି। ମୁର୍ଷୁଣ୍ଣୀରୁ ସମ୍ବଲପୁରକୁ ଚଳାଚଳ କରୁଥିବା ବସ୍ ସମେତ ସୋନପୁର-ରେଢାଖୋଲ, ରେଢାଖୋଲ-ସୋନପୁର ଏବଂ ବୀରମହାରାଜପୁର-ଅମରପାଲି-ଦୁର୍ଜନତୈଲା ରୁଟ୍‌ରେ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହାଫଳରେ ଦୈନନ୍ଦିନ ଯାତାୟାତ, ବ୍ୟବସାୟ ଏବଂ ଜରୁରୀ କାମରେ ଯାଉଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକେ ପରିସ୍ଥିତି ସ୍ୱାଭାବିକ ହେବା ଏବଂ ବନ୍ୟାଜଳ କମିବାକୁ ଅପେକ୍ଷା କରି ରହିଛନ୍ତି।

## କୁକୁରଜଙ୍ଘା ପତିତପାବନ କ୍ଷେତ୍ରର ବାହୁଡା ଯାତ୍ରା

**ଝାରସୁଗୁଡ଼ା, ୨୬।୭ (ସମିସ):** ଝାରସୁଗୁଡା ଜିଲ୍ଲା କୁକୁରଜଙ୍ଘାସ୍ଥିତ ଶ୍ରୀ ପତିତପାବନ କ୍ଷେତ୍ରରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ସକାଳୁ ଠାକୁରଙ୍କ ସକାଳ ଧୂପ ସହ ରଥରେ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଦ୍ୱିପ୍ରହର ଅନ୍ନଭୋଗ ଲାଗି ହେବା ପରେ ପହୁଡ଼ ପଡ଼ିଥିଲା। ଅପରାହ୍ଣ ସାଢେ ୨ଟାରେ ପହୁଡ଼ ଖୋଲା ଯାଇଥିଲା। ବେହେରାପଲ୍ଲୀର ଗୌନ୍ତିଆ ପରିବାରର ବସନ୍ତ ସାହୁଙ୍କ ଦ୍ୱାରା ବରଣ ହୋଇ ଅନିଲ ଉଦ୍ଧବ ସିଂହ



ଭକ୍ତମାନଙ୍କ ଗହଣରେ ଗୁଣ୍ଡିଚା ମନ୍ଦିରକୁ ଆସିଥିଲେ। ସେଠାରେ ମୁଖ୍ୟ ପୁରୋହିତ ଅକ୍ଷୟ ମିଶ୍ର, ଦେବଦାସୀ, ପଞ୍ଚବ୍ରାହ୍ମଣ ଏବଂ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନିଲ ଉଦ୍ଧବ ସିଂଙ୍କ ଦ୍ୱାରା ଛେରା ପହଁରା ନୀତି ସମ୍ପାଦିତ ହୋଇଥିଲା। ଏହାପରେ ମହାପ୍ରଭୁଙ୍କୁ ଟାହିଆ ବାନ୍ଧି ପହଣ୍ଡିବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ପୂଜାର୍ଚ୍ଚନା, ଆଳତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ମାନସ ସିହ୍ନା, ବସନ୍ତ ସାହୁ, ରାମକୃଷ୍ଣ ବଢେଇ, ସନ୍ୟାସୀ ପ୍ରଧାନ, ଶତ୍ରୁଘ୍ନ ବାରିକ, ଈଶ୍ୱର ମେହେର, ଗଣେଶ ସାହୁ, ମୋହନ ନାଏକ ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।



ବୌଦ୍ଧ ଜିଲ୍ଲା ଶଗଡ଼ା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଦ୍ୟାଳୟର ଉନ୍ନତି ଓ ବିକାଶ ପାଇଁ ପୂଜାର୍ଚ୍ଚନା।

## ତେଲ୍ ଟ୍ୟାଙ୍କର୍ ସହ କାର୍ ମୁହାଁମୁହିଁ ଧକ୍କା

**ହରଭଙ୍ଗା, ୨୬।୭ (ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଆଡେଣୀଗଡ଼ ଫାଣ୍ଡି -ବଦଲା ନିକଟରେ ଏକ କାର୍ ଓ ଟ୍ୟାଙ୍କର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଆହତ ଯାତ୍ରୀମାନେ ପୁରୀରୁ ଦର୍ଶନ ସାରି ବଲାଙ୍ଗୀର ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ୟାଙ୍କର୍ ସହ କାର୍‌ଟିର ମୁହାଁମୁହିଁ ଧକ୍କା ହୋଇଥିଲା। ବର୍ଷା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଦୁର୍ଘଟଣା ପରେ ସମସ୍ତ ଆହତଙ୍କୁ ପ୍ରଥମେ ଆଡେଣୀଗଡ଼ ଓ ପରେ ପୁରୁଣାକଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆଡେଣୀଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**୨ ଗୁରୁତର, ୩ ଆହତ**

## କମସରା ବାହୁଡ଼ାଯାତ୍ରାରେ ଅଘଟଣ

### ଚାଳ ଖସିଯିବାରୁ ୩ ସେବକ ଆହତ

**ତରଭା, ୨୬।୭ (ସମିସ):** ତରଭା ବ୍ଲକ କମସରାରେ ଚାଲିଥିବା ଶ୍ରୀ ଦଧିବାବନଙ୍କ ବାହୁଡା ଯାତ୍ରାରେ ଅଘଟଣ ଘଟିଛି। ଆଜି ରଥଟଣା ପରେ ଠାକୁରଙ୍କୁ ପହଣ୍ଡି ବିଜେ କରି ରଥରୁ ଓହ୍ଲାଉଥିବା ବେଳେ ରଥ ଚାଳ ଖସିଯିବାରୁ ପ୍ରତ୍ୟୁଷ ପୂଜାହାରୀ, ପ୍ରଫୁଲ୍ଲ ପୂଜାହାରୀ ଓ ଶିଶିର ପଣ୍ଡା ପ୍ରମୁଖ ୩ ଜଣ ସେବକ ଆହତ ହୋଇଛନ୍ତି। ଗୁରୁତର ପ୍ରତ୍ୟୁଷ ଓ ଶିଶିରଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ନିଆଯାଇଛି। ରଥ ସହ ଚାଳକୁ ଠିକ୍ ଭାବେ ବନ୍ଧା ଯାଇ ନ ଥିବାରୁ ଏହି ଅଘଟଣ ଘଟିଥିବା କୁହା ଯାଉଛି। ଚାଳରୁ ପଡ଼ି ୩ ଜଣ ସେବକ ଆହତ ହୋଇଥିଲେ ହେଁ ଠାକୁରଙ୍କ ମୂର୍ତ୍ତି ଅକ୍ଷତ ରହିଛି। କେବଳ ମୁକୁଟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି।

## ଜମିବାଡ଼ି ବିବାଦରୁ ଦମ୍ପତିଙ୍କୁ ଆକ୍ରମଣ

**କଣ୍ଟାବାଞ୍ଜି, ୨୬।୭ (ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧୀନ ଗଜାବାହାଲ ଗାଁରେ ଜମିବାଡ଼ି ବିବାଦକୁ ନେଇ କାକାଖୁଡ଼ିକୁ ପୁତୁରା ଆକ୍ରମଣ କରିଛି। ଗଜାବାହାଲ ଗାଁର ପୁରୁନ୍ ସଗ୍ରିଆ ଓ ତାଙ୍କ ସ୍ତ୍ରୀ ଗୁରୁବାରୀ ସଗ୍ରିଆଙ୍କୁ ତାଙ୍କ ପୁତୁରା ଭୈରବ ସଗ୍ରିଆ, ବାବୁଲାଲ ସଗ୍ରିଆ, ପାଳତୀ ସଗ୍ରିଆ, ପୁଷ୍ପା ସଗ୍ରିଆ ଜମିବାଡ଼ିକୁ କେନ୍ଦ୍ର କରି ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କିଥିବା ଅଭିଯୋଗ ହୋଇଚି। ବାପା ମାଁ ଙ୍କୁ ଆକ୍ରମଣ କରୁଥିବା ଦେଖି ଛଡ଼ାଇବାକୁ ଯିବାରୁ ତାଙ୍କ ୩ ଝିଅ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ରହିଛି। ଏନେଇ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ ହୋଇଛି।

## ଶଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ମନମୁଣ୍ଡା, ୨୬।୭ (ସମିସ):** ଆଜି ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏନେଇ ସକାଳେ ବିଦ୍ୟାଳୟର ଉନ୍ନତି ଓ ବିକାଶ ପାଇଁ ଏକ ପୂଜାର୍ଚ୍ଚନା ଓ ହୋମ୍ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ନବୀନ ଚନ୍ଦ୍ର ମହାକୁଡ଼ ମୁଖ୍ୟ ଅତିଥି ଏବଂ ସମ୍ପାଦକ ସୁରଥ କୁମାର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲା ଜଙ୍ଗଲ ଓ ପାହାଡ଼ ଘେରା ଉପାନ୍ତ ଶଗଡ଼ା ଅଞ୍ଚଳର ଛାତ୍ରଛାତ୍ରୀ ଅର୍ଥାଭାବ ଓ ଗମନାଗମନ ଅସୁବିଧାରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ଶିକ୍ଷାବିତ୍ ସୁରଥ ମିଶ୍ରଙ୍କ ନେତୃତ୍ୱରେ ଅଞ୍ଚଳର ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ମିଳିତ ସହଯୋଗରେ କେମିତି କଷ୍ଟରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ସେ ଉପରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ଅଧ୍ୟାପକ ବିଭୂତିଭୂଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ତେନ୍ତୁଳିଖୁଣ୍ଟି-ବଡ଼ ତଣ୍ଡାମୁଣ୍ଡା ରାସ୍ତା ଶୋଚନୀୟ

**ଶଗଡ଼ା, ୨୬।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ତେନ୍ତୁଳୀଖୁଣ୍ଟିରୁ ବଡ଼ ତଣ୍ଡାମୁଣ୍ଡା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଏବେ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଅନେକ ଖାଲଖମା ଥିବା ବେଳେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ମାସରେ ଯିବା ଆସିବା ସ୍ୱାଭାବିକ ରହୁଥିବା ବେଳେ ବର୍ଷା ଦିନେ ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଏ। ବର୍ଷା ଦିନେ ରାସ୍ତା ଯୋଗୁଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଏ। ଗାଡ଼ିରେ ଯିବା ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ଥାଏ। ଏହି ମାଟି କାଦୁଅ ରାସ୍ତା ଦେଇ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇଥାନ୍ତି। ପ୍ରତ୍ୟେକ ବର୍ଷ ଏହି ରାସ୍ତା ମରାମତି ପାଇଁ ଅର୍ଥ ଆସିଥାଏ; ହେଲେ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ପାଇଁ ରାସ୍ତା ନିର୍ମାଣ ନିମ୍ନ ମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତାର ଅବସ୍ଥା ଏଭଳି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର ନିର୍ମାଣ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଲୋକେ କହିଛନ୍ତି। ସରକାର ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ତଦାରଖର ଅବହେଳା ଯୋଗୁଁ ଲୋକେ ଏହାର ସୁଫଳରୁ ବଞ୍ଚିତ ହେଉଛନ୍ତି। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ କଂକ୍ରିଟ କିମ୍ବା ପିଚୁ ରାସ୍ତା କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

**ବାରମ୍ବାର ମରାମତି ସତ୍ତ୍ୱେ ସୁଧୁରୁନି ଅବସ୍ଥା**

**ପାଣି କାଦୁଅ ସହ ଖାଲଖମାରେ ଭର୍ତ୍ତି**



## ଯୁବକଙ୍କ ଗଳିତ ଶବ ଉଦ୍ଧାର

**ତରଭା, ୨୬।୭ (ସମିସ):** ତରଭା ବ୍ଲକ ରଙ୍ଗପୁର ଗ୍ରାମର ଜଣେ ୧୮ ବର୍ଷର ଯୁବକଙ୍କ ଗଳିତ ଶବକୁ ତରଭା ପୁଲିସ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଡାକ୍ତରଖାନାକୁ ପଠାଇଛି। ମୃତକ ହେଲେ ରଙ୍ଗପୁର ଗ୍ରାମର ଅଖିଳ ନାଏକ (୧୮)। ୩ ଦିନ ତଳେ କୁଆଡେ ଯାଉଛି କହି ଘରୁ ବାହାରିଥିଲେ; ହେଲେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଆଜି ତାଙ୍କ ଚାଷ ଜମି ନିକଟରେ ଥିବା ଏକ ପଳାସ ଗଛରେ ଶବ ଝୁଲୁଥିବା ତରଭା ପୁଲିସକୁ ଖବର ମିଳିଥିଲା ବୋଲି ଆଇଆଇସି ଡୋଳାମଣି ନାଏକ ସୂଚନା ଦେଇଛନ୍ତି।

## ପୋଖରୀର ଭ୍ରମ ସୃଷ୍ଟି କରିଛି ରକ୍ସା ଗାଁ ରାସ୍ତା

**ମନମୁଣ୍ଡା, ୨୬।୭ (ସମିସ):** ବୌଦ୍ଧ ବ୍ଲକ ରକ୍ସା ଗ୍ରାମର ଏସ.ସି.ପଡ଼ାର ମୁଖ୍ୟ ରାସ୍ତା ଉପରେ



ଆଣ୍ଠୁଏ ପାଣି। ରାସ୍ତା ଏକ ପୋଖରୀର ଭ୍ରମ ସୃଷ୍ଟି କରିଛି। ୧୦ ଖଣ୍ଡ ଗ୍ରାମର ଲୋକମାନେ ଏହି ରାସ୍ତା ଉପରେ ପ୍ରତିଦିନ ଯାତାୟାତ କରିଥାନ୍ତି। ରାସ୍ତାର ଦୂରାବସ୍ଥା ପାଇଁ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସାମାନ୍ୟ ବର୍ଷାରେ ଏ ଅବସ୍ଥା। ଅତ୍ୟଧିକ ବର୍ଷା ହେଲେ ସ୍କୁଲ ପିଲା ଓ ରୋଗୀମାନଙ୍କୁ ନେବା ଆଣିବାରେ ସମସ୍ୟା ଦେଖାଦେବ। ବାରମ୍ବାର ଗୁହାରି ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ଜନପ୍ରତିନିଧିଙ୍କ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି ଏବଂ ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ



**ବୀରମହାରାଜପୁର, ୨୬।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାଟିକା ବିଭାଗର ମାତୃ ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ବିଦ୍ୟାଳୟ ପରିଚାଳନା ପରିଷଦର ଉପ ସଭାପତି ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁରେଶ୍ୱରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପରିଚାଳନା ପରିଷଦର ସଦସ୍ୟା ସୁଜାତା ପଧାନ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲ, ଶିଶୁ ବାଟିକା ପ୍ରମୁଖ ଗୋବିନ୍ଦ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁମାନଙ୍କ ବିକାଶରେ ମାଁମାନଙ୍କ ଭୂମିକା, ବିଦ୍ୟାଳୟର ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଗୁରୁମା ନମିତା କର ଧନ୍ୟବାଦ ଅର୍ପଣ କରିଥିଲେ। ଅଲିଭା ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁନି କୁନି ଶିଶୁମାନେ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମି ଗୁରୁମା, ସୁଜାତା ଗୁରୁମା, ମହିମା ଗରୁମା ସହଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶା କୁମ୍ଭାର ସମାଜ ମହାସଂଘର କାର୍ଯ୍ୟକାରିଣୀ ବୈଠକ



**ଡୁଙ୍ଗୁରିପାଲି, ୨୬।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ପଶ୍ଚିମ ଓଡ଼ିଶା କୁମ୍ଭାର ସମାଜ ମହାସଙ୍ଘର କାଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା କୁମ୍ଭାର ସମାଜ ମହାସଙ୍ଘର ସଭାପତି ପିତାମ୍ବର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା ଯୋଗ ଦେଇଥିଲେ। କୁମ୍ଭାର ସମାଜର ପତାକା ଉତ୍ତୋଳନ କରିବା ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ବୈଠକରେ ଶିବ ପ୍ରସାଦ ରାଣ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲାର ପଦାଧିକାରୀ ଉପସ୍ଥିତ ରହି ନିଜ ନିଜର ମତ ବ୍ୟକ୍ତ ପ୍ରକାଶ କରିଥିଲେ। ଏହି ବୈଠକରେ ୧୨ଟି ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। ଏହି ବୈଠକରେ ପଶ୍ଚିମ ଓଡ଼ିଶା କୁମ୍ଭାର ସମାଜ ମହାସଙ୍ଘର ଉପସଭାପତି ନିରାକାର ରଣା, ସାଧାରଣ ସମ୍ପଦକ ସୁରେଶ ରଣା, ପ୍ରମୋଦ କୁମାର ରଣା, ଓମ୍‌ପ୍ରକାଶ ରଣା, କୋଷାଧ୍ୟକ୍ଷ ଭକ୍ତ ଚରଣ ରଣା, ସମୀକ୍ଷକ ମୁରଲୀଧର ରଣା, ସଭ୍ୟ ବରୁଣ ରଣା, ଶିବ ପ୍ରସାଦ ରଣା, ଅନାମ ଚନ୍ଦ୍ର ନାଏକ, ଅଞ୍ଚଳ ରଣା, କାଙ୍ଗାଲୁ ରଣା, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ରଣାଙ୍କ ସହ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ବ୍ଲକର ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଭାଙ୍ଗିବାର ୨୦ ମାସ ପରେ ମଧ୍ୟ ଆରମ୍ଭ ହୋଇନି କାମ

ଶଗଡ଼ା, ୨୬।୭ (ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ରାବିଡି ଗାଁରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ୨୦ମାସରୁ ଅଧିକ ହେବ ଗାଁର ଅଙ୍ଗନବାଡ଼ି କେନ୍ଦ୍ର ବିପଦପୂର୍ଣ୍ଣ ଥିବାରୁ ତାକୁ ଭାଙ୍ଗି ଦିଆ ଯାଇଛି। କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁ

**ରାବିଡ଼ି ଅଙ୍ଗନବାଡ଼ି କେନ୍ଦ୍ର**

ମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଘର ଅଭାବରୁ ଗ୍ରାମରେ ଥିବା ବିଦ୍ୟାଳୟରେ କୁନି କୁନି ପିଲାମାନେ ପାଠ ପଢୁଛନ୍ତି। ମହିଳା ଓ ଶିଶୁ ବିକାଶ ଯୋଜନା ଏଠି ଦିଗହରା ସଦୃଶ ମନେ ହୁଏ। ଗାଁର ସ୍କୁଲ ପରିସର ଭିତରେ ଅଙ୍ଗନବାଡି ଘର ବିପଦପୂର୍ଣ୍ଣ ଥିବାରୁ ତାକୁ ଭାଙ୍ଗି ଦିଆ ଯାଇଥିଲା; ହେଲେ



ପ୍ରଶାସନର ଅବହେଳା ଯୋଗୁଁ ଏଯାଏ ଘର କାମ ଆରମ୍ଭ ହୋଇ ପାରିନାହିଁ। କୋଠରୀ ଅଭାବରୁ ସ୍କୁଲ ପରିସରରେ ଏକ କୋଠରୀରେ ଅଙ୍ଗନବାଡି କେନ୍ଦ୍ର କରାଯାଇ କୁନି କୁନି ପିଲାଙ୍କୁ ଶିକ୍ଷାଦାନ ସହ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ପାଠ ପଢ଼ା, ଅଫିସ ଘର ସହ ରୋଷେଇ କରିବା ଓ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଆବଶ୍ୟକ ସୁବିଧା ନ ଥିବା ବେଳେ ବାଧ ହୋଇ କରିବାକୁ ପଡୁଛି। ବିଦ୍ୟାଳୟରେ ସ୍ଥାନାଭାବ ଥିବାରୁ କୁନି ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ହେଉଛି। ପିଲାଙ୍କ ପାଇଁ ରୋଷେଇ ଘର କି ଶୌଚାଳୟ ବ୍ୟବସ୍ଥା ମଧ୍ୟ ନାହିଁ। ଅନ୍ୟପଟେ ଅଙ୍ଗନବାଡି କେନ୍ଦ୍ରକୁ ଗର୍ଭବତୀମାନେ ଟୀକାକାରଣ ପାଇଁ ଆସିଥାନ୍ତି। ଟୀକା ନେବାକୁ ଆସିଥିବା ମହିଳା କି ନିଜ ଶିଶୁକୁ ଟୀକା ଦେବାକୁ ଆସିଥିବା ମହିଳା ବସିବା ପାଇ ଜାଗା ଖଣ୍ଡେ ନ ଥିବାରୁ ମହିଳା ଓ ଶିଶୁମାନେ ଆସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ଅଙ୍ଗନବାଡି କର୍ମୀଙ୍କ ସହ ଅଭିଭାବକମାନେ କହି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି। ସରକାର ମହିଳା ଓ କୋମଳମତି ଶିଶୁଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଦୃଷ୍ଟିରେ ରଖି ଏହି ଅଙ୍ଗନବାଡି କେନ୍ଦ୍ରକୁ ଖୁବ ଶୀଘ୍ର ନିର୍ମାଣ କରାଯାଇ ସମସ୍ତ ସମସ୍ୟାର ସମାଧାନ କରିବାକୁ ଦାବୀ କରିଛନ୍ତି। ଯଦି ନୂତନ କେନ୍ଦ୍ର ନିର୍ମାଣ ପାଇଁ ଟଙ୍କା ନାହିଁ ତେବେ କାହିଁକି ଘର ଭଙ୍ଗା ଯାଉଥିଲା ବୋଲି ଗ୍ରାମବାସୀ ଓଲଟା ପ୍ରଶ୍ନ ଉଠାଇଛନ୍ତି।

## ତରଳ ପଦାର୍ଥ ପିଆଇ ଭ୍ରୁଣହତ୍ୟା ଅଭିଯୋଗ

# ଅଙ୍ଗନବାଡି କର୍ମୀଙ୍କ ନାମରେ ଥାନାରେ ମାମଲା

**କଲମପୁର, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନାରେ ଏକ ସମ୍ବେଦନଶୀଳ ମାମଲା ପଞ୍ଜିକୃତ ହୋଇଛି। ଏହି ଥାନା ଅଧିନସ୍ଥ ନୂଆଗାଁ ଗ୍ରାମର ପ୍ରଦିପା ନାଏକ ନାମ୍ନୀ ଜଣେ ମହିଳା ତିନି ମାସର ଗର୍ଭବତୀ ହୋଇଥିଲେ, ଏହା ତାଙ୍କର ପ୍ରଥମ ଗର୍ଭ ହୋଇଥିବାବେଳେ ଗତ ୧ତାରିଖ ଦିନ ଅଙ୍ଗନବାଡି ଓ ଆଶାକର୍ମୀ ତାଙ୍କୁ ଟିଟି ଇଞ୍ଜେକସନ୍ ଦେଇଥିଲେ। ପୁଣି ଗତ ୭ତାରିଖ ଦିନ ଡାକିଥିଲେ। ଗର୍ଭବତୀ ପ୍ରଦୀପାଙ୍କ ବ୍ୟତୀତ ଅନ୍ୟ କୌଣସି ସମ୍ପର୍କୀୟଙ୍କୁ ସାଥରେ ଆଣିବାକୁ ମନା କରିଦେଇଥିଲେ। ଏହାପରେ ପ୍ରସୂତି କାର୍ଡ ପାଇଁ ଅଙ୍ଗନବାଡି କର୍ମୀଙ୍କୁ ଦେଖା କରିବା ପାଇଁ କୁହାଯାଇଥିଲା। ସେଠାରେ ଅଙ୍ଗନବାଡି କର୍ମୀ ପ୍ରଦୀପାଙ୍କୁ ଛୋଟ ଜାତିର କହିବା ସହ ତରଳ ପଦାର୍ଥ ପିଇବାକୁ ଦେଇଥିଲେ। ପ୍ରଦୀପା ପିଇବାକୁ ରାଜି ନହେବାରୁ ସୁଗର, ବିପି ମପା ଯାଇ ପାରିବ ନାହିଁ ବୋଲି ଅଙ୍ଗନବାଡ଼ି କର୍ମୀ କହିଥିଲେ। ଏହାପରେ ବାଧହୋଇ ପ୍ରଦୀପା ତରଳ ପଦାର୍ଥକୁ ପିଇ ଦେଇଥିଲେ। ପିଇବାର କିଛି ସମୟ ମଧ୍ୟରେ ମୁଣ୍ଡବ୍ୟଥା ଆରମ୍ଭ ହୋଇଥିଲା। ଏହାପରେ ପରେ ରକ୍ତସ୍ରାବ ହେବା ସହିତ ତଳିପେଟ ଦରଦ ହୋଇଥିଲା। ପ୍ରଦୀପା କୌଣସି ପ୍ରକାରେ ଘରକୁ ଚାଲିଯିବା ବେଳେ ବାଟରେ ଅଚେତ ହୋଇ ପଡ଼ିଥିଲେ। ଘରଲୋକେ ସେଠାରୁ ପ୍ରଦୀପାଙ୍କୁ କୌଣସି ପ୍ରକାରେ ଉଦ୍ଧାର କରି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପରିସ୍ଥିତି ଜଟିଳ ଥିବାରୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପ୍ରଦୀପା ଚିକିତ୍ସିତ ହୋଇ ଗତ ୧୧ତାରିଖ ଦିନ କଲମପୁର ଥାନାରେ ମାମଲା ପଞ୍ଜିକୃତ କରିଥିଲେ। କଲମପୁର ଥାନା ଏଏସଆଇ ଶିବ ଶଙ୍କର ମହାନ୍ତି ସମ୍ପୃକ୍ତ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ଏନେଇ ଥାନାରେ ମାମଲା ପଞ୍ଜିକୃତ ହୋଇଛି। ଏ ସମ୍ପର୍କରେ ଆଶାକର୍ମୀ କହିଛନ୍ତି 'ମୁଁ ଅଙ୍ଗନବାଡି କର୍ମୀଙ୍କ କହିବା ଅନୁସାରେ ଡାକିଦେଇଥିଲି, ତାପରେ କଣ ହେଲା ଜାଣି ନାହିଁ ବୋଲି କହିଛନ୍ତି। ଏନେଇ ଅଙ୍ଗନବାଡି କର୍ମୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଅନ୍ୟପକ୍ଷେ କଲମପୁର ପୁଲିସ ଏହା ଉପରିସ୍ଥ ଅଧିକାରୀଙ୍କ ସ୍ତରରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## କଳାହାଣ୍ଡିର ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ମେଡିକାଲ କଲେଜ ପରେ ବି ୬୫% ଡାକ୍ତର ପଦ ଖାଲି

**ଭବାନୀପାଟଣା, ୨୬।୭ (ସମିସ)**

ଦାରିଦ୍ର୍ୟ, କୁପୋଷଣ, ମାତୃ ଓ ଶିଶୁ ମୃତ୍ୟୁହାର, ମ୍ୟାଲେରିଆ ଏବଂ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦୀର୍ଘଦିନ ଧରି ଚର୍ଚ୍ଚାରେ ରହିଆସିଥିବା କଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗତ କିଛିବର୍ଷ ମଧ୍ୟରେ ମେଡିକାଲ

### ୮୫୦ ସ୍ୱାସ୍ଥ୍ୟକର୍ମୀ ଅଭାବ

କଲେଜ ସ୍ଥାପନ, ଚିକିତ୍ସାଳୟର ସଂଖ୍ୟା ବୃଦ୍ଧି ଓ ଭିତ୍ତିଭୂମିର ବିକାଶ ହୋଇଥିଲେ ମଧ୍ୟ ମାନବ ସମ୍ବଳର ଅଭାବ ଏବେ ବି ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ଜିଲ୍ଲା ସମ୍ବନ୍ଧୀୟ ସରକାରୀ ତଥ୍ୟ ଦର୍ଶାଉଛି ଯେ, ଡାକ୍ତରଙ୍କଠାରୁ ଆରମ୍ଭ କରି ନର୍ସ, ଲାବରେଟୋରି ଟେକ୍ନିସିଆନ୍, ରେଡିଓଗ୍ରାଫର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପର୍ଯ୍ୟନ୍ତ ଶହଶହ ପଦ ଖାଲି ପଡ଼ିଥିବାରୁ ସରକାରୀ ସ୍ୱାସ୍ଥ୍ୟସେବା ଉପରେ ଗୁରୁତର ପ୍ରଭାବ ପଡୁଛି। ଜିଲ୍ଲାରେ ଗୋଟିଏ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଟିଏ ଉପଖଣ୍ଡ ଚିକିତ୍ସାଳୟ, ୧୭ଟି ସାମୁଦାୟିକ ସ୍ୱାସ୍ଥ୍ୟକେନ୍ଦ୍ର, ୪୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୪୧ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ରକ୍ତଭଣ୍ଡାର, ଡାଏଲିସିସ୍ ୟୁନିଟ୍, ଆୟୁଷ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ରହିଛି। କିନ୍ତୁ ଏହି ଭିତ୍ତିଭୂମିକୁ ପ୍ରଭାବଶାଳୀ କରିବା ପାଇଁ ଯେତିକି ମାନବସମ୍ବଳ ଆବଶ୍ୟକ, ସେତିକି ଉପଲବ୍ଧ ନାହିଁ। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଜିଲ୍ଲାରେ ୬୦୬ଟି ଡାକ୍ତର ପଦ ମଞ୍ଜୁର ଥିବାବେଳେ କାର୍ଯ୍ୟରତ ଅଛନ୍ତି ମାତ୍ର ୨୧୪ ଜଣ। ଅର୍ଥାତ୍ ୩୯୨ଟି



ପଦ ବା ୬୫ ପ୍ରତିଶତ ଖାଲି। ସେହିପରି ୩୫୬ଟି ନର୍ସିଂ ଅଫିସର ପଦ ମଧ୍ୟରୁ ୧୧୭ଟି, ୧୦୫ଟି ଲାବରେଟୋରି ଟେକ୍ନିସିଆନ୍ ପଦ ମଧ୍ୟରୁ ୬୯ଟି, ୪୬ଟି ରେଡିଓଗ୍ରାଫର ପଦ ମଧ୍ୟରୁ ୨୨ଟି ଏବଂ ୧୩ଟି ଚକ୍ଷୁ ସହାୟକ ପଦ ମଧ୍ୟରୁ ୮ଟି ପଦ ଖାଲି ରହିଛି। ଫଳରେ ରୋଗୀ ସେବା, ପରୀକ୍ଷା, ଜରୁରୀ ଚିକିତ୍ସା ଓ ବିଶେଷଜ୍ଞ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି। କେବଳ ସ୍ଥାୟୀ ପଦ ନୁହେଁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ମଧ୍ୟ ପରିସ୍ଥିତି ଚିନ୍ତାଜନକ। ମୋଟ ୨୧୧୪ଟି ପଦବି ମଧ୍ୟରୁ ୮୫୦ଟି ପଦ ଖାଲି, ଅର୍ଥାତ ପ୍ରାୟ ୪୦ ପ୍ରତିଶତ ପଦରେ କର୍ମଚାରୀ ନାହାନ୍ତି। ଗ୍ରାମାଞ୍ଚଳରେ ଟିକାକରଣ, ମାତୃ-ଶିଶୁ ସ୍ୱାସ୍ଥ୍ୟ, ପୋଷଣ, ଘରକୁ ଘର ସ୍ୱାସ୍ଥ୍ୟସେବା ଓ ରୋଗ ନିରୀକ୍ଷଣ ଭଳି କାର୍ଯ୍ୟକ୍ରମରେ ଏହାର ପ୍ରଭାବ ପଡ଼ିପାରେ। ଏଭଳି ସ୍ଥିତିରେ ଜିଲ୍ଲାବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ କେବଳ ଭିତ୍ତିଭୂମି ନୁହେଁ, ଶୀଘ୍ର ମାନବ ସମ୍ବଳ ପୂରଣ ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରୁ ଦାବି ଉଠୁଛି।

## ବଜ୍ରପାତରେ ମହିଳା ଗୁରୁତର

**ଗୋଲାମୁଣ୍ଡା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମରେ ଆଜି ସକାଳରେ ଘଟିଥିବା ବଜ୍ରପାତରେ ଗ୍ରାମର ଗସାମଣି କେତକୀ (୫୩) ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳେ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ମାରି ଥିବା ସମୟରେ ଗସାମଣି ବାହାରେ ଥିବାବେଳେ ହଠାତ୍ ବଜ୍ରପାତର ଶିକାର ହୋଇଥିଲେ। ଘଟଣାପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

## ମୋବାଇଲ ଚୋର କୋର୍ଟ ଚାଲାଣ

**କେସିଙ୍ଗା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ବୃଦ୍ଧି ପାଉଥିବା ଲୁଟପାଟ ଘଟଣାରେ ପୁଲିସ୍‌କୁ ବଡ଼ ମିଳିଛି ବଡ଼ ସଫଳତା। ମୋବାଇଲ୍ ଓ ଟଙ୍କା ଲୁଟ୍ ଅଭିଯୋଗରେ ଦୀପୁ ନାୟକ ନାମକ ଜଣେ ଯୁବକଙ୍କୁ କେସିଙ୍ଗା ପୁଲିସ୍ ଗିରଫକରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ହାତୀଖୋଜ ଗ୍ରାମର ଗୀତାଞ୍ଜଳି ସାହୁ କେସିଙ୍ଗା ଆସିଥିବାବେଳେ ରେଳବାଇ ଅଣ୍ଡରବ୍ରିଜ୍ ପାଖରେ ଅଭିଯୁକ୍ତ ଦୀପୁ ତାଙ୍କଠାରୁ ୧୦୦୦ ଟଙ୍କା ଓ ଗୋଟିଏ ସାମ୍‌ସଙ୍ଗ ମୋବାଇଲ୍ ଛଡ଼ାଇ ନେଇଥିଲା। ସେହିପରି ଦୁର୍ଗାମଣ୍ଡପ ନିକଟରୁ ସସ୍ମିତା କୁମାରଙ୍କ ମୋବାଇଲ୍ ମଧ୍ୟ ସେ ଲୁଟ୍ କରିଥିବା ଅଭିଯୋଗ ମିଳିଥିଲା ଅଭିଯୋଗକୁ ଆଧାର କରି କେସିଙ୍ଗା ପୁଲିସ୍ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ ସହ ଲୁଟ୍ ସାମଗ୍ରୀ ଜବତ କରିଛି। ଏହାପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ



**କଲମପୁର, ୨୬।୭ (ସମିସ):** କଲମପୁର ଗ୍ରାମର ଧର୍ମପରାୟଣା ମହିଳା ବିଳାସ ମଞ୍ଜରୀ ପଣ୍ଡା ଗତ ଶନିବାର ରାତିରେ ପ୍ରାଣ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥା ସାଙ୍ଗକୁ ସେ ଦୀର୍ଘ ଦିନ ଧରି ଅସୁସ୍ଥ ରହିଥିଲେ। ସ୍ୱର୍ଗୀୟା ପଣ୍ଡାଙ୍କ ମୃତ୍ୟୁ ବେଳକୁ ୭୬ ବର୍ଷ ହୋଇଥିଲା। ଶେଷକୃତ୍ୟ ସମୟରେ ପୁଅ ବୋହୂ ନାତି ନାତୁଣୀ, ଝିଅ ଜ୍ୱାଇଁ ଜ୍ଞାତି କୁଟୁମ୍ବ ସହ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

## ବନ୍ଦ ପଡ଼ିଥିବା ଟ୍ରାଫିକ ସିଗ୍ନାଲ ଚାଲିବ କେବେ?

**କେସିଙ୍ଗା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା ପାଇଁ ଦୁଇ ବର୍ଷ ତଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଛକରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଲାଗିଥିବା କମ୍ପ୍ୟୁଟରୀକରଣ ସିଗ୍ନାଲ ବ୍ୟବସ୍ଥା ଚାରିମାସ ହେବ ବନ୍ଦ ପଡ଼ିଛି। ଚଳିତବର୍ଷର ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ସେଡ୍ ନିର୍ଣାଣ ସମୟରେ ୧୧ ଟା ପରେ ପରେ ଟ୍ରାଫିକ ଲାଇଟ ବନ୍ଦ କରି ଦିଆଯାଉଥିଲା, ହେଲେ ଏବେ ଟ୍ରାଫିକ ସିଗ୍ନାଲଟି ପୁରା ବନ୍ଦପଡ଼ିଛି। ଟ୍ରାଫିକ ସିଗ୍ନାଲ ଆଉଥରେ ଚଳାଇବା ପାଇଁ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଭୁଲି ଯାଇଛି ନା କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚାଲିପାରୁ ନାହିଁ ଉକ୍ତ ବିଷୟ ଉପରେ ନିର୍ବାହୀଯନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ ପ୍ରବଳ ଖରା ପାଇଁ ବନ୍ଦ କରାଯାଇଥିବା ଜଗନ୍ନାଥ ମନ୍ଦିର ଛକର ଥିବା କମ୍ପ୍ୟୁଟରୀକରଣ ସିଗ୍‌ନାଲ ଚାଲୁ କରାଯିବ ବୋଲି କହିଥିଲେ।

## ୧୧ କେଭି ତାରଲାଗି ମହିଳାଙ୍କ ମୃତ୍ୟୁ ଘଟଣା

# ଶକ୍ତି ବିଭାଗ ଓ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବକଲେ ଜାତୀୟ ମାନବାଧିକାର କମିଶନ

**ଭବାନୀପାଟଣା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଡି. ଚେପଟାଘାଟ ଗାଁ ର ମହିଳା ଗୁରୁବାରୀ ଖୋଡ଼ିଆ ୨୦୨୫ ଅକ୍ଟୋବର ୧୫ରେ ନିଜ ବାଡ଼ିରୁ ଅମୃତଭଣ୍ଡା ତୋଳିବା ସମୟରେ ଅଳ୍ପ ଉଚ୍ଚତାରେ ଝୁଲୁଥିବା ୧୧ କେ.ଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ମୃତ୍ୟୁବରଣ କରିବା ଘଟଣା ବାବଦରେ ଜାତୀୟ ମାନବାଧିକାର କମିଶନ ଶକ୍ତି ବିଭାଗ ସଚିବ, କଳାହାଣ୍ଡି ଜିଲ୍ଲାପାଳ ଏବଂ ପୁଲିସ ଏସ୍‌ପିଙ୍କୁ ନୋଟିସ ଜାରିକରି ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି କମିଶନ ଏହି ନୋଟିସ ୨୩ ଜୁଲାଇ ୨୦୨୫ରେ ଜାରି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗୁରୁବାରୀ ଖୋଡିଆ ଘଟଣା ଦିନ ନିଜ ବାଡ଼ି ରେ ଅମୃତଭଣ୍ଡା ତୋଳିବାକୁ ଯାଇ ଥିବା ସମୟରେ ଅଳ୍ପ ଉଚ୍ଚତା ରେ ଝୁଲୁଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ପ୍ରାଣ ହରେଇଥିଲେ। ପୂର୍ବରୁ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗ ଓ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଜଣେଇ ଥିଲେ ମଧ୍ୟ ତାରର ଉଚ୍ଚତା ବଢେଇବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହି ଅଭିଯୋଗକୁ କମିଶନର ସଦସ୍ୟ ପ୍ରିୟଙ୍କ କାନୁନଗୋଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାନବାଧିକାର ସୁରକ୍ଷା ଆଇନ ର ଧାରା -୧୨ ଅନୁଯାୟୀ ସଜ୍ଞାନକୁ ନେଇ ମାମଲା ଶୁଣାଣି କରିବା ସହିତ ଉପରୋକ୍ତ ୩ ଅଧିକାରୀଙ୍କୁ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମାଁ ସୁରେଶ୍ୱରୀଙ୍କ ଐତିହାସିକ ଘାଟ ଯାତ୍ରା

**କର୍ଲାମୁଣ୍ଡା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ଅଧୀନ କୁନ୍ଦେଇପାଲି ନିକଟସ୍ଥ ତେଲନଦୀ ଛତିଘାଟ କୂଳରେ ମାଁ ସୁରେଶ୍ୱରୀ ମନଖାଇଙ୍କ ଐତିହାସିକ ଘାଟ ଯାତ୍ରା ଓ ଡଙ୍ଗା ପୂଜା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କେଉଁଟ କୈବର୍ତ୍ତ ସଂଘ ସଭାପତି ହୃଦାନନ୍ଦ ମଲ୍ଲିକ, ମୁଖ୍ୟ ପୁରୋଧା ଦାମୋଦର ନାଏକ, ବ୍ଲକ ସଂଯୋଜକ ସୁଶାନ୍ତ ମଲ୍ଲିକ ଯାତ୍ରା



ପରିଚାଳକ ପୂଜକ ଭଗବାନ ନାଏକ, ସୁରେନ୍ଦ୍ର ନାଏକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବାରଦେହେରିଆ ଭାବରେ ଭମର ନାଏକ, ଗଣ୍ଡାରାମ ନାଏକ, ଗୁଣନିଧି ନାଏକ, ରହିତ ନାଏକ, ବିରମଣି ନାଏକ, ଲିଙ୍ଗରାଜ ନାଏକ, ଖୀରସିନ୍ଧୁ ନାଏକ, ଟିକେଶ୍ୱର ନାଏକ, କୁଜବନ ସାଣ୍ଡ, ନୀଳକଣ୍ଠ କୁମୁରା, ଚିନ୍ତା ପରାପୁଏ, ପ୍ରେମ ରଞ୍ଜନ ଗହିର, ଥବିର ନାଏକ ପ୍ରମୁଖ ସହଯୋଗ କରିଥିଲେ।

# କିସ୍ ପରିସରରେ 'କାର୍ଗିଲ ବିଜୟ ଦିବସ ' ପାଳିତ

**ଭବାନୀପାଟଣା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅଧୀନ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ଭାରତୀୟ ସୃଜନଶୀଳ କଳାକାର ନେଟୱାର୍କ ଟ୍ରଷ୍ଟ ତରଫରୁ ' କାର୍ଗିଲ ବିଜୟ ଦିବସ ' ପାଳିତ ହୋଇଯାଇଛି। ପ୍ରଥମେ କିସ୍ ପରିସରରେ ଚାରା ରୋପଣ କରାଯାଇଥିଲା। ପରେ ଏକ ସଭାକାର୍ଯ୍ୟ ଅୟୋଜନ କରାଯାଇଥିଲା। ମୁଖ୍ୟଅତିଥି ମେଜର ଡ. ଜୟଦେବ ସାହୁ, ସମ୍ମାନିତ ଅତିଥି ଡ. ଅଜୟ ମିଶ୍ର ଓ ଉପାଧ୍ୟକ୍ଷ ତରୁଣ ମିଶ୍ର, ବରିଷ୍ଠ ଦେବେନ୍ଦ୍ର ବିଶି, ବରିଷ୍ଠ ସାମ୍ବାଦିକ ରାଜ କୁମାର ସିଂ ଦେଓ, କିସ୍ କଳାହାଣ୍ଡିର ପ୍ରଧାନ ଶିକ୍ଷୟତ୍ରୀ ସୁନୀତା ପଣ୍ଡା ସମେତ ଅନ୍ୟାନ୍ୟ ଅତିଥି ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ ପରେ କିସ୍ ଛାତ୍ରୀ ସ୍ନିଗ୍ଧା, ଦେବଶ୍ରୀ ଓ ହଂସିକା କାର୍ଗିଲ ବିଜୟ ଦିବସ



ଉପରେ ନିଜ ନିଜ ଅଭିଭାଷଣ ରଖିଥିଲା। ମୁଖ୍ୟ ଅତିଥି ଡ. ସାହୁ କିସ୍ ପିଲାଙ୍କ ଶାନ୍ତି ଶୃଙ୍ଖଳା ଆଚାର ବ୍ୟବହାର ଓ ଦେଶ ପ୍ରେମ ଦେଖି ଖୁସି ହେବା ସହ ସୁନ୍ଦର ପରିବେଶରେ ଛାତ୍ରୀ ମାନଙ୍କୁ ରଖି ପାଠ ପଢ଼ାଉଥିବାରୁ କିସ୍ କିଟ୍ ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେବା ସହ ଭୂୟସୀ ପ୍ରଶଂଶା କରିଥିଲା। ସେହିପରି ସମ୍ମାନିତ ଅତିଥି ଡ. ଅଜୟ ମିଶ୍ର 'କାର୍ଗିଲ ବିଜୟ ଦିବସ' ଉପରେ ଛାତ୍ରୀମାନଙ୍କୁ ସୁନ୍ଦର ଭାବରେ ବୁଝେଇଥିଲେ। ପୂର୍ବରୁ ଅୟୋଜନ ହେଇଥିବା ଚିତ୍ରାଙ୍କନ (ବିଷୟ- ପରିବେଶ ସୁରକ୍ଷା ଓ ଦେଶ ପ୍ରେମ) ରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ ପରେ ୪୦ ଗୋଟି ପୋଷ୍ଟ କାର୍ଡରେ କିସ୍ ଛାତ୍ରୀମାନେ ନିଜ ହସ୍ତରେ ଲିଖନକରି କାର୍ଗିଲ ଯୁଦ୍ଧରେ ସହିଦ ହେଇଥିବା ପାରିବାରଙ୍କୁ ପଠେଇ ଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ପରିଚାଳନା କରିଥିବା ବେଳେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


# କଂଗ୍ରେସ ପକ୍ଷରୁ ମହମବତୀ ଶୋଭା ଯାତ୍ରା



**ଭବାନୀପାଟଣା, ୨୬।୭ (ସମିସ):** ଛାତ୍ରଛାତ୍ରୀଙ୍କ ସ୍ୱରକୁ ଦମନ କରାଯାଉଥିବା ଅଭିଯୋଗ ନେଇ ଜିଲ୍ଲା ମହିଳା କଂଗ୍ରେସ କଳାହାଣ୍ଡି ପକ୍ଷରୁ ମହମବତୀ ଶୋଭାଯାତ୍ରା ଓ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ନିଟ୍ ପ୍ରଶ୍ନପତ୍ର ଲିକ, ସିବିଏସ୍‌ଇ ପରୀକ୍ଷାରେ ବିଭ୍ରାଟ, ଓଡ଼ିଆ ପାଠ୍ୟ ପୁସ୍ତକରେ ତ୍ରୁଟି ଏବଂ ନ୍ୟାୟ ଦାବି କରୁଥିବା ଛାତ୍ର ଛାତ୍ରୀଙ୍କ ଉପରେ ପୁଲିସର ଦମନଲୀଳା ବିରୋଧରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଗତି ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ମହମବତୀ ଜାଳି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖରେ ସତ୍ୟାଗ୍ରହ କରିଥିଲେ। ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ଜିଲ୍ଲା କଂଗ୍ରେସ ସଭାପତି, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ, ପୂର୍ବତନ ସଭାପତି, ପୂର୍ବତନ ବିଧାୟକ, ସଦର ବ୍ଲକ ସଭାପତି, କେସିଙ୍ଗା ସଭାପତି, ଭବାନୀପାଟଣା ଟାଉନ ସଭାପତି, ମହିଳା ସଭାନେତ୍ରୀ, ଜିଲ୍ଲା ସମ୍ପାଦକ ସମେତ ଅନେକ କଂଗ୍ରେସ କର୍ମୀ ସାମିଲ ଥିଲେ।

# ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

**ଥୁଆମୂଳ ରାମପୁର, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ବିରିକୋଟ ପଞ୍ଚାୟତର ଗୋଦରାମସ୍କା ଗ୍ରାମର ଜଣେଯୁବକ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଥିବା ଘଟଣା ପରିବାର ପାଇଁ ଗଭୀର ଚିନ୍ତାର ବିଷୟ ପାଲଟିଛି। ନିଖୋଜ ଯୁବକ ଜଣକ ହେଲେ ମଙ୍ଗଳସିଂ ମାଝୀ (୩୦)। ସୂଚନା ଅନୁସାରେ, ମଙ୍ଗଳସିଂ ପରିବାରର ଭରଣପୋଷଣ ପାଇଁ ଗତ ଏପ୍ରିଲ ମାସରେ ଧର୍ମଗଡ଼ ସହରର ଏକ ବେସରକାରୀ ହୋଟେଲରେ କାମ କରୁଥିଲେ। ସେ ସେଠାରୁ



ନିୟମିତ ଭାବେ ଫୋନ୍ ଯୋଗେ ପରିବାର ସହ ଯୋଗାଯୋଗରେ ରହୁଥିଲେ। ତେବେ ଚଳିତ ମାସ ୧୬ ତାରିଖରେ ସେ ନିଜ ସମ୍ପର୍କୀୟ ଭାଇଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ପଠାଇ ଘରେ ପହଞ୍ଚାଇବାକୁ କହିଥିଲେ। କିଛି ସମୟ ପରେ ପୁଣି ସେହି ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଏହାର କାରଣ ପଚାରିବାରୁ ଗୋଆ ଯିବା ପାଇଁ ଟଙ୍କାର ଆବଶ୍ୟକତା ଥିବା କହିଥିଲେ। ଏହାପରେ ଜୁଲାଇ ୧୭ ତାରିଖରୁ ତାଙ୍କ ସହ ଆଉ କୌଣସି ଯୋଗାଯୋଗ ହୋଇପାରିନଥିବା ପରିବାର ଲୋକେ କହିଛନ୍ତି। ପରିବାର ପକ୍ଷରୁ ବାରମ୍ବାର ତାଙ୍କ ମୋବାଇଲ୍ ନମ୍ବରକୁ ଫୋନ୍ କରାଯାଇଥିଲେ ମଧ୍ୟ ସମ୍ପର୍କ ସ୍ଥାପନ ହୋଇପାରିନାହିଁ। ଏପର୍ଯ୍ୟନ୍ତ ମଙ୍ଗଳସିଂଙ୍କ ପକ୍ଷରୁ ମଧ୍ୟ କୌଣସି ଫୋନ୍ କଲ୍ କିମ୍ବା ସୂଚନା ମିଳିନଥିବାରୁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଶନିବାର ନିଖୋଜ ଯୁବକଙ୍କ ବାପା ରଘୁନାଥ ମାଝୀ ଓ ପରିବାର ସଦସ୍ୟମାନେ ଥୁଆମୂଳ ରାମପୁର ଥାନାରେ ପହଞ୍ଚି ମଙ୍ଗଳସିଂଙ୍କ ସନ୍ଧାନ ପାଇଁ ଏକ ନିଖୋଜ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ଅଭିଯୋଗକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ସିନାପାଲି, ୨୬।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଚାନ୍ଦେଲ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ସିନାପାଲି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସିନାପାଲି ପୁଲିସ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ ଯେ, ଗତ କିଛିଦିନ ତଳେ ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲୁହାରେ ତିଆରି ୪ଟି ଖଟ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ବେଳେ ଚାନ୍ଦେଲ ବିଦ୍ୟାଳୟରୁ ପାଣି ଆରୋ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ବର୍ତ୍ତମାନ ସୁଦ୍ଧା ଚୋରି କରିଥିବା ସାମଗ୍ରୀ କିମ୍ବା ଚୋର ମାନେ ଧରା ପଡ଼ି ନାହାନ୍ତି। ଏ ସମ୍ପର୍କରେ ସିନାପାଲି ଗୋଷ୍ଠୀ ଶିକ୍ଷା ସିଆରସିସି ଜଗଦୀଶ ତାଣ୍ଡିଙ୍କୁ ପଚାରିବାର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ପୁଲିସର 'ଅନ୍ୱେଷଣ-୩'; ୪୧ ମହିଳା ଓ ଶିଶୁ ଉଦ୍ଧାର

**ନୂଆପଡ଼ା, ୨୬।୭ (ସମିସ):** ଓଡ଼ିଶା ପୁଲିସର ସ୍ୱତନ୍ତ୍ର 'ଅନ୍ୱେଷଣ-୩' ଅଭିଯାନ ଅଧୀନ ନୂଆପଡ଼ା ପୁଲିସ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମାତ୍ର ତିନିଦିନ ମଧ୍ୟରେ ୪୧ ଜଣ ନିଖୋଜ ମହିଳା ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ସହ ପୁନର୍ମିଳନ କରାଯାଇଛି। ଉଦ୍ଧାର ପାଇଥିବା ମଧ୍ୟରେ ୮ ଜଣ ନାବାଳିକା ଓ ୩୩ ଜଣ ମହିଳା ରହିଛନ୍ତି। ଏହି ସଫଳତା ନୂଆପଡ଼ା ପୁଲିସର ତତ୍ପରତା, ପେଶାଦାର କାର୍ଯ୍ୟଦକ୍ଷତା ଏବଂ ମାନବିକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛି। ବିଶେଷକରି କୋମନା ଥାନା ପୁଲିସ ଦୁଇଟି ନିଖୋଜ ନାବାଳିକା ମାମଲାରେ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ସଫଳତାର ସହ ଖୋଜି ବାହାର କରି ସେମାନଙ୍କୁ ସୁରକ୍ଷିତ ଭାବେ ପରିବାରଙ୍କୁ ହସ୍ତାନ୍ତର କରିଛି। ଏହି ଅଭିଯାନରେ ନୂଆପଡ଼ା ପୁଲିସ ଓଡ଼ିଶା ବାହାରେ ମଧ୍ୟ ବ୍ୟାପକ ତଲାସି ଚଳାଇ ଆନ୍ଧ୍ରପ୍ରଦେଶର ତିରୁପତି ଏବଂ ତେଲେଙ୍ଗାନାର ସେକୁନ୍ଦରାବାଦ ଭଳି ସ୍ଥାନରୁ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାରେ ସଫଳ ହୋଇଛି। ଏହି ସଫଳତା ପାଇଁ ନୂଆପଡ଼ା ପୁଲିସର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧାରଣ ମହଲରୁ ପ୍ରଶଂସା କରାଯାଉଛି।

## ନିର୍ମାଣ ର ୫ ମାସ ପୂରିନି, ରାସ୍ତା ଫାଳ ଫାଳ

# ନିମ୍ନମାନର କାମ ଅଭିଯୋଗ; ଅସନ୍ତୋଷ ପ୍ରକାଶ କଲେ ଅଞ୍ଚଳବାସୀ

**ନୂଆପଡ଼ା/ ସିନାପାଲି, ୨୬।୭ (ସମିସ)**

ଗ୍ରାମାଞ୍ଚଳକୁ ଯୋଗାଯୋଗ ସୁଗମ କରିବା ପାଇଁ ରାଜ୍ୟ ରାଜକୋଷରୁ ପକ୍କା ରାସ୍ତା ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ହେଲେ ନିମ୍ନମାନର କାମ ସାଙ୍ଗକୁ ବିଭଗୀୟ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ତଦାରଖ ଅଭାବ ଯୋଗୁଁ ରାସ୍ତାନିର୍ମାଣର ୫ ମାସ ନ ପୁରୁଣୁ ରାସ୍ତା ଫାଳଫାଳ ହୋଇ ପଡୁଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯୋଗ୍ୟ ଯେ, ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଘାଟମାଳ ପଞ୍ଚାୟତର ଚିତାରମା, ଝୋଲାପଡ଼ା ଦେଇ ସୀମାନ୍ତ କୁ ସଂଯୋଗ କରୁଥିବା ରାସ୍ତା ଗତ ୫ ମାସ ପୂର୍ବେ କାର୍ଯ୍ୟ ସରିଥିଲା। ଦୁର୍ଗମ୍ ତଥା ବିଚ୍ଛିନ୍ନ ଅଞ୍ଚଳ ହୋଇଥିବାବେଳେ ଅଞ୍ଚଳର ଲୋକେ ବହୁବାର ପ୍ରସାଶନ ନିକଟରେ ଦାବି ଜଣାଇବାପରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ନଙ୍ଗଲବୋଡ, ଘାଟମାଳ,



ଚିତାରମା, ଝୋଲାପଡ଼ା ଦେଇ ଉକ୍ତ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଖଡ଼ିଆଳ ଦ୍ୱାରା ଅନୁମୋଦିତ ହୋଇଥିଲା। ଏହି ରାସ୍ତା ନିର୍ମାଣ ପାଇଁ ୪୦୨.୭୯ ଲକ୍ଷ ଅଟକଳ ବ୍ୟୟ ମଞ୍ଜୁରୀ ହୋଇଥିଲା। ହେଲେ ଏହି ଠିକା ସଂସ୍ଥା ସିନାପାଲି ଅଞ୍ଚଳର କିଛି ପେଟି ଠିକାଦାରଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ଦେଇଛି। ଠିକାଦାରମାନେ ଭାଗଭାଗ କରି ରାସ୍ତା କାର୍ଯ୍ୟ କରିଥିଲେ। ସର୍ବମୋଟ ୬.୯୮୦ କିଲୋମିଟର ଦୈର୍ଘ୍ୟ ରହିଥିବାବେଳେ ୨୦୨୩ ମସିହାରେ ଆରମ୍ଭ ହୋଇ ୨୦୨୩ ଅକ୍ଟୋବରରେ କାର୍ଯ୍ୟ ସମାପ୍ତ ହେବା ପାଇଁ ସରକାରୀ ଧାର୍ଯ୍ୟ ସମୟ ରହିଥିଲା। ହେଲେ ଚିତାରମା - ଝୋଲାପଡ଼ା ରାସ୍ତା ନିର୍ମାଣ ପାଇଁ ଦାୟିତ୍ୱ ନେଇଥିବା ଠିକାଦାରଙ୍କ ଅବହେଳା ଓ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବ ଯୋଗୁଁ ଧାର୍ଯ୍ୟ ସମୟଠାରୁ ୨ ବର୍ଷ ପରେ ଅର୍ଥାତ ୨୦୨୫ ମସିହାରେ ସମାପ୍ତ ହୋଇଥିଲା। ତାହାପୁଣି ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ନିମ୍ନ ମାନର ସାମଗ୍ରୀ, ଆବଶ୍ୟକତା ଅନୁଯାୟୀ ସାମଗ୍ରୀ ନ ଦେବାଫଳରେ ଅଳ୍ପ କିଛି ମାସ ପରେ ରାସ୍ତା ରେ ଫାଟ ସୃଷ୍ଟି ହେବା ସହିତ ଫାଳଫାଳ ହୋଇ ପଡ଼ିଛି। ଏହି ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୨୦.୩୧ ଲକ୍ଷ ଅଟକଳ ମୂଲ୍ୟ ରହିଛି। ଯାହା ୯/୧୦/୨୦୨୩ ରୁ ଆରମ୍ଭ ହୋଇ ୮/୧୦/୨୦୨୮ ପର୍ଯ୍ୟନ୍ତ ରହିଥିବାବେଳେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣକୁ ଦୁଇବର୍ଷ ଲାଗିଥିଲା। ଯାହା ୫ ବର୍ଷ ରକ୍ଷଣାବେକ୍ଷଣ ହେବାକୁ ଥିବାବେଳେ ଏବେ ବାକି ରହିଛି ୨ ବର୍ଷ। ଏ ଦିଗରେ ପ୍ରସାଶନିକ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତଦନ୍ତ କରିବା ସହ ରାସ୍ତା ନିର୍ମାଣର ମାନ ଯାଞ୍ଚକରି ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

ସକାଳ
THE SAKALA



### ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ରେଳପଥ ନିର୍ମାଣ

# କୋରାପୁଟ ଜିଲ୍ଲାକୁ ପାତରଅନ୍ତର; ବିଜେଡିର ଅସନ୍ତୋଷ



ଜୟପୁର,୨୬।୭(ସମିସ): ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳଧାରଣା ନିର୍ମାଣ ନେଇ ଜମି ଅଧିଗ୍ରହଣ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷପ ଗ୍ରହଣ କରାଯାଇଛି। ଏହିପରି ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହିପରି ନବରଙ୍ଗପୁର ମାଲାକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା ଗୁଡିକରେ ସରକାରୀ ଜମି ସହିତ ବେସରକାରୀ ଜମିଗୁଡିକ ଅଧିଗ୍ରହଣ କାର୍ଯ୍ୟଜାରି ରହିଛି। କିନ୍ତୁ ଜମି ଅଧିଗ୍ରହଣକୁ ନେଇ କୋରାପୁଟ ଜିଲ୍ଲା ପ୍ରତି ରାଜ୍ୟ ସରକାର ଏବଂ ରେଳ ବିଭାଗର ପାତର ଅନ୍ତରକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ସହିତ ତୁରନ୍ତ କୋରାପୁଟ ଜିଲ୍ଲାର କ୍ଷତିଗ୍ରସ୍ତ ହେବାକୁ ଥିବା ଜମି ହରା ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରାଯାଇଛି। ଆଜି ଜୟପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝି ଉପସ୍ଥିତ ରହିବା ସହିତ କୋରାପୁଟ ଜିଲ୍ଲା ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କ ରେଳ ବିଭାଗର ଗାଇଡଲାଇନ ଅନୁଯାୟୀ କୋରାପୁଟ ଜିଲ୍ଲାର ଜମିହରାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ଏଥିନେଇ ଏକ ବିଜେଡି ପ୍ରତିନିଧି ଦଳ ଉପଯୁକ୍ତ କ୍ଷତିପୂରଣ ପାଇ ନଥିବା ଜମିହରାଙ୍କୁ ନେଇ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ପ୍ରକାଶ କରାଯାଇଛି। ଏହିପରି ନବରଙ୍ଗପୁର ଜିଲ୍ଲାରେ ଜମି ଅଧିଗ୍ରହଣ ବାବଦକୁ ସହରାଞ୍ଚଳରେ ଏକର ପିଛା ୫ କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି, କିନ୍ତୁ କୋରାପୁଟ ଜିଲ୍ଲାର ଜୟପୁର, ବୋରିଗୁମ୍ମା, କୁନ୍ଦୁରା ଏବଂ ବୈପାରୀଗୁଡା ତହସିଲ ଅଞ୍ଚଳର ମାତ୍ର ଏକର ପିଛା ଏକ ଲକ୍ଷରୁ ଦେଢ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ମାନେ ଏଥିନେଇ ଅଧିକ ଟଙ୍କା ଦାବି କରିଲେ , ସେମାନଙ୍କ ବେଞ୍ଚ ମାର୍କ ଭେଲ୍ୟୁ କମ ରହିଥିବା ଆଳ ଦର୍ଶାଇ ଜମି ଅଧିଗ୍ରହଣ କରୁଥିବା ଅଧିକାରୀ ଓ କର୍ମଚାରୀ ମାନେ ଏକ ପ୍ରକାରର ଅନ୍ଧାରରେ ରଖୁଥିବା ନେଇ ଅଭିଯୋଗ କରିଛନ୍ତି । ବେଞ୍ଚ ମାର୍କ ଭେଲ୍ୟୁ ରାଜ୍ୟ ସରକାର ପ୍ରତ୍ୟେକ ଦୁଇବର୍ଷରେ କରିବାର ନିୟମ ରହିଛି ସେହିପରି ଜମି ନିକଟରେ ଯାଇଥିବା ଜାତୀୟ ରାଜପଥ, କିମ୍ବା ଅନ୍ୟାନ୍ୟ କୌଣସି ସ୍ୱତନ୍ତ୍ର ଜାତୀୟ ରାଜପଥ ଏବଂ ବଡ ପ୍ରକଳ୍ପ ନିର୍ମାଣ ହୋଇଥିଲେ। ଉକ୍ତ ଅଞ୍ଚଳର ଜମିର ବଜାର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଥାଏ। ତେଣୁ ତଦ୍ ଅନୁଯାୟୀ ସରକାର ମାର୍କ ଭେଲ୍ୟୁ ପ୍ରଦାନ କରିବା ସହିତ ରେଳବିଭାଗର ଗାଇଡ ଲାଇନ ଅନୁଯାୟୀ ଯଥେଷ୍ଟ ମୂଲ୍ୟ କ୍ଷତିଗ୍ରସ୍ତ ଜମିହରାଙ୍କୁ ପ୍ରଦାନ କରିବାର ନିୟମ ରହିଛି। କିନ୍ତୁ ଏହିପରି ଜମିଅଧିଗ୍ରହଣ ଅଧିକାରୀ ଏବଂ ଜିଲ୍ଲାପାଳ ମାନେ ବିଭିନ୍ନ ଆଇନ କାନୁନ ଦେଖାଇ କ୍ଷତଗ୍ରସ୍ତ ଜମି ମାଲିକ ମାନଙ୍କ ଭୟଭୀତ କରିବା ସହିତ ଜମି ଅଧିଗ୍ରହଣର ନିୟମ ଭାଙ୍ଗି କମ୍ ଟଙ୍କା ଦେଇ ଏକ ପ୍ରକାର ଠକୁଥିବା ନେଇ ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ଏହିପରି କୋରାପୁଟ ଜିଲ୍ଲା ପ୍ରତି ଏଥିରେ ପାତରଅନ୍ତର କରାଯାଇଛି ବୋଲି ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ଦେଇ ଯାଇଥିବା ରେଳଧାରଣା ମାଧ୍ୟମରେ ମାଲବାହୀ ଏବଂ ଯାତ୍ରୀବାହୀ ଟ୍ରେନ ମାଧ୍ୟମରେ ରେଳ ବିଭାଗ ଦୈନିକ ୩୦ କୋଟି ଟଙ୍କା ଆୟ କରୁଥିବା ବେଳେ ଏହି ଅଞ୍ଚଳରେ ରେଳ ଯାତାୟାତର ବିକାଶ ନେଇ ସେହିପରି ଆଖିଦୃଶିଆ କୌଣସି ବିକାଶ କରିନାହାଁନ୍ତି। ଏହିପରି ଆଗାମୀ ଦିନରେ କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି, କଳାହାଣ୍ଡି ଜିଲ୍ଲା ଦେଇ ଜୁନାଗଡ ଏବଂ ଆନ୍ଧ୍ର ପ୍ରଦେଶର ଭଦ୍ରାଚଳମକୁ ରେଳ ଧାରଣା ସଂଯୋଗୀକରଣ ହୋଇଗଲେ। ଏହି ରେଳଧାରଣା ଦେଇ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ ଯାତାୟାତ ଦ୍ୱାରା ବାର୍ଷିକ ୧୫ ହଜାର କୋଟି ଟଙ୍କା ଆୟ କରିବାର ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେଣୁ ଏହି ଜିଲ୍ଲା ଗୁଡିକରେ ଅଧିକାଂଶ ଜମି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ରହିଥିବା ଯୋଗୁଁ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହିପରି ଏହି ଜିଲ୍ଲା ଗୁଡିକରେ ଜମିହରା କ୍ଷତିଗ୍ରସ୍ତଙ୍କ ପାଇଁ ସ୍ଥାନୀୟ ଲୋକସଭା ଏବଂ ବିଧାନସଭାରେ ଲୋକ ପ୍ରତିନିଧି ମାନେ ମଧ୍ୟ କୌଣସି ଉପଯୁକ୍ତ ଦାବି କରୁନାହାଁନ୍ତି। ତେଣୁ ସମସ୍ତ ଦଳ ଓ ସଂଗଠନ ଗୁଡିକ ମିଳିତ ଭାବେ ଏହି ଅଞ୍ଚଳର ଜମି ହରା ମାନେ କିଭଳି ନିୟମ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ରାଶି ପାଇବା ସହିତ ସନ୍ତୋଷ ହେବେ ସେଥିନେଇ ସମସ୍ତେ ଦାବି କରିବାକୁ ଆବଶ୍ୟକତା ରହିଛି ବୋଲି ଆହ୍ୱାନ କରିଛନ୍ତି। ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାକୁ ରେଳ ସଂଯୋଗୀକରଣ ନେଇ ୨୦୧୬ ମସିହାରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏଥିନେଇ କେନ୍ଦ୍ର ସରକାର କୌଣସି ପଦକ୍ଷପ ଗ୍ରହଣ କରିନଥିବା ଯୋଗୁଁ ରାଜ୍ୟ ଓ କେନ୍ଦ୍ର ସରକାର ଉଭୟଙ୍କ ୫୦ ପ୍ରତିଶତ ଖର୍ଚ୍ଚ ମାଧ୍ୟମରେ ଉଭୟ ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାକୁ ରେଳ ସଂଯୋଗୀକରଣ ନେଇ କେନ୍ଦ୍ର ସରକାରଙ୍କ ସହିତ ଏକ ଯୁଗ୍ମ ଚୁକ୍ତିନାମା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ନବରଙ୍ଗପୁର ଜିଲ୍ଲାର ବରିଷ୍ଠ ବିଜେଡି ନେତା ସରୋଜ ନାୟକ, ବୋରିଗୁମ୍ମା ବ୍ଲକର ନାଗରାଜ ଦୋରା ଏବଂ ଶିବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ● ଅମ୍ବାଦଳା ରେଳରୋକୋ ପୂର୍ବରୁ ବଢ଼ିଲା ଚାପ

## ଆଲୋଚନା ବିଫଳ, ୩୦ରେ ରେଳରୋକୋ!

ଅମ୍ବାଦଳା, ୨୬।୭(ସମିସ): ଅମ୍ବାଦଳା ରେଳଷ୍ଟେସନରେ ଦୀର୍ଘଦିନର ଦାବି ପୂରଣ ପାଇଁ ଆସନ୍ତା ୩୦ ଜୁଲାଇରେ ପ୍ରସ୍ତାବିତ ରେଳ ରୋକୋ ଆନ୍ଦୋଳନକୁ ନେଇ ପରିସ୍ଥିତି ଅଧିକ ସରଗରମ ହୋଇଛି। ପୂର୍ବତଟ ରେଳବାଇର ସମ୍ବଲପୁର ମଣ୍ଡଳ ପକ୍ଷରୁ ଅମ୍ବାଦଳା ସିଟିଜେନ୍ କମିଟିକୁ ଲିଖିତ ଜବାବ ଦିଆଯାଇଥିଲେ ମଧ୍ୟ ଏଥିରେ କମିଟି ସନ୍ତୁଷ୍ଟ ନଥିବା ଜଣାପଡ଼ିଛି। ସୋମବାର କମିଟି ଓ ରେଳବାଇ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହେବାକୁ ଥିବାବେଳେ ଏହି ବୈଠକକୁ ନେଇ ସମସ୍ତଙ୍କ ନଜର ରହିଛି। ରେଳବାଇ ପକ୍ଷରୁ ୧୯୦୨୧/୧୯୦୨୨ ଓ ୧୮୧୦୭/୧୮୧୦୮ ଟ୍ରେନ୍ର ଅମ୍ବାଦଳାରେ ରହଣି ପରିଚାଳନାଗତ କାରଣରୁ ସମ୍ଭବ ନୁହେଁ ବୋଲି ସ୍ପଷ୍ଟ କରାଯାଇଥିବାବେଳେ ୧୮୪୦୭/୧୮୪୦୮ ଟ୍ରେନ୍ର ରହଣି ପାଇଁ ବର୍ତ୍ତମାନର ଯାତ୍ରୀ ସଂଖ୍ୟା ଓ ରାଜସ୍ୱ ପର୍ଯ୍ୟାପ୍ତ ନଥିବା ଦର୍ଶାଯାଇଛି। ଭବିଷ୍ୟତରେ ଯାତ୍ରୀ ସଂଖ୍ୟା ଓ ଆୟ ବୃଦ୍ଧି ହେଲେ ଦାବିକୁ ବିଚାର କରାଯିବ ବୋଲି ରେଳବାଇ କହିଛି। ତେବେ ଏହି ଯୁକ୍ତିକୁ ଅମ୍ବାଦଳା ସିଟିଜେନ୍ସ କମିଟି ଖଣ୍ଡନ କରିଛି। କମିଟିର କହିବା ଅନୁଯାୟୀ, ଯଦି ଟ୍ରେନ୍ ରହଣି ପାଇଁ ଯାତ୍ରୀ ସଂଖ୍ୟା ଓ ରାଜସ୍ୱ ହିଁ ମାନଦଣ୍ଡ, ତେବେ ଅମ୍ବାଦଳା, କାକିରିଗୁମା ଓ ଲକ୍ଷ୍ମୀପୁର ଷ୍ଟେସନର ପ୍ରକୃତ ଯାତ୍ରୀ ସଂଖ୍ୟା ଏବଂ ରାଜସ୍ୱର ତୁଳନାତ୍ମକ ତଥ୍ୟ ରେଳବାଇ ସାର୍ବଜନୀନ କରିବା ଉଚିତ। ଅମ୍ବାଦଳା ଅଧିକ ଯାତ୍ରୀ ଓ ରାଜସ୍ୱ ଯୋଗାଉଥିଲେ ମଧ୍ୟ ଷ୍ଟେସନଟି ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରାଯାଉଥିବା ଅଭିଯୋଗ କରାଯାଇଛି। ରେଳବାଇ ଫୁଟ୍ ଓଭର ବ୍ରିଜ୍ରେ ରାମ୍ପ ନିର୍ମାଣ ଓ କୋଚ୍ ଇଣ୍ଡିକେସନ୍ ବୋର୍ଡ ସ୍ଥାପନକୁ ଅନୁମୋଦନ ମିଳିଥିବା କହିଥିଲେ ମଧ୍ୟ ସ୍ଥାନୀୟ ବାସିନ୍ଦା ଏହାକୁ ପର୍ଯ୍ୟାପ୍ତ ପଦକ୍ଷେପ ବୋଲି ମାନିନାହାନ୍ତି। ସେମାନଙ୍କ କହିବା ଅନୁଯାୟୀ, ବର୍ତ୍ତମାନର ଫୁଟ୍ ଓଭର ବ୍ରିଜ୍ ବୃଦ୍ଧ, ଦିବ୍ୟାଙ୍ଗ ଓ ରୋଗୀଙ୍କ ପାଇଁ ବ୍ୟବହାରଯୋଗ୍ୟ ନୁହେଁ। ତେଣୁ କେବଳ ମୌଳିକ ସୁବିଧା ଦର୍ଶାଇ ଜନଦାବିକୁ ଏଡ଼ାଇବା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏପଟେ ୩୦ ଜୁଲାଇର ପ୍ରସ୍ତାବିତ ରେଳ ରୋକୋରୁ ବିରତ ରହିବାକୁ ରେଳବାଇ ଅନୁରୋଧ କରିଥିବାବେଳେ କମିଟି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରାଯାଇନାହିଁ। ତେବେ କମିଟି ସୂତ୍ରରୁ ଜଣାପଡ଼ିଛି ଯେ, ସୋମବାରର ଆଲୋଚନାରେ ଯଦି ରେଳବାଇ ଅମ୍ବାଦଳା ପ୍ରତି ସକାରାତ୍ମକ ମନୋଭାବ ନଦେଖାଏ ଓ ଦୀର୍ଘଦିନର ଦାବି ସମାଧାନ ଦିଗରେ ଠୋସ ପଦକ୍ଷେପ ନ ନିଏ, ତେବେ ଜୁଲାଇ ୩୦ରେ ପ୍ରସ୍ତାବିତ "ରେଳ ରୋକୋ' ଆନ୍ଦୋଳନ ନିଶ୍ଚିତ ବୋଲି ସୂଚନା ମିଳିଛି। ଏହି ପରିସ୍ଥିତିରେ ସୋମବାରର ଆଲୋଚନା ଅମ୍ବାଦଳା ରେଳ ଆନ୍ଦୋଳନର ଭବିଷ୍ୟତ ନିର୍ଣ୍ଣୟ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଦୁର୍ଗୀ ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



ଦୁର୍ଗୀ, ୨୬।୭(ସମିସ): ରାୟଗଡ଼ ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ପଞ୍ଚାୟତର ଜଗନ୍ନାଥ ମନ୍ଦିର ନିକଟସ୍ଥ ପଡ଼ିଆରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ଦାସ ଏବଂ ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାମନାଗୁଡ଼ା ବ୍ଲକର ଭାମିନ ଓ ହୁକୁମ୍ବା ପଞ୍ଚାୟତ ସହ ରାଇଗୁଡ଼ା ଏବଂ ଟିକରପଡ଼ା ଗ୍ରାମର ଶତାଧିକ ଯୁବକ ଓ ଛାତ୍ର ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ନବାଗତ ସଦସ୍ୟମାନେ କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ସୁଧୀର କୁମାର ଦାସ କହିଥିଲେ ଯେ, ସମସ୍ତଙ୍କ ଆନ୍ତରିକ ସହଯୋଗ ଓ ସଂଗଠନର ଏକତା ବଳରେ ବିଜେଡି ପୂର୍ବଭଳି ଆହୁରି ଶକ୍ତିଶାଳୀ ହେବ। ମିଶ୍ରଣ ପର୍ବରେ ରାମନାଗୁଡ଼ା ବ୍ଲକର ବରିଷ୍ଠ ନେତା ଗଗନ ଆଚାର୍ଯ୍ୟ, ବାତ୍ରୀ ମଣ୍ଡାଙ୍ଗୀ, ବିଜୟ ମଣ୍ଡାଙ୍ଗୀ, କମଳ ମୁଟିକା, ପଙ୍କଜ ପଣ୍ଡା, କରୀୟାନ, ଜଗଦୀଶ ଚନ୍ଦ୍ର ନାୟକ ବେହେରା ଓ ରାହୁଲ ପ୍ରମୁଖ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଦୁର୍ଗନ୍ଧରେ ଅତିଷ୍ଠ ଛାତ୍ରଛାତ୍ରୀ

## ମାଛ ବଜାର ସ୍ଥାନାନ୍ତର କେବେ ?



ରାୟଗଡ, ୨୬।୭ (ସମିସ): ରାୟଗଡ ସହରର ରାଣିଗୁଡ଼ା ଫାର୍ମ ବାଳିକା ବିଦ୍ୟାଳୟ ପାଚେରିକୁ ଲାଗି ରହିଥିବା ମାଛ ବଜାରକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ମାଛ ବଜାରରୁ ବାହାରୁଥିବା ଦୁର୍ଗନ୍ଧ ଓ ଅପରିଷ୍କାର ପରିବେଶ ଯୋଗୁଁ ପ୍ରତିଦିନ ବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଛ ବଜାରରେ ଦୂଷିତ ପାଣି ନିଷ୍କାସନ ପାଇଁ କୌଣସି ଡ୍ରେନ୍ ବ୍ୟବସ୍ଥା ନଥିବାରୁ ମାଛ ଧୋଇବା ପାଣି ରାସ୍ତା କଡ଼ରେ ଜମି ରହୁଛି। କିଛି ବ୍ୟବସାୟୀ ବିଦ୍ୟାଳୟ ପାଚେରୀରେ ଗର୍ତ୍ତ କରି ସେହି ପାଣି ଛାଡୁଥିବାରୁ ତାହା ବିଦ୍ୟାଳୟ ପରିସରକୁ ପ୍ରବେଶ କରୁଛି। ଫଳରେ ଶ୍ରେଣୀଗୃହ ପର୍ଯ୍ୟନ୍ତ ଅସହ୍ୟ ଦୁର୍ଗନ୍ଧ ବ୍ୟାପି ଯାଉଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏନେଇ ସେମାନେ ବାରମ୍ବାର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ବର୍ଷା ଦିନରେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପଡୁଛି। ବର୍ଷା ପାଣି ସହ ମାଛର ଦୂଷିତ ପାଣି ମିଶି ରାସ୍ତା ଓ ବିଦ୍ୟାଳୟ ପାଚେରି ନିକଟରେ ଜମି ରହୁଥିବାରୁ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏହା ଦ୍ୱାରା ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଥିବା ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସହରରେ ବିକଳ୍ପ ସରକାରୀ ସ୍ଥାନ ଥିବା ସତ୍ତ୍ୱେ ମାଛ ବଜାରକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଏ ସମ୍ପର୍କରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ୍ଜିକ୍ୟୁଟିଭ୍ ଅଫିସର କୁଳଦୀପ କୁମାର କହିଛନ୍ତି ଯେ, ମାଛ ବ୍ୟବସାୟୀଙ୍କ ପାଇଁ ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି। ତେବେ ବ୍ୟବସାୟ ଭଲ ହେଉଥିବାରୁ ସେମାନେ ସ୍ଥାନାନ୍ତର ହେବାକୁ ରାଜି ହେଉନାହାନ୍ତି। ଖୁବଶୀଘ୍ର ସେମାନଙ୍କୁ ସେଠାରୁ ଉଠାଇ ନୂତନ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି। କୋମଳମତି ଶିଶୁଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥ ପରିବେଶକୁ ଦୃଷ୍ଟିରେ ରଖି ମାଛ ବଜାରକୁ ଶୀଘ୍ର ସ୍ଥାନାନ୍ତର କରିବା ସହ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ତାରିଣୀ ମନ୍ଦିର ସାହିରେ ମାଙ୍କଡ଼ ଆତଙ୍କ

ମାଲକାନଗିରି,୨୬।୭(ସମିସ): ମାଲକାନଗିରି ସହରର ୮ ନମ୍ବର ୱାର୍ଡ ଜୟପୁରିଆଗୁଡ଼ା ସ୍ଥିତ ତାରିଣୀ ମନ୍ଦିର ସାହିରେ ଏକ ମାଙ୍କଡ଼ ଆକ୍ରମଣରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ମାଙ୍କଡ଼ଟି ବାରମ୍ବାର ଛୋଟ ପିଲାମାନଙ୍କୁ କାମୁଡ଼ି ଆହତ କରୁଥିବାରୁ



ଅଭିଭାବକ ଓ ପିଲାମାନଙ୍କ ମଧ୍ୟରେ ଭୟ ବଢ଼ିଛି। ଭୟରେ ପିଲାଏ ଏକା ବାହାରକୁ ଯାଉ ନଥିବା ବେଳେ କିଛି ପିଲା ମାଙ୍କଡ କାମୁଡ଼ାରେ ଆହତ ମଧ୍ୟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ମାଙ୍କଡ଼ଟିକୁ ଧରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆହତ ପିଲାମାନଙ୍କୁ ଚିକିତ୍ସା ସହାୟତା ଯୋଗାଇବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି। ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


## ୨୫ ଥର ରକ୍ତଦାନ କରି ପ୍ରେରଣାର ପାଲଟିଲେ ବଳରାମ



ମାଲକାନଗିରି, ୨୬।୭(ସମିସ): ମାଲକାନଗିରିର ସମାଜସେବୀ ବଳରାମ ଭଞ୍ଜ ୨୫ତମ ଥର ରକ୍ତଦାନ କରି ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ୩୮ ବର୍ଷୀୟ ବଳରାମ ନିଜ ସ୍ୱାର୍ଥକୁ ପଛରେ ରଖି ଆବଶ୍ୟକତା ପଡ଼ିଲେ ରୋଗୀଙ୍କ ସହାୟତା ପାଇଁ ସଦା ପ୍ରସ୍ତୁତ ରହୁନ୍ତି। ତେବେ ଆଜି ରକ୍ତ ଅଭାବରେ ଚିକିତ୍ସାଧୀନ ଥିବା ଏମ୍‌ଭି-୧୦୯ ଗ୍ରାମର ଶିଶୁ ପିୟୁଷ ମଣ୍ଡଳଙ୍କ ପାଇଁ ରକ୍ତ ଆବଶ୍ୟକ ଖବର ପାଇବା ମାତ୍ରେ ସେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ରକ୍ତଦାନ କରିଥିଲେ। ଏହା ସହ ସେ ନିଜ ଜୀବନରେ ୨୫ ଥର ରକ୍ତଦାନ କରିଥିବା ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ବଳରାମଙ୍କ କହିବା ଅନୁଯାୟୀ, ରକ୍ତଦାନ ମାଧ୍ୟମରେ ଜଣେ ମଣିଷର ଜୀବନ ବଞ୍ଚାଇବା ହିଁ ତାଙ୍କର ସବୁଠାରୁ ବଡ଼ ସନ୍ତୋଷ। ମାନବ ସେବା ହିଁ ମାଧବ ସେବା ମନ୍ତ୍ରକୁ ଆଧାର କରି ସେ ଯୁବପିଢ଼ିଙ୍କୁ ନିୟମିତ ରକ୍ତଦାନ ପାଇଁ ଆହ୍ୱାନ କରିଛନ୍ତି। ତାଙ୍କର ଏହି ନିସ୍ୱାର୍ଥ ସେବା ଓ ମାନବିକତା ଆଜିର ଯୁବସମାଜ ପାଇଁ ପ୍ରେରଣାଦାୟକ ଉଦାହରଣ ପାଲଟିଛି।

### ■ ଆବର୍ଜନା ପୃଥକୀକରଣ କେନ୍ଦ୍ର ଅଚଳ

## ଭୂତକୋଠି ପାଲଟିଛି ସରକାରୀ ପ୍ରକଳ୍ପ



ମାଲକାନଗିରି/କୋରୁକୋଣ୍ଡା, ୨୬।୭ (ସମିସ): ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା ଆବର୍ଜନା ପୃଥକୀକରଣ କେନ୍ଦ୍ର ଲୋକଙ୍କ କାମରେ ଲାଗିବା ପରିବର୍ତ୍ତେ ଅବ୍ୟବହୃତ ହୋଇ ପଡ଼ିରହିଛି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ସଦର ପଞ୍ଚାୟତରେ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ ହୋଇଥିଲା। କିନ୍ତୁ ନିର୍ମାଣର ୨ ବର୍ଷରୁ ଊର୍ଦ୍ଧ୍ୱର ସମୟ କଟିଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ପୂର୍ବପରି ଅଞ୍ଚଳବାସୀ ରାସ୍ତାକଡ଼, ଖୋଲା ସ୍ଥାନ ଓ ଏଣେତେଣେ ଅଳିଆ-ଆବର୍ଜନା ପକାଉଥିବା ଦେଖିବାକୁ ମିଳୁଛି। ସ୍ୱଚ୍ଛ ପରିବେଶ ସୃଷ୍ଟି ଏବଂ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପରିଚାଳନା ପାଇଁ ନିର୍ମାଣ ହୋଇଥିବା ଏହି କେନ୍ଦ୍ର ଅଚଳ ରହିବାରୁ ସରକାରୀ ଅର୍ଥର ସଦ୍‌ବ୍ୟବହାରକୁ ନେଇ ପ୍ରଶ୍ନ ଉଠିଛି। କେବଳ ଏହାକୁ ନିର୍ମାଣ କରି ସରକାରୀ ଅର୍ଥ ଖର୍ଚ୍ଚ ଦେଖାଇବା ଏବଂ ଠିକାଦାରଙ୍କୁ ସୁହାଇବା ପାଇଁ ଏଭଳି କାମ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି କେନ୍ଦ୍ରଟି ଚାଲୁ କରିବାର ଯୋଜନା ନଥିଲା, ତେବେ ଲକ୍ଷାଧିକ ଟଙ୍କା ବ୍ୟୟ କରି ଏହା ନିର୍ମାଣ କାହିଁକି କରାଗଲା ବୋଲି ଓଲଟି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଲୋକେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆବର୍ଜନା ପୃଥକୀକରଣ କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ତେବେ ଏନେଇ ଆମେ କୋରୁକୋଣ୍ଡା ବିଡିଓ ଅମୂଲ୍ୟ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ।

### ● ଆଇକନିକ୍ ମିସ ଇଣ୍ଡିଆ ୨୦୨୬

## ଏନ ତ୍ରିଶା ତନ୍ୟାଙ୍କୁ ବେଷ୍ଟ ଟ୍ୟାଲେଣ୍ଟ ମାନ୍ୟତା

ବୋରିଗୁମ୍ମା, ୨୬।୭(ସମିସ): ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଠାରେ ଜାତୀୟ ସ୍ତରୀୟ ନେକଷ୍ଟ ଜେନ ଆଇକନିକ୍ ମିସ ଇଣ୍ଡିଆ ୨୦୨୬ ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ନୃତ୍ୟ, ଚାଲି, ପ୍ରତିଭା, ପ୍ରଶ୍ନୋତ୍ତର, ଜାତୀୟ ପୋଷାକ ପରିଧାନ ଇତ୍ୟାଦି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ରାଜସ୍ଥାନର ଜୟପୁର, ଲକ୍ଷ୍ନୌ, ପୁନେ ଠାରେ ହୋଇ ଶେଷରେ ତିନି ଦିନ ଧରି ଲକ୍ଷ୍ନୌ ଠାରେ ଅନ୍ତିମ ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବୋରିଗୁମ୍ମାର ଏନ ତ୍ରିଶା ତନ୍ୟା ଭାରତର ଭିନ୍ନ ଭିନ୍ନ ସହରର ୨୪ ଜଣ ଫାଇନାଲିଷ୍ଟଙ୍କ ମଧ୍ୟରୁ ରନର୍ସ ଅପ୍ ମୁକୁଟ ସହ ମିସ ଏକଷ୍ଟ୍ରା ଅର୍ଡିନେରୀ ଏବଂ ବେଷ୍ଟ ଟ୍ୟାଲେଣ୍ଟର ମାନ୍ୟତା ପାଇଥିଲେ। ତାଙ୍କୁ ଏହି ମୁକୁଟ ସହ ଟ୍ରଫି, ଟାଇଟଲ ଟେଲି ତାରକା ଅଭିନେତ୍ରୀ ତେଜସ୍ୱୀ ପ୍ରକାଶ ଏବଂ ସିନେ ପ୍ରଯୋଜିକା ଏକତା କପୁର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉତ୍ତରପ୍ରଦେଶର ପ୍ରସିଦ୍ଧ ଆୟୋଜିକା ସୌମ୍ୟା ସାହୁ ଏବଂ ତାଙ୍କ ଟିମ ସାମ ରେନାଇସାନ୍ ଆୟୋଜନ କରିଥିଲେ। ଏନ ତ୍ରିଶା ତନ୍ୟା ଶିକ୍ଷକ ଏନ ରାଜେଶ କୁମାର ଓ ଜି ଗାୟତ୍ରୀଙ୍କ ବଡ଼ ଝିଅ ଅଟନ୍ତି। ସେ ଏକାଧାରାରେ ଲେଖିକା ଏବଂ ଇଂରାଜୀ ଭାଷାର ସ୍ନାତକୋତ୍ତର ଛାତ୍ରୀ। ତାଙ୍କ ସଫଳତାରେ ବୋରିଗୁମ୍ମା ପିଜେଣ୍ଟ ଓ ମଡେଲିଂ କ୍ଷେତ୍ରରେ ଆଉ ଏକ ଫର୍ଦ ଯୋଡି ହୋଇଯାଇଛି।

### ● ବିପଦସଙ୍କୁଳ ଟ୍ରାନ୍ସଫର୍ମର

## ଅଭିଯୋଗ ପରେ ଚେତୁନି ବିଭାଗ, ସ୍ଥାନାନ୍ତର ପାଇଁ ଦାବି



ମୁନିଗୁଡ଼ା, ୨୬।୭ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ଲାଭଟା ଗ୍ରାମର ତାରିଣୀ ମନ୍ଦିର ପଛପଟେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ପଡ଼ି ରହିଛି। ଟ୍ରାନ୍ସଫର୍ମର ଚାରିପାଖରେ ଅନାବନା ଗଛଲତା ବଢ଼ିଯାଇଥିବା ବେଳେ ଗୋଟିଏ ପାଶ୍ୱର୍ରେ ବେରିକେଡ୍ ଥିଲେ ମଧ୍ୟ ଅନ୍ୟ ପାଶ୍ୱର୍ଟି ସମ୍ପୂର୍ଣ୍ଣ ଖୋଲା ରହିଛି। ଫଳରେ ବିଭିନ୍ନ ସମୟରେ ଗାଈଗୋରୁ ଭିତରକୁ ପଶି ଯାଉଥିବା ସହ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ତାରିଣୀ ମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତଙ୍କ ଯାତାୟାତ ରହୁଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଏନେଇ ବାରମ୍ବାର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିବା ବେଳେ ସ୍ଥାନୀୟ ବାସିନ୍ଦା କେ. ଶ୍ରୀନିବାସ ରାଓ, ଏ. ସନ୍ତୋଷ ଆଚାରୀ, ଜି. ଗୌରୀ, କାର୍ତ୍ତିକ ଗୌଡ଼, ଧର୍ମା ରାଓ, ଭାସ୍କର ସାହୁ ଓ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଏହି ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ସାଧାରଣ ଲୋକ ଓ ପଶୁଧନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଟ୍ରାନ୍ସଫର୍ମରକୁ ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଚାରିପାଖରେ ଥିବା ଗଛଲତା ସଫା କରି ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଅଞ୍ଚଳବାସୀ ବିଦ୍ୟୁତ ବିଭାଗ ନିକଟରେ ଦାବି କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆନଗଲେ ଯେକୌଣସି ସମୟରେ ବଡ଼ଧରଣର ଅଘଟଣ ଘଟିପାରେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ଶିକ୍ଷକ ବଦଳିରେ ଅନିୟମିତତା ଅଭିଯୋଗ

## ଆନ୍ଦୋଳନ ଚେତାବନୀ ଦେଲା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ



ମାଲକାନଗିରି, ୨୬।୭(ସମିସ): ମାଲକାନଗିରି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ରବିବାର ଶିକ୍ଷକ ଭବନଠାରେ ଜିଲ୍ଲାର ସମସ୍ତ ସାତଟି ବ୍ଲକର କର୍ମକର୍ତ୍ତା ଓ ଶିକ୍ଷକମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ତାରକ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପ୍ରତି ପ୍ରକାଶିତ ଶିକ୍ଷକ ବଦଳି ତାଲିକାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶିକ୍ଷକମାନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରେସନାଲାଇଜେସନ ବଦଳି ପ୍ରକ୍ରିୟା ଜୁନ ୧୦ ସୁଦ୍ଧା ଶେଷ ହେବା କଥା। ଏହା ସତ୍ତ୍ୱେ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ଜୁଲାଇ ୨୩ରେ ବଦଳି ଆଦେଶ ଜାରି କରିଛନ୍ତି। ଏଥିରେ ଶାରୀରିକ ଅସୁସ୍ଥ, ବୟସ୍କ ଓ ମହିଳା ଶିକ୍ଷକମାନଙ୍କୁ ଦୁର୍ଗମ ପାହାଡ଼ିଆ ଏବଂ ଜଙ୍ଗଲ ଅଞ୍ଚଳକୁ ବଦଳି କରାଯାଇଥିବା ବେଳେ ଆବଶ୍ୟକତା ଥିବା ବିଦ୍ୟାଳୟରୁ ଶିକ୍ଷକଙ୍କୁ ହଟାଇ ଅନ୍ୟତ୍ର ନିଯୁକ୍ତ କରାଯାଇଛି। ବୈଠକରେ କାଲିମେଳା ବ୍ଲକର ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରସଙ୍ଗ ମଧ୍ୟ ଉଠିଥିଲା। ଅଭିଯୋଗ ଅନୁସାରେ, ସେ ଜଣେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିବା ପରେ ତାଙ୍କୁ ୯୦ କିଲୋମିଟର ଦୂର ଦୁର୍ଗମ ଅଞ୍ଚଳକୁ ବଦଳି କରାଯାଇଛି। ସେହିପରି ଘାଟି ଅଞ୍ଚଳରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଶିକ୍ଷକଙ୍କୁ ନିକଟ ବିଦ୍ୟାଳୟକୁ ଆଣିବା ପରିବର୍ତ୍ତେ ଦୂର ସ୍ଥାନକୁ ବଦଳି କରାଯାଇଥିବା ମଧ୍ୟ କିଛି ଶିକ୍ଷକ ଅଭିଯୋଗ କରିଛନ୍ତି। ସଂଘ ଏହାକୁ ଆକ୍ରୋଶମୂଳକ ପଦକ୍ଷେପ ବୋଲି ଅଭିହିତ କରିଛି। ତୁରନ୍ତ ବଦଳି ପ୍ରକ୍ରିୟାର ପୁନର୍ବିଚାର ନ କରାଗଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଶିକ୍ଷକ ସଂଘ ଚେତାବନୀ ଦେଇଛି। ଏଥିରେ ଜିଲ୍ଲା ଶିକ୍ଷକ ସଂଘର କର୍ମକର୍ତ୍ତା ଓ ଅନେକ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

ସକାଳ THE SAKALA
www.sakalaepaper.com



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୧୩- ରୁଷ୍ ଓ ତୁର୍କୀ ଶାନ୍ତି ସନ୍ଧିରେ ସ୍ୱାକ୍ଷର କଲେ।
- ୧୮୯୭- ବାଲ୍ ଗଙ୍ଗାଧର ତିଳକଙ୍କୁ ପ୍ରଥମ ଥର ପାଇଁ ଗିରଫ କରାଗଲା।
- ୧୯୩୯- କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳର ସ୍ଥାପନା।
- ୧୯୮୭- ଟାଇଟାନିକ୍ ଜାହାଜର ପ୍ରଥମ ଥର ଧ୍ୱଂସାବଶେଷ ଠାବ କରାଗଲା।
- ୧୯୯୪- ଯଶପାଲ ରାଣା ସୁଟିଂ ଚାମ୍ପିୟନ୍‌ସିପ୍‌ରେ ସ୍ୱର୍ଣ୍ଣପଦକ ଜିତିଲେ।
- ୨୦୦୨- ୟୁକ୍ରେନ୍‌ରେ ଏକ ବିମାନ ଦୁର୍ଘଟଣାରେ ୭୦ ଲୋକଙ୍କ ପ୍ରାଣହାନି।

## ଚେହେରା ଲୁଚାଇଲେ ରଣବୀର



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର ସିଂହ 'ଧୁରନ୍ଧର ୨'ର ଜବରଦସ୍ତ ସଫଳତା ପରେ ଏବେ ବକ୍ସ ଅଫିସ୍‌କୁ ପୁଣି ଏକ ବ୍ଲକ୍‌ବଷ୍ଟର୍ ଫିଲ୍ମ ଦେବା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ରଣବୀର ଏବେ ତାଙ୍କ ଆଗାମୀ ଫିଲ୍ମ 'ପ୍ରଳୟ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ଫିଲ୍ମ ନିର୍ମାତା ହଂସଲ ମେହେଟ୍ଟାଙ୍କ ଅଫିସ୍ ବାହାରେ ଦେଖା ଯାଇଥିଲେ। ଏହିସମୟରେ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ କ୍ୟାପ୍ ପିନ୍ଧି ନିଜର ନୂଆ ଲୁକ୍‌କୁ ଲୁଚାଇ ରଖିବାକୁ ଚେଷ୍ଟା କରିଥିଲେ। ରଣବୀର 'ପ୍ରଳୟ' ଫିଲ୍ମ ପାଇଁ ଏକ ନୂଆ ଲୁକ୍ ଆପଣାଉଛନ୍ତି, ଯାହାକୁ ସେ ଫିଲ୍ମର ଅଫିସିଆଲ୍ ଘୋଷଣା ପୂର୍ବରୁ ଲୋକଲୋଚନକୁ ଆଣିବାକୁ ଚାହୁଁନାହାନ୍ତି। ସେଥିପାଇଁ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ ମୁଣ୍ଡରେ କ୍ୟାପ୍ ପିନ୍ଧି ମୁହଁକୁ ଗଣମାଧ୍ୟମଠାରୁ ଲୁଚାଉଥିବା ଚର୍ଚ୍ଚା ହେଉଛି। ସେ ଅଗଷ୍ଟରୁ 'ପ୍ରଳୟ'ର ସୁଟିଂ ଆରମ୍ଭ କରିବେ। ଫିଲ୍ମର ସୁଟିଂ ଦୀପାବଳି ପର୍ଯ୍ୟନ୍ତ ଚାଲିବ। ଏହି ଫିଲ୍ମର ଏକ ବଡ଼ ଅଂଶର ସୁଟିଂ ଅଷ୍ଟ୍ରେଲିଆରେ କରାଯିବ। ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ଏଥିରେ ରଣବୀରଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହା ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ ମଧ୍ୟ ହେବ। ଫିଲ୍ମର ବଜେଟ୍ ରହିଛି ୩୦୦ କୋଟି। ଏହା ରଣବୀରଙ୍କ କ୍ୟାରିୟରର ସବୁଠାରୁ ବ୍ୟୟବହୁଳ ସୋଲୋ ଫିଲ୍ମ ହେବାକୁ ଯାଉଛି। ବିଶେଷ କଥା ହେଉଛି, ରଣବୀର ଏହି ଫିଲ୍ମକୁ ନିଜ ପ୍ରଡକ୍ସନ ହାଉସ୍ ଅଧୀନରେ କୋ-ପ୍ରଡ୍ୟୁସ ମଧ୍ୟ କରୁଛନ୍ତି।

## ରସଗୋଲା ଦିବସ



ଆଜି ରସଗୋଲା ଦିବସ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ଅବସରରେ ଏହି ଦିନ ପାଳନ କରାଯାଏ। ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଫେରି ଶ୍ରୀମନ୍ଦିରକୁ ବିଜେ କରନ୍ତି। ଏହି ତିଥିରେ ପୁରୀ ବଡ଼ଦେଉଳର ଜୟ ବିଜୟ ଦ୍ୱାରରେ ମହାଲକ୍ଷ୍ମୀଙ୍କ କ୍ରୋଧ ଭାଙ୍ଗିବା ପାଇଁ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ରସଗୋଲା ଅର୍ପଣ କରାଯାଏ। ତା' ପରେ ଠାକୁରମାନେ ମନ୍ଦିରରେ ପ୍ରବେଶ କରନ୍ତି। ଦ୍ୱାଦଶ ଶତାବ୍ଦୀରୁ ନୀଳାଦ୍ରି ବିଜେ ସମୟରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଭେଟି ପରମ୍ପରା ଚାଲି ଆସୁଛି ବୋଲି ଐତିହାସିକ ଓ ଗବେଷକମାନେ ମତ ଦିଅନ୍ତି। ଏହି ପରମ୍ପରା ଓଡ଼ିଆ ସଂସ୍କୃତିରେ ରସଗୋଲାର ମହତ୍ତ୍ୱକୁ ଦର୍ଶାଏ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରସାର ପ୍ରଚାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରି ବିଜେ ଦିନ ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲା। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାରେ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶା ପକ୍ଷରୁ ତଥ୍ୟ ପ୍ରମାଣ ସହ ରସଗୋଲାର ଉତ୍ପତ୍ତି ଓଡ଼ିଶାରୁ ବୋଲି ସ୍ପଷ୍ଟ କରାଯାଇଥିଲା। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା। ବିକଳାନନ୍ଦ କରଙ୍କ ସାଲେପୁର ରସଗୋଲା ଓ ପାହାଳରେ ପ୍ରସ୍ତୁତ ରସଗୋଲା ଦେଶ ତଥା ବିଦେଶରେ ବି ପରିଚିତ। ରସଗୋଲା ଦିବସ ପାଇଁ ପାହାଳ ଓ ସାଲେପୁରରେ ପ୍ରବଳ ଭିଡ଼ ଜମେ। ମିଠା ବ୍ୟବସାୟୀମାନେ ବିଭିନ୍ନ ଆକାରର ଏବଂ ନୂଆ ନୂଆ ସ୍ୱାଦର ରସଗୋଲା ପ୍ରସ୍ତୁତ କରିଥାନ୍ତି। ପାହାଳ ରସଗୋଲା ଆକାରରେ ସାମାନ୍ୟ ଛୋଟ, ଅତି ନରମ ଏବଂ ଏହାକୁ ସାରା ଦିନ ଗରମ ସିରାରେ ରଖାଯାଇଥାଏ। ଏହାକୁ ତତଲା ଖାଇବାକୁ ଲୋକେ ପସନ୍ଦ କରନ୍ତି। ସେହିପରି ସାଲେପୁର ରସଗୋଲା ଆକାରରେ ବଡ଼ ଏବଂ ସାମାନ୍ୟ ଶକ୍ତ ହୋଇଥାଏ। ଏହାର ସ୍ୱାଦ ଦୀର୍ଘ ଦିନ ପର୍ଯ୍ୟନ୍ତ ଖରାପ ହୁଏନାହିଁ ଏବଂ ଏହାକୁ ପ୍ୟାକେଟ୍ କରି ବାହାରକୁ ପଠାଯାଏ।

## ଆଜି ବାହୁଡ଼ିଥିଲେ

### ମିସାଇଲ୍ ମ୍ୟାନ୍ ଏପିଜେ ଅବଦୁଲ କଲାମ



ଭାରତର ପୂର୍ବତନ ଲୋକପ୍ରିୟ ରାଷ୍ଟ୍ରପତି ତଥା 'ମିସାଇଲ୍ ମ୍ୟାନ୍' ଭାବେ ପରିଚିତ ଏପିଜେ ଅବଦୁଲ କଲାମଙ୍କର ଆଜି ପୁଣ୍ୟତିଥି। ଭାରତରେ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସଫଳତାର ଶିଖରରେ ପହଞ୍ଚାଇଥିବା ବ୍ୟକ୍ତି ହେଉଛନ୍ତି କଲାମ। ଏପରିକି ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାମିଲନାଡୁର ରାମେଶ୍ୱରମ୍‌ରେ ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ସେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ସଂଘର୍ଷରେ ଜୀବନ ଅତିବାହିତ କରିଥିବା କଲାମ ପରବର୍ତ୍ତୀ ସମୟରେ ଭାରତୀୟ ବିଜ୍ଞାନ ଜଗତର ମହାନାୟକ ପାଲଟି ଯାଇଥିଲେ। ସେ ତିରୁଚିଲାପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ୧୯୬୦ରେ ମାଡ୍ରାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ମହାକାଶ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଡିଆରଡିଓରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ୧୯୬୯ ରେ ସେ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ ବା ଇସ୍ରୋକୁ ବଦଳି ହୋଇଯାଇଥିଲେ। ସେବେଠୁ ସେ ରଚି ଚାଲିଲେ ଗୋଟିଏ ପରେ ଗୋଟିଏ ଇତିହାସ। ୧୯୯୮ ଐତିହାସିକ ପୋଖରାନ୍ ଆଣବିକ ବୋମା ପରୀକ୍ଷଣର ସେ ଥିଲେ ମୁଖ୍ୟ ପୁରୋଧା। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ଅଗ୍ନି, ତ୍ରିଶୂଳ, ପୃଥ୍ୱୀ, ଆକାଶ, ଓ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତର ଏକାଦଶ ରାଷ୍ଟ୍ରପତି ଥିଲେ। ରାଷ୍ଟ୍ରପତି ହେବା ପରେ ମଧ୍ୟ ସେହିଭଳି ସାଧାରଣ ଜୀବନଯାପନ କରୁଥିଲେ କଲାମ। ସଭାସମିତିରେ ଚାକଚକ୍ୟ ଆସନ ଅଳଙ୍କୃତ କରିବା ତ ଦୂରର କଥା, କାହାରିଠାରୁ ଫୁଲତୋଡ଼ାଟିଏ ଗ୍ରହଣ କରିବାକୁ ସେ କୁଣ୍ଠାବୋଧ ପ୍ରକାଶ କରୁଥିଲେ। ଏହି ସମୟ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ବିଜ୍ଞାନକୁ ଅତି ସରଳ ଭାବେ ଛାତ୍ରମାନଙ୍କୁ ବୁଝାଇ ସେମାନଙ୍କ ସହ ସମୟ ଅତିବାହିତ କରୁଥିଲେ। କଲାମ ତାଙ୍କ ଜୀବନ କାଳରେ ଅନେକ ପୁସ୍ତକ ମଧ୍ୟ ଲେଖିଛନ୍ତି। ତାଙ୍କ ଆତ୍ମଜୀବନୀ 'ୱିଙ୍ଗସ୍ ଅଫ୍ ଫାୟାର୍', 'ଭିଜନ୍ ୨୦୨୦', 'ଇଗ୍‌ନାଇଟେଡ୍ ମାଇଣ୍ଡସ୍' ଆଦି ପୁସ୍ତକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ୧୯୮୧ରେ ଭାରତ ସରକାର ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ। ୧୯୯୦ରେ ତାଙ୍କୁ ପ୍ରଦାନ କରାଯାଇଥିଲା ପଦ୍ମ ବିଭୂଷଣ। ୪୦ ଗୋଟି ବିଶ୍ୱବିଦ୍ୟାଳୟରୁ ସେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଥିଲେ। ୨୦୧୫ ଆଜିର ଦିନରେ ସିଲଂର ଆଇଆଇଏମ୍ ଇନଷ୍ଟିଚ୍ୟୁଟ୍‌ରେ ଭାଷଣ ଦେଉଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା।

## ସମ୍ପ୍ରୀତି

### କେଉଁ ଅଙ୍ଗୁଳି ପାଇଁ କେଉଁ ଗ୍ରହ ମୁଦି

**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ଅଙ୍ଗୁଳିର ସମ୍ବନ୍ଧ କୌଣସି ଗ୍ରହ ସହିତ ସମ୍ବନ୍ଧିତ। ଏଣୁ କୌଣସି ଗ୍ରହର ମୁଦି ବା ଧାତୁ ଧାରଣ କରିବା ବେଳେ ଠିକ୍ ଅଙ୍ଗୁଳିରେ ପିନ୍ଧିବା ଉଚିତ।**



**ତର୍ଜନୀ:** ସୁନା ମୁଦି ତର୍ଜନୀ ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହା ସୂର୍ଯ୍ୟ ଗ୍ରହ ସହିତ ସମ୍ବନ୍ଧିତ। ଆତ୍ମବିଶ୍ୱାସ, ନେତୃତ୍ୱ ନେବାର କ୍ଷମତା, ସମ୍ମାନ ସହିତ ଏହା ଜଡ଼ିତ ବୋଲି ବିବେଚନା କରାଯାଏ।

**ମଧ୍ୟମା:** ଲୁହା ମୁଦି ଶନି ଗ୍ରହ ସହିତ ସମ୍ବନ୍ଧିତ। ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋତିର୍ବିଦ୍‌ଙ୍କ ପରାମର୍ଶ ନେବା ଉଚିତ। ଏହାକୁ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଭଲ।

**ଅନାମିକା:** ତମ୍ବା ବା ସୁନା ସୂର୍ଯ୍ୟ ଗ୍ରହ ସହିତ ଜଡ଼ିତ। ଏହା ଯଶ, ପ୍ରତିଷ୍ଠା ଏବଂ ସକାରାତ୍ମକ ଶକ୍ତିର ପ୍ରତୀକ। ଅନାମିକା ଅଙ୍ଗୁଳିରେ ଏହାକୁ ଧାରଣ କରିବା ଭଲ।

**କନିଷ୍ଠା:** ରୂପା ମୁଦି ବୁଧ ଗ୍ରହ ସହିତ ଜଡ଼ିତ। ବାଣୀ, ବୁଦ୍ଧି, ସଂଚାର କୌଶଳ ସହିତ ଏହା ଜଡ଼ିତ। ଉକ୍ତ ମୁଦିକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଭଲ।

**ବୁଢ଼ା ଅଙ୍ଗୁଳି:** ଶୁକ୍ର ଗ୍ରହ ସହିତ ରୂପା ଜଡ଼ିତ। ଆକର୍ଷଣ, ସୃଜନଶୀଳତା ଏବଂ ସୌନ୍ଦର୍ଯ୍ୟର ଏହା ପ୍ରତୀକ। ଏହାକୁ ବୁଢ଼ା ଅଙ୍ଗୁଳିରେ ପିନ୍ଧିବା ଉଚିତ।

## ନୀଳାଦ୍ରି ବିଜେ




**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ମହାପ୍ରଭୁ ରତ୍ନବେଦୀକୁ ବାହୁଡ଼ିବେ। ତିନି ଠାକୁର ରତ୍ନ ସିଂହାସନରେ ବିଜେ କରିବେ। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନୀଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**

ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପର ଭେଟ ହୋଇଥାନ୍ତି। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ରଥଯାତ୍ରାରେ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ମହାପ୍ରଭୁ ତାଙ୍କ ମାନଭଞ୍ଜନ କରନ୍ତି। ତେଣୁ ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।

ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ୍ୟ ପାଳନ କରାଯାଏ।

## ଗୁରୁ ମନ୍ତ୍ରର ମହତ୍ତ୍ୱ




ଗୁରୁ-ଶିଷ୍ୟ ସମ୍ପର୍କର ଏକ ନିଆରା ଉତ୍ସବ ହେଉଛି ଗୁରୁ ପୂର୍ଣ୍ଣିମା। ଜୁଲାଇ ୨୯ ତାରିଖରେ ଏହାକୁ ପାଳନ କରାଯିବ। ଗୁରୁ ପୂର୍ଣ୍ଣିମା ଭଳି ଏକ ଶୁଭ ଅବସରରେ ଶିଷ୍ୟ ନିଜ ଗୁରୁଙ୍କ ପୂଜା କରି କୃତଜ୍ଞତା ଜ୍ଞାପନ କରନ୍ତି। ଏହାସହ ଏହି ଅବସରରେ ବହୁ ସଂଖ୍ୟକ ଲୋକ ଗୁରୁ ମନ୍ତ୍ର ନିଅନ୍ତି।

- ଗୁରୁ ମନ୍ତ୍ର ଦେବାର ବିଶେଷ ବିଧି ଅଛି। ଶିଷ୍ୟଙ୍କୁ ଗୁରୁ ମନ୍ତ୍ର ସହ ଜଡ଼ିତ ନିୟମକୁ ପାଳନ କରିବାକୁ ପଡ଼ିଥାଏ। ସେହିପରି ଗୁରୁ ଆଜ୍ଞା ସବୁବେଳେ ପାଳନ କରିବାକୁ ପଡ଼ିଥାଏ। ଯେଉଁ ବ୍ୟକ୍ତି ଗୁରୁଙ୍କ ଆଦେଶରେ ଜୀବନ ଅତିବାହିତ କରନ୍ତି, ଭଲ ଆଚରଣ ଏବଂ ଭଗବାନଙ୍କ ଭକ୍ତି କରନ୍ତି, ତାଙ୍କ ଜୀବନ ସଫଳ ହୁଏ।
- ଗୁରୁ ଯେତେବେଳେ ନିଜ ଶିଷ୍ୟଙ୍କୁ ଦୀକ୍ଷା ଦିଅନ୍ତି, କାନରେ ମନ୍ତ୍ର କୁହନ୍ତି। ହିନ୍ଦୁ ଧର୍ମରେ ଶରୀରର ଡାହାଣ ଭାଗକୁ ଅଧିକ ପବିତ୍ର ବୋଲି କୁହାଯାଏ। ତେଣୁ ଗୁରୁ ଶିଷ୍ୟର ଡାହାଣ କାନରେ ମନ୍ତ୍ର କହନ୍ତି। ମନ୍ତ୍ରକୁ ଧୀରେ ଧୀରେ କାନରେ କହିବା ପଛରେ କାରଣ ଅଛି। ଏହି ପ୍ରକ୍ରିୟା ଯେଭଳି ଗୁପ୍ତ ଓ ଏହାର ପ୍ରଭାବ ଅଧିକ ରହିବ। ମନ୍ତ୍ରର ଶକ୍ତି କେବଳ ଗୁରୁ ଓ ଶିଷ୍ୟ ପର୍ଯ୍ୟନ୍ତ ହିଁ ସୀମିତ ରହିବା ଉଚିତ।
- ସେହିପରି ଗୁରୁ ଶିଷ୍ୟଙ୍କ କାନରେ ମନ୍ତ୍ର କହୁଥିବା ବେଳେ ଶିଷ୍ୟ ମଧ୍ୟ ଏହାକୁ ସବୁଦିନ ପାଇଁ ନିଜ ଭିତରେ ହିଁ ସୀମିତ ରଖନ୍ତି। ଏହାର ଅର୍ଥ ଗୁରୁ ମନ୍ତ୍ର କାହାକୁ କୁହାଯାଏ ନାହିଁ। କୁହାଯାଏ ମନ୍ତ୍ର ଅନ୍ୟ କାହାରିକୁ କହିବା ଦ୍ୱାରା ଏହାର ଶକ୍ତି କମ୍ ହୋଇଯାଏ। ଶିଷ୍ୟର ମନ୍ତ୍ର ଜପକୁ ନେଇ ଏକାଗ୍ରତା କମ୍ ହୋଇଯାଏ। ଏହା ଦ୍ୱାରା ଗୁରୁ ମନ୍ତ୍ରର ଲାଭ ପ୍ରାପ୍ତ ହୁଏ ନାହିଁ।
- ଧାର୍ମିକ ମାନ୍ୟତାନୁସାରେ, ଗୁରୁ ମନ୍ତ୍ର ସାଧକଙ୍କୁ ଆଧ୍ୟାତ୍ମିକ ଅନୁଶାସନ, ଏକାଗ୍ରତା, ଆତ୍ମଚିନ୍ତନର ମାର୍ଗ ଦେଖାଏ। ଗୁରୁ ମାର୍ଗଦର୍ଶନରେ ନିୟମିତ ମନ୍ତ୍ର ଜପ କରିବା ଦ୍ୱାରା ସାଧକ ମନ ଶାନ୍ତ ରହେ। ତା'ସହ ସେ ନିଜ ଇଷ୍ଟଙ୍କ ପ୍ରତି ଭକ୍ତି ଓ ସାଧନାରେ ଅଧିକ ଏକାଗ୍ର ହୋଇପାରେ। ଅବଶ୍ୟ ଗୁରୁ ମନ୍ତ୍ର ଓ ସାଧନା ସହିତ ଜଡ଼ିତ ନିୟମ ଅଲଗା ଅଲଗା ସଂପ୍ରଦାୟ ଏବଂ ଗୁରୁ ପରମ୍ପରାରେ ଅଲଗା ହୋଇପାରେ।

## ଚତୁର୍ମାସରେ ବିଷ୍ଣୁ ପୂଜାର ନିୟମ

ହରିଶୟନ ଏକାଦଶୀରୁ ଆରମ୍ଭ ହୋଇଛି ଚତୁର୍ମାସ। ଏହା ଚାରିମାସ ଧରି ବଳବତ୍ତର ରହିବ। କାଳ ଅଶୁଦ୍ଧି ହେତୁ ଏହି ସମୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ପାଇଁ ବାରଣ କରାଯାଇଥାଏ। ଚତୁର୍ମାସରେ ସୃଷ୍ଟିର ପାଳନ କର୍ତ୍ତା ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥାନ୍ତି। ଏହି ସମୟରେ ବିଷ୍ଣୁଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ମନୋକାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମାସରେ କିଭଳି ପୂଜା ନିୟମ ପାଳନ କରିବା ଦରକାର, ସେ ସମ୍ପର୍କରେ ଜାଣିବା।



- ଏହି ମାସରେ ଭଗବାନ ବିଷ୍ଣୁଙ୍କୁ ଦୀପଦାନ ଏବଂ ଧ୍ୱଜା ଦାନ କରିବା ଉଚିତ।
- ଗାଈଙ୍କୁ ଘାସ ଖାଇବାକୁ ଦେବା ଉତ୍ତମ।
- ଚତୁର୍ମାସରେ କରାଯାଉଥିବା ପୂଜାପାଠ ଅନ୍ୟ ସମୟ ତୁଳନାରେ ୧୦ ଗୁଣ ଅଧିକ ଫଳଦାୟୀ ହୋଇଥାଏ।
- ଶାଳଗ୍ରାମ ପାଖରେ ଘିଅ ଦୀପ ଜାଳିଲେ ଶ୍ରୀହରିଙ୍କ କୃପା ଦୃଷ୍ଟି ପଡ଼ିଥାଏ।
- ଏହି ମାସରେ ଶ୍ରୀମଦ୍ ଭଗବତ ଗୀତା ଏବଂ ବିଷ୍ଣୁ ସହସ୍ରନାମ ପାଠ, ଶ୍ରୀ ରାମକଥା ବଚନ ପଢ଼ିବା ଉଚିତ।
- ଏହି ମାସରେ ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାରକୁ ପୂଜା କରାଯାଏ। ଏହି ରୂପକୁ ଆରାଧନା କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିବା ସହ ବୈକୁଣ୍ଠ ପ୍ରାପ୍ତି ହୁଏ।
- ଚତୁର୍ମାସରେ ଭଗବାନ ବିଷ୍ଣୁଙ୍କ ସହ ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଧନ ଆଗମନ ହୁଏ।
- ଦକ୍ଷିଣାବର୍ତ୍ତୀ ଶଙ୍ଖରେ ଅଭିଷେକ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି।

## ଭାରତକୁ ଡବଲ୍ ବିଶ୍ୱକପ୍ ଯୋଗ୍ୟତା

**ୟୁଥ୍ ୫-ଏ ସାଇଡ୍ ହକି**

ମସ୍କାଟ,୨୬।୭ (ଏଜେନ୍ସି): ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରି ଭାରତୀୟ ବାଳକ ଦଳ ଏଠାରେ ଅନୁଷ୍ଠିତ ଏସୀୟ ୟୁଥ୍ ୫-ଏ ସାଇଡ୍ ହକିରେ ଚାମ୍ପିଅନ ହୋଇଛି। ସେହିପରି ବାଳିକା ବିଭାଗରେ ଚୀନ୍‌ଠାରୁ ୨-୪ ଗୋଲରେ ପରାଜିତ ହୋଇ ବାଳିକା ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଫଳରେ ଭାରତର ଉଭୟ ଦଳ ଆଗାମୀ ଏଫ୍‌ଆଇଏଚ୍ ୟୁଥ୍ ୫-ଏ ସାଇଡ୍ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ବିଜୟ ଫଳରେ ହକି ଇଣ୍ଡିଆ ପକ୍ଷରୁ ସ୍ୱର୍ଣ୍ଣ ବିଜେତା ବାଳକ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଲେଖାଏଁ, ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଲେଖାଏଁ, ରନର୍ସଅପ୍ ବାଳିକା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧ ଲକ୍ଷ ଲେଖାଏଁ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫୦ ହଜାର ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ଭାରତର ଉଭୟ ଦଳକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

## ମାଷ୍ଟର ଶକ୍ତିଉତ୍ତୋଳକଙ୍କୁ ୫ ପଦକ

ଭୁବନେଶ୍ୱର, ୨୬।୭ (ସମିସ): ମହାରାଷ୍ଟ୍ରରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ମାଷ୍ଟରମାନେ ୫ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାଷ୍ଟର-୨'ରେ କୃଷ୍ଣଚନ୍ଦ୍ର ସାହୁ ରୌପ୍ୟ, ଉମାକାନ୍ତ ବେହେରା, ମୋହନ ନାଗ, ବାବୁଲା ସାମଲ ଓ ବିଟିଭି ରମଣମୂର୍ତ୍ତି କାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ବେଞ୍ଚପ୍ରେସ୍‌ରେ ମହିଳାମାନେ ଦମ୍ ଦେଖାଇ କାଂସ୍ୟ ବିଜୟରେ ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ମଧ୍ୟରେ ରୀତା ଘୋଷ, ପ୍ରତିମା ରଥ, ଗୀତାଞ୍ଜଳି ନାୟକ ଓ ମୌସୁମୀ ଟକରି କାଂସ୍ୟ ପଦକ ନେଇ ଫେରିଥିଲେ। ରାକେଶ ଶତପଥୀଙ୍କ ପ୍ରଶିକ୍ଷଣ ଏମାନଙ୍କୁ ପଦକ ଜିତାଇବାରେ ସହାୟତା କରିଥିଲା। ଏହି ସଫଳ ପ୍ରତିଯୋଗୀଙ୍କୁ ଡଃ ହରିପ୍ରସାଦ ପଟ୍ଟନାୟକ, ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି ଓ ପ୍ରଦୀପ ପାତ୍ର ଅଭିନନ୍ଦନ ଜଣାଇଛନ୍ତି।

## କେଭି ଜାତୀୟ ସୁଟିଂରେ ସତ୍ୟମ୍‌ଙ୍କୁ ରୌପ୍ୟ



ଭୁବନେଶ୍ୱର, ୨୬।୭ (ସମିସ): ପଞ୍ଜାବର ଫଗୱାରାଠାରେ ଶେଷ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୫୫ତମ ବାର୍ଷିକଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩'ର ୮ମ ଶ୍ରେଣୀ ଛାତ୍ର ସତ୍ୟମ ବିଷୋୟୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ୧୦ ମିଟର ଏୟାର ରାଇଫଲ ପିପ୍ ସାଇଟ୍ ଇଭେଣ୍ଟର ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଏହି ସଫଳତା ପାଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ସତ୍ୟମଙ୍କ ନିଜ ଘର ବେଗୁନିଆରେ। ତାଙ୍କର ଏହି ସଫଳତା ଲାଗି କେଭି-୩'ର ପ୍ରିନ୍ସିପାଲ, ଶିକ୍ଷକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ବାହୁକୁସ୍ତି ସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ବାହୁକୁସ୍ତି ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ ରାଜ ସଭାପତି ଓ ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଶର୍ମା, ଉପସଭାପତି ଭାବେ ସୁଶାନ୍ତ କୁମାର ପାତ୍ର ଓ ସଞ୍ଜୀବ କୁମାର ଚିନାରା, ଯୁଗ୍ମ ସମ୍ପାଦକ ସାଗର ନାୟକ ଓ ଗୌରାଙ୍ଗ ପାତ୍ର, ସହସମ୍ପାଦକ ଭାବେ ଶଶିକାନ୍ତ ଜେନା ଓ କୋଷାଧ୍ୟକ୍ଷ ଭାବେ ଗୋପାଳଚନ୍ଦ୍ର ନାୟକ ଆସନ୍ତା ୪ ବର୍ଷ ଲାଗି ମନୋନୀତ ହୋଇଛନ୍ତି।



FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ରେକର୍ଡ ସହ ରିଷିକାନ୍ତଙ୍କୁ ରୌପ୍ୟ

ଗ୍ଲାସ୍‌ଗୋ,୨୬।୭ (ଏଜେନ୍ସି)

ରିଷିକାନ୍ତ ସିଂ ଏଠାରେ ଚାଲିଥିବା ୨୩ତମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତ ଲାଗି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।



ରବିବାର ଅନୁଷ୍ଠିତ ପୁରୁଷ ୬୦ କିଲୋଗ୍ରାମ ଭାରୋତ୍ତୋଳନରେ ରିଷିକାନ୍ତ ସ୍ନାଚ୍‌ରେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିବା ପରେ ଓଭରଅଲ ପୋଜିସନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ରବିବାର ରାତିରେ ମୀରାବାଇ ଚାନୁ ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ। ଏହା ପୂର୍ବରୁ ପାରା ଭାରୋତ୍ତୋଳନରେ ଝଣ୍ଟୁ କୁମାର ପ୍ରଥମ ପଦକ ଭାବେ କାଂସ୍ୟ ହାସଲ କରିଥିଲେ। ରବିବାର ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନିରାଶାଜନକ ହୋଇଥିଲାବେଳେ ରିଷିକାନ୍ତଙ୍କ ରେକର୍ଡ ଓ ଶ୍ରୀହରି ନଟରାଜଙ୍କ ନେତୃତ୍ୱରେ ଭାରତର ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ରିଲେ ଟିମ୍ ଫାଇନାଲରେ ପ୍ରବେଶ କରିବା ଉଲ୍ଲେଖନୀୟ ହୋଇଥିଲା।

ପୂର୍ବରୁ ପୁରୁଷ ୬୦ କିଲୋଗ୍ରାମ୍ ଶ୍ରେଣୀର ଫାଇନାଲରେ ରିଷିକାନ୍ତ ସିଂ ସ୍ନାଚ୍‌ର ତୃତୀୟ ପ୍ରୟାସରେ ୧୨୧ କେଜି ଓଜନ ଉଠାଇ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଥିଲେ। ଏହି ପ୍ରଦର୍ଶନ ପରେ ସେ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଚାଲିଆସିଥିଲେ। ପ୍ରଥମ ସ୍ଥାନରେ ଥିବା ମାଲେସିଆର ମହମ୍ମଦ୍ ଅନିକ୍ ବିନ୍ କାସଦନ ଓ ରିଷିକାନ୍ତଙ୍କ ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ଜୋରଦାର ଲଢ଼େଇ ହୋଇଥିଲା। ଏଥିରେ ପ୍ରଥମ ଆଟେମ୍ପଟରେ ରିଷିକାନ୍ତ ୧୪୩ କେଜି ଓଜନ ଉଠାଇଥିଲେ ଅନ୍ୟ ଦୁଇଟିରେ ଫେଲ ମାରିଥିଲେ। ଅନ୍ୟ ପକ୍ଷରେ ଦ୍ୱିତୀୟ ପ୍ରୟାସରେ ଅନିକ୍ ୧୪୫ କେଜି ଉଠାଇ ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ଉଭୟ ସ୍ନାଚ୍‌ରେ ୧୨୧ କେଜି ଓଜନ ଉଠାଇ ରେକର୍ଡ କରିଥିଲାବେଳେ ଅନିକ୍ ମୋଟରେ ୨୬୬ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଓ ରିଷିକାନ୍ତ ୨୬୪ କେଜି ଓଜନ ଉଠାଇ ରୌପ୍ୟ ଜିତିଥିଲେ।

### ନିରାଶ କଲେ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ

ଯେଉଁ ସୁବିଧା ଭାରତରେ ନାହିଁ ତାହା ଓଡ଼ିଶା ଯୋଗାଇଲା। କଳିଙ୍ଗ ଷ୍ଟାଡିୟମ୍‌ରେ ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ଆପାରଟସ ଓ ଶ୍ରେଷ୍ଠ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦେଇ ଟ୍ରେନିଂ ଦିଆଗଲା। କିନ୍ତୁ ଫଳ ପୂର୍ବରୁ ଯାହା ଥିଲା, ସେତିକିରେ ଅଟକିଗଲା। ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅନୁଷ୍ଠିତ ଆର୍ଟିଷ୍ଟିକ୍ ଟିମ୍ ଇଭେଣ୍ଟରେ ଭାରତ ୧୨୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଗଲା। ଯେଉଁ ଦେଶରେ ଏହି କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଏ ନାହିଁ ଯଥା ୱେଲ୍ସ, ସ୍କଟଲାଣ୍ଡ ଓ ସିଙ୍ଗାପୁର ପ୍ରଥମ ୩ଟି ସ୍ଥାନରେ ରହିଲେ। ବ୍ୟକ୍ତିଗତ ଭଲ୍ଟ ଇଭେଣ୍ଟରେ ମହିଳା ଜିମ୍ନାଷ୍ଟ ପ୍ରତିଷ୍ଠା ସାମନ୍ତ ତୃତୀୟ ସ୍ଥାନ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ କଳିଙ୍ଗରେ ଓଡ଼ିଶାର କନ୍ୟା ଭାବେ କିଛି ଓଡ଼ିଆ ଦାବି କରୁଥିବା ବେଙ୍ଗଲର ପ୍ରଣତି ନାୟକ ୭ମ ସ୍ଥାନରେ ରହିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଏମାନଙ୍କ ଭାଗ୍ୟ ନିର୍ଣ୍ଣିତ ହେବ। ଓଡ଼ିଶାର ତପନ ମହାନ୍ତି ମଧ୍ୟ ଆଜି ଇଣ୍ଡିଭିଜୁଆଲ ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି।

### ସନ୍ତରଣ ରିଲେ ଟିମ୍‌ର ଦମ୍‌ଦାର ପ୍ରଦର୍ଶନ

ଭାରତୀୟ ସନ୍ତରଣ ଦଳ ପୁରୁଷ ୪ ଗୁଣା ୨୦୦ ଫ୍ରିଷ୍ଟାଇଲ ରିଲେ ଟିମ୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଦମ୍‌ଦାର ପ୍ରଦର୍ଶନ କରିଛି। ଶ୍ରୀହରି ନଟରାଜ, ଆର୍ଯ୍ୟନ ନେହେରା, ଅନୀସ ଗୌଡ ଓ ଦକ୍ଷନ ଶଶିକୁମାର ଏହି ରିଲେ ଟିମ୍‌ର ସଦସ୍ୟ ରହିଥିଲେ। ଆଜି ଅନୁଷ୍ଠିତ ଦ୍ୱିତୀୟ ହିଟ୍‌ସରେ ଭାରତୀୟ ରିଲେ ଟିମ୍ ୭.୩୯.୪୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଫଳରେ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ରବିବାର ବିଳମ୍ବିତ ରାତିରେ ହେବାକୁ ଥିବା ଫାଇନାଲରେ ଏହି ରିଲେ ଟିମ୍ ଭଲ ପ୍ରଦର୍ଶନ କରିବ ବୋଲି ଭାରତୀୟ ଦଳ ଆଶା ରଖିଛି।

**ଜିମ୍ବାୱେର ହ୍ୟାଟ୍ରିକ ପରାଜୟ**

# ଭାରତର ସିରିଜ କ୍ଲିନ୍‌ସୁଇପ୍

ହରାରେ, ୨୬।୭ (ଏଜେନ୍ସି)

ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ଅନ୍ତିମ ତଥା ତୃତୀୟ ଟି-୨୦ ମ୍ୟାଚରେ ଭାରତ ୩୫ ରନରେ ଘରୋଇ ଜିମ୍ବାୱେକୁ ହରାଇଦେଇଛି। ଫଳରେ ତିନି ମ୍ୟାଚବିଶିଷ୍ଟ ସିରିଜକୁ ଶ୍ରେୟସ ଆୟରଙ୍କ ଦଳ ୩-୦ରେ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଭାରତ ଯଥାକ୍ରମେ ୭ ୱିକେଟ୍ ଓ ୯୦ ରନରେ ବିଜୟୀ ହୋଇଥିଲା। ଭାରତ ଏବେ ଶ୍ରୀଲଙ୍କା ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଅଗଷ୍ଟ ୧୫ରୁ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।

**ସୂର୍ଯ୍ୟବଂଶୀଙ୍କ ଦ୍ୱିତୀୟ ଅର୍ଦ୍ଧଶତକ**

ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତୀୟ ଦଳ ୫ ୱିକେଟରେ ୧୯୨ ରନର ବିଶାଳ ସ୍କୋର କରିଥିଲା। ସିରିଜରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ୪୯ ବଲରେ ୮୧ ରନ (୮ ଚୌକା ଓ ୪ ଛକା)ର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୨୯, ଅଧିନାୟକ ଶ୍ରେୟସ ଆୟର ୨୭, ରିଙ୍କୁ ସିଂ ୨୫, ତିଲକ ବର୍ମା ୧୧* ଓ ଅଭିଷେକ ଶର୍ମା ୨ ରନ କରିଥିଲେ। ଜିମ୍ବାୱେର ବ୍ରାଡ୍ ଇଭାନ୍ସଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଜିମ୍ବାୱେ ର୍‍ୟାନ ବର୍ଲ (୪୩ ବଲରେ ୫୪ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ସତ୍ତ୍ୱେ ୭ ୱିକେଟରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ମୟଙ୍କ ଯାଦବ ୩ଟି ଓ ଯଶ ଠାକୁରଙ୍କୁ ୨ଟି ୱିକେଟ୍ ମିଳିଥିଲା। ସୂର୍ଯ୍ୟବଂଶୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।



### ■ ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍ ଭାରତ ପୁଣି ନଂ-୧

ଦୁବାଇ,୨୬।୭ (ଏଜେନ୍ସି): ଆଇସିସି ଦ୍ୱାରା ସଦ୍ୟ ପ୍ରକାଶିତ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତ ପୁଣିଥରେ ନଂ-୧ ସ୍ଥାନକୁ ଫେରିଛି। ଜିମ୍ବାୱେ ବିପକ୍ଷ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଭାରତ ୧୫ଦିନ ପରେ ଶୀର୍ଷ ସ୍ଥାନକୁ ଫେରିଥିଲା। ଜିମ୍ବାୱେ ସିରିଜ୍ ପୂର୍ବରୁ ଭାରତ ୨-୦ରେ ଆୟର୍ଲାଣ୍ଡଠାରୁ ଓ ୪-୦ରେ ଇଂଲଣ୍ଡଠାରୁ ହାରିଯିବା ପରେ ଦୀର୍ଘ ୧୬୦୫ ଦିନ ପରେ ନଂ-୧ ପୋଜିସନ ହରାଇଥିଲା। ଇଂଲଣ୍ଡ ନୂଆ ନଂ-୧ ଟିମ୍ ହୋଇଥିଲା। ଜିମ୍ବାୱେ ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ୍ ପରେ ଉଭୟ ଦଳର ରେଟିଂ ପଏଣ୍ଟ ସମାନ ୨୬୮ ରହିଛି। କିନ୍ତୁ ରେଟିଂ ଡେସିମାଲରେ ଭାରତ ଆଗରେ ଥିବାରୁ ନଂ-୧ ସ୍ଥାନ ପୁଣିଥରେ ହାସଲ କରିନେଇଛି।

**● ରାଜ୍ୟ ଜୁନିଅର ଭାରୋତ୍ତୋଳନ**

## ଭୁବନେଶ୍ୱର, ଗଞ୍ଜାମର ପ୍ରାଧାନ୍ୟ ଅବ୍ୟାହତ




ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଓ ଭୁବନେଶ୍ୱରର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର ଅବ୍ୟାହତ ରଖିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିନରେ ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଦେବାଂଶୀ ପ୍ରିୟଦର୍ଶିନୀ ଓ ତପସ୍ୱୀନୀ ସିଂ, ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ମଞ୍ଜିତା କଲାର, ମୋମି କବାସି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ବିଭାଗରେ ବି ଜଗବନ୍ଧୁ ପାତ୍ର, ଗଗନଦୀପ ମହାନ୍ତ, ଆଦିତ୍ୟ କୁମାର ମଲ୍ଲିକ, ୧୪ ବର୍ଷରୁ କମ ବାଳକ ବିଭାଗରେ ଅନୁଭବ ରଣା, ଦୀପକ ସାଆନ୍ତା, ଘାସୀରାମ ନାଏକ ପ୍ରମୁଖ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ରାଜ୍ୟ ଭାରୋତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

## ଗ୍ରୀକ୍ କ୍ଲବ୍ ପକ୍ଷରୁ ଖେଳିବେ ମନୀଷା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଭାରତୀୟ ମହିଳା ଫୁଟବଲ୍ ଦଳର ତାରକା ୱିଙ୍ଗର ମନୀଷା କଲ୍ୟାଣ ଗ୍ରୀକ୍ କ୍ଲବ ଏଇକେ ଏଥେନ୍ସ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ୨୪ ବର୍ଷୀୟା ମନୀଷା ଏହି ସୂଚନା ଦେଇଛନ୍ତି। ଫଳରେ ମନୀଷାଙ୍କ ଫୁଟବଲ୍ କ୍ୟାରିୟରରେ ଏହା ୪ର୍ଥ ବିଦେଶୀ କ୍ଲବ ହେବ। ମନୀଷା ଏଥିପୂର୍ବରୁ ପେରୁର ଆଲିଆଞ୍ଜା ଲିମା ଫେମେନିନୋ କ୍ଲବ ପକ୍ଷରୁ ଖେଳୁଥିଲେ। ସେହିଭଳି ୨୦୨୨ରେ ସେ ୟୁଫା ଓମେନ୍ସ ଚାମ୍ପିଅନ୍ସ ଲିଗରେ ସାଇପ୍ରସଭିତ୍ତିକ କ୍ଲବ ଆପୋଲୋନ ଲେଡିଜ ଏଫ୍‌ସି ପାଇଁ ପ୍ରତିନିଧିତ୍ୱ କରିଥିଲେ। ଫଳରେ ସେ ପ୍ରଥମ ଭାରତୀୟ ଫୁଟବଲର୍ ଭାବେ ୟୁଫା ମହିଳା ଚାମ୍ପିଅନ୍ସ ଲିଗ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

## ତନ୍‌ଭୀଙ୍କୁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ଦେଲା ଓସ୍‌ବା



ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ପକ୍ଷରୁ ରାଜ୍ୟର କୃତି ଖେଳାଳି ଓ କର୍ମକର୍ତ୍ତାଙ୍କୁ ରବିବାର ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅବସରରେ ଓସ୍‌ବା' ସାଧାରଣ ପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗତବର୍ଷ ଏଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଥିବା ତନ୍‌ଭୀ ପତ୍ରୀଙ୍କୁ ଓସ୍‌ବା ପକ୍ଷରୁ ୫ ଲକ୍ଷ ଟଙ୍କା, ପୁଷ୍ପଗୁଚ୍ଛ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହା ବ୍ୟତୀତ ବାଳିକା ଯୁଗଳରେ ରନର୍ସ ଅପ୍ ହୋଇଥିବା ନିମିଶା ଓଝା ଓ ସ୍ୱାତୀ ନାୟକଙ୍କୁ ୧ଲକ୍ଷ ୨୫ ହଜାର ଏବଂ ବିକାଶ ଟପ୍ପୋଙ୍କୁ ମଧ୍ୟ ୧ ଲକ୍ଷ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶାରେ ୪ଟି ଜୋନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପ୍ରତିଷ୍ଠା କରାଯିବାକୁ ଏହି ବୈଠକରେ ସ୍ଥିର କରାଯାଇଛି। ଏଥିରେ ଆଭାସୀ ମାଧ୍ୟମରେ ଓସ୍‌ବାର ସଭାପତି ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜେଶ ପ୍ରଭାକର ପାଟିଲ ଯୋଗଦେଇଥିଲେ। ବରିଷ୍ଠ ଉପସଭାପତି କାର୍ତ୍ତିକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନୀଳିନ କୁମାର, କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ଉପସ୍ଥିତ ଥିଲେ।

**ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ୍**

## ଇଶାନି ଚାମ୍ପିଅନ, ଆହାନ ରନର୍ସଅପ୍



ଭୁବନେଶ୍ୱର,୨୬।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଇଶାନି ଦାସ ଚାମ୍ପିଅନ ହୋଇଥିଲାବେଳେ ବ୍ଲୁଜମ୍ସ ସ୍କୁଲର ଆହାନ ଅଭିଜ୍ଞାନ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରିୟଦର୍ଶିନ ରାୟ ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଆଦର୍ଶ କୁମାର ରାଉତ ୫ମ ସ୍ଥାନ ଅଧିକାର କରିଥିଲେ। ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ନନ୍ଦିଘୋଷ
NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS